
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ଗୁରୁବାର ୦୯ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 April 2026
Vol.No. 36 ■ No.94 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ସାବରିମାଳା ପ୍ରସଙ୍ଗରେ ସୁପ୍ରିମକୋର୍ଟର ଶୁଣାଣି



ନୂଆଦିଲ୍ଲୀ,୦୮/୪ : ସାବରିମାଳା ମନ୍ଦିର ସମେତ ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରତି ଭେଦଭାବ ଏବଂ ବିଭିନ୍ନ ଧର୍ମ ଦ୍ୱାରା ପାଳନ କରାଯାଉଥିବା ଧାର୍ମିକ ସ୍ୱାଧୀନତାର ପରିସର ଏବଂ ପରିସର ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟର ନଅ ଜଣିଆ ଖଣ୍ଡପୀଠ ଚୂଡ଼ାନ୍ତ ଶୁଣାଣି ଆରମ୍ଭ କରିଛନ୍ତି। ଖଣ୍ଡପୀଠ ଧାର୍ମିକ ସ୍ୱାଧୀନତା ଏବଂ ଧାର୍ମିକ ସମ୍ପ୍ରଦାୟ ସହିତ ଜଡିତ ଧାରା ୨୫ ଏବଂ ୨୬ ଉପରେ ନିର୍ଦ୍ଦିଷ୍ଟ ଭାବରେ ବିଚାର କରିବାକୁ ସ୍ଥିର କରିଛନ୍ତି। ଗତକାଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ବୟସ ଗୋଷ୍ଠୀ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଲିଙ୍ଗକୁ ପୂଜାସ୍ଥଳରେ ପ୍ରବେଶରୁ ନିଷିଦ୍ଧ କରିବା ଭେଦଭାବ ନୁହେଁ। ସାମ୍ବିଧାନିକ ଖଣ୍ଡପୀଠ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିଭି ନାଗରତ୍ନା, ଏମ୍ ଏମ୍ ସୁନ୍ଦରେଶ, ଆହସାନୁଦ୍ଦିନ୍ ଅମାନୁଲ୍ଲା, ଅରବିନ୍ଦ କୁମାର, ଅଗଷ୍ଟିନ୍ ଜର୍ଜ ମସିହ, ପ୍ରସନ୍ନ ବି ଭାରେଲେ, ଆର ମହାଦେବନ ଓ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ହୋଇଛି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ଏକ ଧର୍ମନିରପେକ୍ଷ କୋର୍ଟ କେବଳ ଏକ ଧାର୍ମିକ ପ୍ରଥାକୁ ଅନ୍ଧବିଶ୍ୱାସ ଭାବରେ ଲେବଲ କରିପାରିବେ ନାହିଁ, କାରଣ ଏପରି ଏକ ବିଷୟ ନିର୍ଣ୍ଣୟ କରିବା ପାଇଁ ବିଶେଷଜ୍ଞତାର ଅଭାବ ରହିଛି । ସେ ଆହୁରି ମଧ୍ୟ କହିଛନ୍ତି, ନାଗାଲାଣ୍ଡର ଏକ ସମ୍ପ୍ରଦାୟ ପାଇଁ ଯାହା ଧାର୍ମିକ ବୋଲି ବିବେଚନା କରାଯାଏ ତାହା ମୋତେ ଅନ୍ଧବିଶ୍ୱାସ ଭାବରେ ମନେ ହୋଇପାରେ। ଆମର ସମାଜ ବହୁ ବିବିଧ, ବିଭିନ୍ନ ଲୋକ, ଧର୍ମ ଏବଂ ବିଶ୍ୱାସ ରହିଛି। ଏପରି ପରିସ୍ଥିତିରେ, କୋର୍ଟ ପାଇଁ ଏପରି ରାୟ ଦେବା ବିପଦପୂର୍ଣ୍ଣ ହୋଇପାରେ। ଜଷ୍ଟିସ୍ ଅମାନୁଲ୍ଲାହ ଖାନ କହିଥିଲେ, ସଲିସିଟର ଜେନେରାଲ ମାମଲାକୁ ଅଧିକ ସରଳ କରିଦେଇଛନ୍ତି। ଅନ୍ଧବିଶ୍ୱାସ କ'ଣ ତାହା ନିର୍ଣ୍ଣୟ କରିବା ପାଇଁ କୋର୍ଟର ନ୍ୟାୟିକ ସମୀକ୍ଷାର କ୍ଷମତା ଅଛି। ତେବେ ଏପରି ବିଷୟ ଉପରେ ଆଇନ ପ୍ରଣୟନ କିମ୍ବା କାର୍ଯ୍ୟାନୁଷ୍ଠାନ ନେବା ବିଧାନସଭା (ସଂସଦ କିମ୍ବା ବିଧାନସଭା)ର ଦାୟିତ୍ୱ ହୋଇପାରେ, କିନ୍ତୁ ଏହା କୁହାଯାଇପାରିବ ନାହିଁ ଯେ କେବଳ ବିଧାନସଭା ହିଁ ଶେଷ ନିଷ୍ପତ୍ତି ନେବ। ନ୍ୟାୟମୂର୍ତ୍ତି ସୁନ୍ଦରେଶ କହିଛନ୍ତି, ଧର୍ମରେ ତର୍କର ଧାରଣା ପ୍ରୟୋଗ କରାଯାଇପାରିବ ନାହିଁ। ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରତି ଭେଦଭାବ ପ୍ରସଙ୍ଗ ଗତ ୨୬ବର୍ଷ ଧରି ଦେଶର କୋର୍ଟଗୁଡ଼ିକରେ ବିଚାରାଧୀନ ଅଛି। ୨୦୧୮ ମସିହାରେ, ଏକ ପାଞ୍ଚ ଜଣିଆ ଖଣ୍ଡପୀଠ, ୪:୧ ବହୁମତରେ, ମନ୍ଦିରରେ ମହିଳାଙ୍କ ପ୍ରବେଶ ଉପରେ ଥିବା ପ୍ରତିବନ୍ଧକକୁ ଉଠାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଅନେକ ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟର ଏକ ନଅ ଜଣିଆ ସମ୍ବିଧାନ ଖଣ୍ଡପୀଠ ୭ ଏପ୍ରିଲରୁ ୨୨ ଏପ୍ରିଲ ପର୍ଯ୍ୟନ୍ତ ୫୦ ରୁ ଅଧିକ ଆବେଦନର ଶୁଣାଣି କରିବେ।

## ନିର୍ବାଚନ ଆୟୋଗ- ଟିଏମ୍ସି ବୈଠକରେ ଝଡ଼



ନୂଆଦିଲ୍ଲୀ,୦୮/୪ : ତୃଣମୂଳ କଂଗ୍ରେସ (ଟିଏମସି) ଓ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ମଧ୍ୟରେ ବିବାଦ କମିବା ଅପେକ୍ଷା ବଢ଼ିବାରେ ଲାଗିଛି। ବୁଧବାର ସକାଳେ ଟିଏମ୍ସିର ଏକ ପ୍ରତିନିଧି ଦଳ ଏବଂ ଭାରତୀୟ ନିର୍ବାଚନ ଆୟୋଗ ମଧ୍ୟରେ ହୋଇଥିବା ବୈଠକ ତିକ୍ତତାରେ ଶେଷ ହୋଇଛି। ଟିଏମସି ଅଭିଯୋଗ କରିଛି ଯେ, ମୁଖ୍ୟ ନିର୍ବାଚନ ଆୟୁକ୍ତ ସେମାନଙ୍କୁ ସେଠାରୁ ଚାଲିଯିବା ପାଇଁ କହିଥିଲେ। ବୈଠକ ପରେ ଟିଏମସି ରାଜ୍ୟସଭା ସାଂସଦ ଡେରେକ୍ ଓ'ବ୍ରାଏନ୍ ଗଣମାଧ୍ୟମକୁ କହିଥିଲେ ଯେ, ପ୍ରତିନିଧି ଦଳ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଚିଠି ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ପ୍ରଦାନ କରିଥିଲା । କିନ୍ତୁ ସିଇସି ମାତ୍ର ୫ ମିନିଟରେ ସେମାନଙ୍କୁ ସେଠାରୁ ତଡ଼ି ଦେଇଥିଲେ। ଡେରେକ୍ କହିଛନ୍ତି ବୈଠକ ସକାଳ ୧୦ଟା ୨ ମିନିଟରେ ଆରମ୍ଭ ହୋଇ ୧୦ଟା ୭ ମିନିଟରେ ଶେଷ ହୋଇଯାଇଥିଲା। ଅନ୍ୟପକ୍ଷରେ ନିର୍ବାଚନ ଆୟୋଗଙ୍କ ସୂତ୍ର ପକ୍ଷରୁ କୁହାଯାଇଛି ଯେ, ଡେରେକ୍ ସିଇସି ଜ୍ଞାନେଶ କୁମାରଙ୍କୁ କହିବାରୁ ଅଟକାଇବା ସହିତ ଧମକ ଦେଇଥିଲେ। ସେ କେ?ଣସି କଥା ଶୁଣୁ ନଥିଲେ। ସୂଚନାଯୋଗ୍ୟ, ଇଣ୍ଡି ମେଣ୍ଟ ଏହି ପ୍ରସଙ୍ଗରେ ଅପରାହ୍ଣ ୪ଟା ୪୫ ମିନିଟରେ ଏକ ସାମ୍ବାଦିକ ସମ୍ମିଳନୀ କରିବାକୁ ଘୋଷଣା କରିଛି। ଟିଏମ୍ସି ସହିତ ବୈଠକ ପରେ ସକାଳ ୧୦ଟା ୨୦ ମିନିଟରେ ନିର୍ବାଚନ ଆୟୁକ୍ତ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଟିଏମ୍ସିକୁ କଡ଼ା ବାର୍ତ୍ତା ଦେଇଛନ୍ତି। ଏଥର ପଶ୍ଚିମବଙ୍ଗରେ ନିର୍ବାଚନ ଭୟ ଏବଂ ହିଂସା ମୁକ୍ତ ହେବ ବୋଲି କହିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଭୟ, ହିଂସା, ଧମକ ଏବଂ ପ୍ରଲୋଭନ ମୁକ୍ତ ହେବା ଉଚିତ ବୋଲି ନିର୍ବାଚନ ଆୟୋଗ ଘୋଷଣା କରିଥିଲେ। ବୁଥ୍ କ୍ୟାପଚରିଂ ଭଳି ବେଆଇନ କାର୍ଯ୍ୟ ବିରୋଧରେ ମଧ୍ୟ ନିର୍ବାଚନ ଆୟୋଗ ଏହି ଚେତାବନୀ ଦେଇଥିଲେ।

## ବାତ୍ୟା, ବନ୍ୟା ବିପର୍ଯ୍ୟୟକୁ ବଳିଗଲା କାଳବୈଶାଖୀ ଦୁଃଖ

ଭୁବନେଶ୍ୱର, ୦୮/୪ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ତାଣ୍ଡବ ରଚିଛି କାଳବୈଶାଖୀ । ବର୍ଷା, ପବନରେ ଘର ଦ୍ୱାର, ବଡ ବଡ଼ ଗଛ ଭାଙ୍ଗି ପଡିଛି। କୁଆ ପଥର ମାଡରେ ସୁନାର ଫସଲ ଉଜୁଡି ଯାଇଛି। ଉଜୁଡା କ୍ଷେତ ଦେଖି କୋହ ଭାଗ୍ୟକୁ ନିନ୍ଦୁଛି ଚାଷୀ । କ୍ଷତି ପୂରଣ ଦାବିରେ ରାସ୍ତାକୁ ଓହ୍ଲାଇଛି । ବାତ୍ୟା, ବନ୍ୟା ବିପର୍ଯ୍ୟୟକୁ ବଳି ଯାଇଛି କାଳବୈଶାଖୀର ତାଣ୍ଡବ। ମାତ୍ର କିଛି ସମୟ ଭିତରେ ରାଜ୍ୟର ବିଭିନ୍ନ ଅଂଚଳର ହଜାର ହଜାର ପରିବାରର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। କୁଆପଥର ବର୍ଷା ଓ ପ୍ରବଳ ପବନରେ ଭାଂଗି ଯାଇଛି ବହୁ ଘର। କେଉଁଠି ଛପର ଉଡାଇ ନେଇଛି ତ ଆଉ କେଉଁଠି କୁଆପଥର ମାଡ଼ରେ ଭାଂଗି ଯାଇଛି । କେନ୍ଦୁଝର ପାଟଣା ଅଂଚଳର ଏହି ଦୃଶ୍ୟକୁ ଦେଖନ୍ତୁ । ଘର ଆଗରେ ଥିବା ଗାଡ଼ି ବି କାଳବୈଶାଖୀ କୋପରୁ ବାଦ ପଡିନି । କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିବା ସହ ତହସିଲ ଅଫିସ ଘେରାଉ କରିଛନ୍ତି ଲୋକେ। ଭଦ୍ରକ ତିହିଡ଼ି ନରେନ୍ଦ୍ରପୁର ଗାଁରେ ବ୍ୟାପକ୍ କ୍ଷତି କରିଛି। ଲୋକଙ୍କ ଘରର ଆଜବେଷ୍ଟ ଭାଙ୍ଗିଯାଇଥିବା ବେଳେ ଫସଲ ନଷ୍ଟ ହୋଇଛି । ଭଂଗା ଘର ଦେଖି ଆଖିରୁ ଲୁହ ଗଡାଉଛନ୍ତି କ୍ଷତିଗ୍ରସ୍ତ। ସ୍କୁଲ ଘର ବି ଭାଂଗି ରୁଜି ଯାଇଛି । ବଲାଙ୍ଗୀର ପାଟଣାଗଡ଼ ଅଂଚଳରୁ ଆସିଛି ସମାନ ଦୃଶ୍ୟ। କୁଆପଥର ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି ଘରଦ୍ୱାର । ଘର ଦ୍ୱାର ଭାଂଗିବା ସହ ଉଜାଡ଼ି ଦେଇଛି ସୁନାର ଫସଲ । ବଲାଙ୍ଗୀର ପାଟଣାଗଡ଼ରେ କୁଆପଥର ମାଡ଼ରେ ଉଜୁଡି ଯାଇଛି ପରିବା ଚାଷ। ମାଟିରେ ଲୋଟିଛି ଟମାଟୋ, ଭେଣ୍ଡି, କଲରା।

## ରାଜ୍ୟରେ ଆରମ୍ଭ ହେଲା ଦ୍ୱିତୀୟ ଶିଳ୍ପ ବିପ୍ଳବ: ଖୋର୍ଦ୍ଧାରୁ ୪୦ହଜାର କୋଟିର ୩୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୦୮/୪ : ଓଡ଼ିଶା ପାଇଁ ଆଉ ଏକ ମାଇଲଖୁଣ୍ଟ । ଏକକାଳୀନ ୪୦ ହଜାର କୋଟିର ପ୍ରକଳ୍ପକୁ ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଣିକି ଓଡ଼ିଶା ବିଦେଶରୁ ଆମଦାନୀ କରିବନି ବରଂ ଓଡ଼ିଶାର ସାମଗ୍ରୀ ବିଦେଶ ଯିବ । ଏଭଳି ସ୍ୱପ୍ନକୁ ସାକାର କରିବାକୁ ଅଣ୍ଟା ଭିଡ଼ିଛନ୍ତି ମୁଖ୍ୟମନ୍ତ୍ରୀ । ଆଉ କହିଛନ୍ତି,ସମ୍ଭାବନାର ରାଜ୍ୟ ନୁହେଁ, ଓଡିଶା ଏବେ ସମୃଦ୍ଧିର ସ୍ୱର୍ଶ ଅନୁଭବ କରୁଛି । ଓଡ଼ିଶା ଶିଳ୍ପ ଜଗତରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ଲୋକଙ୍କ ସରକାରରେ ଓଡ଼ିଶାରେ ଆରମ୍ଭ ହୋଇଛି ଦ୍ୱିତୀୟ ଶିଳ୍ପ ବିପ୍ଳବ। ଖୋର୍ଦ୍ଧା ଭୂଇଁପୁରରେ ଏକାଥରକେ ୩୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ୪୦ ହଜାର ୮୧୧ କୋଟି ଟଙ୍କାର ଏହି ପ୍ରକଳ୍ପରେ ମିଳିବ ୫୯ ହଜାରରୁ ଅଧିକ ନିଯୁକ୍ତି । ଓଡ଼ିଶାକୁ ଶିଳ୍ପର ହବ୍ ଭାବେ ଗଢି ତୋଳିବାକୁ ଯେଉଁ ସ୍ୱପ୍ନ ସରକାର ଦେଖୁଛନ୍ତି ତାହାକୁ ବଳ ଦେବ ଏହି ପ୍ରକଳ୍ପ। ଏଥିପାଇଁ ବିଭିନ୍ନ ସଂସ୍ଥାର ମୁଖ୍ୟଙ୍କ ସହ ରାଉଣ୍ଡ ଟେବୁଲ ବୈଠକ ସହ ସରକାରଙ୍କ ପକ୍ଷରୁ ସବୁ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି, ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି। ଗତ ୨ରୁ ୩ ବର୍ଷ ମଧ୍ୟରେ ଓଡ଼ିଶା କେବଳ ସମ୍ଭାବନାର ରାଜ୍ୟ ହୋଇ ରହି ନାହିଁ, ବରଂ ଓଡିଶା ଏବେ

◆◆ପୃଷ୍ଠା ୭

## ଏଲପିଜି ଗ୍ୟାସ କଳାବଜାରୀ: ୩୪୩୫ ସିଲିଣ୍ଡର ଜବତ, ୫ ଗିରଫ

ଭୁବନେଶ୍ୱର, ୦୮/୪ (ନି.ପ୍ର): ଗ୍ୟାସ୍ କଳା ବଜାରୀ ଅଭିଯୋଗରେ ଆଜି ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଯାକ ଜିଲ୍ଲାର ୧୯୧୫ଟି ସ୍ଥାନରେ ଯାଂଚ କରାଯାଇଛି । ସେଥିମଧ୍ୟରୁ ୭୦୨ଟି ଗ୍ୟାସ ଏଜେନ୍ସି ଓ ୧୨୧୩ଟି ଅନ୍ୟ ସ୍ଥାନ ରହିଛି । ଏହି ସବୁ ସ୍ଥାନରୁ ୩୪୩୫ ସିଲିଣ୍ଡର ଜବତ କରାଯାଇଛି । ଏତଦବ୍ୟତୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ ମାମଲା ରୁଜୁ କରାଯିବା ସହ ୨୩ଟି ଏଫଆଇଆର ଦାଖଲ କରାଯାଇଛି। ଏପରିକି କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଚ୍ଛିତ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି । ରାଜ୍ୟରେ ଏଲପିଜି ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି । ମାତ୍ର ବିଭିନ୍ନ କାରଣ ଦର୍ଶାଇ କିଛି କଳାବଜାରୀ ଓ ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ ରଖିବା ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି । ଏହାକୁ ପ୍ରତିହତ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀ ମାନେ ଟିମ ମାନ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଯାଂଚ କରୁଛନ୍ତି ।

## ଭିଜିଲାନ୍ସ ଜାଲରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ: ୩ ମହଲା ଘର, ଫାର୍ମ ହାଉସ୍, ୫ ପ୍ଲଟ, ନଗଦ ଟଙ୍କା, ୨୦ରୁ ଅଧିକ ଘଣ୍ଟା ଠାବ



ଭୁବନେଶ୍ୱର, ୦୮/୪ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାଜ୍ୟର କେନ୍ଦ୍ରୀୟ ଜଳସେଚନ ସର୍କଲ ବା ସେଣ୍ଟ୍ରାଲ୍ ଇରିଗେସନ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ତାଙ୍କର ୪ଟି ଠିକଣା ସମେତ ତାଙ୍କର ଜଣେ ସଂପର୍କୀୟ ଓ ଘନିଷ୍ଠ ସହଯୋଗୀଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ବେଳେ ବାବୁଙ୍କର ବିପୁଳ ସଂପତ୍ତି ସାମ୍ନାକୁ ଆସିଛି। ଭିଜିଲାନ୍ସ ଦେଇଥିବା ସୂଚନା ଅନୁଯାୟୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କର ଭୁବନେଶ୍ୱରର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ୮ ନମ୍ବର ଲେନ୍‌ରେ ଏକ ତିନି ମହଲା କୋଠା ରହିଛି।

◆◆ପୃଷ୍ଠା ୭

## ବିଜେଡି ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫା



ଭୁବନେଶ୍ୱର, ୦୮/୪ (ନି.ପ୍ର): ବିଜେଡି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ସସ୍ମିତ ପାତ୍ର ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏନେଇ ୬ ତାରିଖରେ ଆମେ ଏକ ରିପୋର୍ଟ ପ୍ରକାଶ କରିଥିଲୁ। ୨୦୨୨ ଜୁଲାଇରେ

◆◆ପୃଷ୍ଠା ୭

## ଇରାନର ବ୍ଲାକମେଲିଂକୁ ଓମାନର 'ନା', ହର୍ମୁଜ ପ୍ରଣାଳୀରେ ଶୁଳ୍କ ଆଦାୟ ପ୍ରସ୍ତାବକୁ ରୋକଠୋକ୍ ମନା କଲା ମସ୍କାଟ

ନୂଆଦିଲ୍ଲୀ,୦୮/୪ : ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ 'ଟ୍ରାଞ୍ଜିଟ୍ ଫି' ବା ପରିବହନ ଶୁଳ୍କ ଲଗାଇବା ପାଇଁ ଇରାନ ରଖିଥିବା ଅହଂକାରୀ ପ୍ରସ୍ତାବକୁ ଓମାନ ବୁଧବାର ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି । ଇରାନର ୧୦-ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବରେ ଏହି ଶୁଳ୍କ ଆଦାୟର ଦାବି ରହିଥିବା ବେଳେ, ଓମାନ ସ୍ପଷ୍ଟ କରିଛି ଯେ ଏହି ଅନ୍ତର୍ଜାତୀୟ ଜଳପଥରେ କୌଣସି ପ୍ରକାରର ଶୁଳ୍କ ଲାଗୁ କରାଯାଇପାରିବ ନାହିଁ । ଓମାନର ପରିବହନ ମନ୍ତ୍ରୀ ଏକ କଠୋର ବିବୃତି ଜାରି କରି କହିଛନ୍ତି ଯେ, ସୁଲତାନେଟ୍ ଅଫ୍ ଓମାନ ପୂର୍ବରୁ ହୋଇଥିବା ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ଅବାଧ ନୌଚଳାଚଳ ପାଇଁ ପ୍ରତିବଦ୍ଧ ଏବଂ ଏହି ସାମରିକ ଗୁରୁତ୍ୱପୂର୍ଣ୍ଣ ଜଳପଥକୁ କୌଣସି ଦେଶ ନିଜର ଆର୍ଥିକ ଫାଇଦା ପାଇଁ ବ୍ୟବହାର କରିପାରିବେ ନାହିଁ । ଇରାନ ନିଜର ଦୁର୍ବଳ ଅର୍ଥନୀତିକୁ ସଜାଡ଼ିବା ପାଇଁ ହର୍ମୁଜ ପ୍ରଣାଳୀକୁ ଏକ ''ଟୋଲ୍ ଗେଟ୍''ରେ ପରିଣତ କରିବାକୁ ଚକ୍ରାନ୍ତ କରୁଛି। ତେହେରାନ ପକ୍ଷରୁ ଏକ ପ୍ରସ୍ତାବିତ ପ୍ରୋଟୋକଲ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଜାହାଜଗୁଡ଼ିକୁ ପାସ୍ ଏବଂ ଲାଇସେନ୍ସ ନେବା ପାଇଁ ବାଧ୍ୟ କରାଯାଉଛି । ଏପରିକି ଗୋଟିଏ ଜାହାଜ ପାଖରୁ ୨୦ ଲକ୍ଷ ଡଲାର ଆଦାୟ କରାଯାଇଥିବା ଭଳି ସାଂଘାତିକ ଖବର ସାମ୍ନାକୁ ଆସିଛି। ମାତ୍ର ଓମାନର ଏହି ନିର୍ଭୀକ ପଦକ୍ଷେପ ଇରାନର ସମସ୍ତ ଯୋଜନାକୁ ପଣ୍ଡ କରିଦେଇଛି । ବିଶ୍ୱର ଏକ-ପଞ୍ଚମାଂଶ ତୈଳ ବାଣିଜ୍ୟ ଏହି ୩୪ କିଲୋମିଟର ପ୍ରଶସ୍ତ ଜଳପଥ

◆◆ପୃଷ୍ଠା ୭

## ଆମେରିକା–ଇରାନ ମଧ୍ୟରେ ୨ ସପ୍ତାହର ଯୁଦ୍ଧବିରତି ଘୋଷଣା




ନୂଆଦିଲ୍ଲୀ,୦୮/୪ : ମଧ୍ୟପ୍ରାଚ୍ୟରେ ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧ ଆଜି ସାମୟିକ ଭାବେ ଶାନ୍ତ ପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନାଟକୀୟ ଟେଲିଭିଜନ ସମ୍ବୋଧନରେ ଇରାନ ସହିତ ଦୁଇ ସପ୍ତାହର ଯୁଦ୍ଧବିରତି ଘୋଷଣା କରିଛନ୍ତି। ଏହା ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିଥିବା ବେଳେ ଇରାନରେ ଚାଲିଥିବା ଧ୍ୱଂସଲୀଳାରେ ବିରାମ ଲାଗିଛି। ସକ୍ରିୟ କୂଟନୈତିକ ମଧ୍ୟସ୍ଥତା ଯୋଗୁଁ ଏହା ସମ୍ଭବ ହୋଇଥିବା କୁହାଯାଉଥିବା ବେଳେ ପାକିସ୍ତାନ ଏହାର ଶ୍ରେୟ ଦାବି କରିଛି। ଇରାନ ଉପରେ ଆମେରିକାର ଭୟାବହ ଆକ୍ରମଣ ପାଇଁ ଧାର୍ଯ୍ୟ ହୋଇଥିବା ସମୟସୀମା ଶେଷ ହେବାକୁ ମାତ୍ର ଘଣ୍ଟାଏ ପୂର୍ବରୁ ଏହି ଯୁଦ୍ଧବିରତି ସମ୍ଭବ ହୋଇଥିବା ବେଳେ ଆଗକୁ ଏହା ପରବର୍ତ୍ତୀ କୂଟନୈତିକ ପ୍ରୟାସ ପାଇଁ ପଥ ଉନ୍ମୁକ୍ତ କରିଛି। ଏହା କେବଳ ଏକ ସାମରିକ ବିରତି ନୁହେଁ, ବରଂ ଏହା ବିଶ୍ୱ ଶକ୍ତି ସନ୍ତୁଳନ ଏବଂ ବିଶେଷ କରି 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ବିଶ୍ୱ ବାଣିଜ୍ୟର ପୁନରୁଦ୍ଧାର ପାଇଁ ଏକ ବଡ଼ ସୁଯୋଗ ବୋଲି କୁହାଯାଇଛି। ତେବେ ଇରାନର ନୂତନ ଟୋଲ୍ ଆଦାୟ ବ୍ୟବସ୍ଥା ଏବଂ ଲେବାନନରେ ଇସ୍ରାଏଲର ଜାରି ରହିଥିବା ଭୀଷଣ ସାମରିକ କାର୍ଯ୍ୟାନୁଷ୍ଠାନ ଏହି ଶାନ୍ତି ପ୍ରକ୍ରିୟା ଉପରେ ଏକ କଳାବାଦଲ ସଦୃଶ ଦେଖାଦେଇଛି। ଆଜି ଯୁଦ୍ଧବିରତି ଘୋଷଣା ପରଠାରୁ ଲେବାନନ ଉପରେ ଆକ୍ରମଣ ତୀବ୍ର ହୋଇଥିବାରୁ ଇରାନ ଏହାକୁ ନେଇ କଡ଼ା ଚେତାବନୀ ଜାରି କରିଛି। ଲେବାନନର ସୁରକ୍ଷା ପାଇଁ ଇସ୍ରାଏଲ ଉପରେ ଆକ୍ରମଣ ଆହୁରି ଜୋରଦାର ହେବ ବୋଲି ଇରାନ ଘୋଷଣା କରିଛି। ଏହି ସାମୟିକ ଶାନ୍ତି ଚୁକ୍ତି ଅନୁଯାୟୀ, ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପାଇଁ ସୁରକ୍ଷିତ ପଥ ପ୍ରଦାନ କରିବାକୁ ସମ୍ମତ ହୋଇଛି। ସୂଚନାଯୋଗ୍ୟ, ଯୁଦ୍ଧ କାରଣରୁ ଏହି ପଥରେ ପୂର୍ବ ଅପେକ୍ଷା ଜାହାଜ ଚଳାଚଳ ୯୬% ହ୍ରାସ ପାଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ଫିଲ୍ଡ ମାର୍ଶଲ ଅସୀମ ମୁନୀରଙ୍କ ପ୍ରଚେଷ୍ଟାରେ ଆସନ୍ତା ଶୁକ୍ରବାର ଠାରୁ

◆◆ପୃଷ୍ଠା ୭

# ସେଲ୍, ଆରଏସପିର ଆଇଜିଏଚ ଅଧିନସ୍ଥ ଏନଟିଆଇ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




ରାଉରକେଲା, ୦୮/୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଆଇଜିଏଚ ଅଧିନସ୍ଥ ସେବିକା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏନଟିଆଇ) ପକ୍ଷରୁ ଏପ୍ରିଲ ୦୭ ତାରିଖ ଦିନ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସିଏମଓ ଡାଃ କେ ଏଲ ହେମ୍ବ୍ରମ୍ ଅଧକ୍ଷତା କରିବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାଙ୍କୁ ପୁରସ୍କୃତ କରିଥିଲେ।

ନିଜ ବକ୍ତବ୍ୟରେ ଡାଃ ହେମ୍ବ୍ରମ୍, ସଚେତନତା, ଅନୁଶାସନ ଏବଂ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପଦ୍ଧତି ଅନୁସରଣରେ ଉତ୍ତମ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେ ଆଉ ମଧ ଛତ୍ରଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପଦ୍ଧତି ଆପଣେଇବା ସହ ସମାଜରେ ଏହାର ବ୍ୟାପକ ସଚେତନତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।

ସୂଚନା ଯୋଗ୍ୟ ଯେ, ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଶୀର୍ଷକ "ସ୍ୱାସ୍ଥ୍ୟ ପାଇଁ ଏକତା, ବିଜ୍ଞାନ ସହିତ ଆମେ" ରହିଛି।

ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, "ସ୍ୱାସ୍ଥ୍ୟ ପାଇଁ ଏକତା, ବିଜ୍ଞାନ ସହିତ ଆମେ" ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲାବେଳେ ଏଥିରେ ୨୩ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାରେ ଅତିରିକ୍ତ ସିଏମଓ ଡାଃ ସୁଶୀଲ କୁମାର ଏବଂ ଏନଟିଆଇ ର ଅଧକ୍ଷା ସୁଶ୍ରୀ ବିଦ୍ୟୁତପ୍ରଭା ଗୋଠ୍ ବିଚାରକ ଥିଲାବେଳେ ଏନଟିଆଇର ଦ୍ୱିତୀୟ ବର୍ଷର ଛାତ୍ର ଶ୍ରୀ ଶୁଭମ କୁମାର ପ୍ରଧାନ ବିଜେତା ହୋଇଥିଲେ।

ଏହି ଅବସରରେ ଇଂରାଜି, ହିନ୍ଦୀ ଏବଂ ଓଡିଆରେ ଏକ ତ୍ରିଭାଷୀୟ ସ୍ଲୋଗାନ୍ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୨୦ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଏନଟିଆଇ ର ଉପାଧକ୍ଷା ସୁଶ୍ରୀ ନବନୀତା ଜେନା ଏବଂ ଡ଼ିଏନଏସ ସୁଶ୍ରୀ ଗୃହଲକ୍ଷ୍ମୀ ପଲେଇ ବିଚାରକ ଥିଲାବେଳେ ଏନଟିଆଇ ର ପ୍ରଥମ ବର୍ଷର ଛାତ୍ରୀ ସୁଶ୍ରୀ ଅଦ୍ୟାଶା ରାୟ ବିଜେତା ହୋଇଥିଲେ।

ଏହି କାର୍ଯ୍ୟକ୍ରମକୁ ଏନଟିଆଇ ର ସିନିୟର ନର୍ସିଂ ଟ୍ୟୁଟର ସୁଶ୍ରୀ ଜ୍ୟୋତିର୍ମୟୀ ପାଢୀ ସଂଯୋଜନା କରିଥିଲେ।

# ୩ ଦିନରେ ୨୪ ଫେରାର୍ ଅଭିଯୁକ୍ତ ଗିରଫ

ଜୟପୁର, ୦୮/୪ (ନି.ପ୍ର): ଜୟପୁର ସଦର ପୋଲିସ ୩ ଦିନରେ ବିଭିନ୍ନ ସ୍ଥାନରେ ଚଢାଉ କରି ୨୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପ୍ରଥମ ଦିନରେ ୧୧, ଦ୍ୱିତିୟ ଦିନରେ ୫ ଓ ତୃତିୟ ଦିନରେ ଫେରାର ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର ହାଡିଆ ଗ୍ରାମର ଜବେଶ ହରିଜନ, ଭତ୍ରା ଗ୍ରାମର ପ୍ରକାଶ ନାଗ, ପଲରାପୁଟ ଗ୍ରାମର ଗୁରୁବନ୍ଧୁ ନାଗ, କଳାଗୁଡା ଗ୍ରାମର ମଧୁ ପୁଜାରି, ଅନ୍ତା ଗ୍ରାମର ଉଦ୍ଧବ ହରିଜନ, ଭତ୍ରା ଗ୍ରାମର ରିତିକ ହରିଜନ, ଖଣ୍ଡିଆଗୁଡା ଗ୍ରାମର ଡମଣି ଖାତି ଓ ଚନ୍ଦ୍ରମା ଖାତି । ଗିରଫ ଅଭିଯୁକ୍ତଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେମାନେ ଫେରାର ଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ସେହିପରି ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଅପରାଧିକ ମାମଲାରେ ଫେରାର ଥିବା ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାଲିଆ ଗ୍ରାମର ବିଣାଧର ପରଜା, ଭାଜିଗୁଡା ଶିବ ଘଢେଇ, ଧଡ୍ରିଗୁଡା ଗ୍ରାମର ହରି ଗାଦବା, ଏକମ୍ବା ଗ୍ରାମର ମହେଶ୍ୱର କୁଳଦିପ, ଷ୍ଟେସନ କଙ୍ଗା ଗ୍ରାମର ତୁଳୁସା ଗଣ୍ଡ । ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେମାନେ ଫେରାର ଥିବା ବେଳେ ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ସେହିପରି ଫେରାର ଥିବା ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପିଲ୍ଲି ଗ୍ରାମର ଧନୁର୍ଜୟ ଖାତି, କୁମୁଲିପୁଟ ଗ୍ରାମର ବିଷ୍ଣୁ ବାହାଦୁର, ସିଆଡିମାଳ ଗ୍ରାମର ଶିବ ମୁଦୁଲି, ସାନକାଉଡି ଗ୍ରାମର ଗୋବିନାଥ ହାଲବା, ପିଂଟୁ ବାହାଦୁର, ସାନଜିଉନା ଗ୍ରାମର ଲଛମନ ନାୟକ, ପ୍ରେମ ନାୟକ, କୁମାର ନାୟକ ହରିଜନ, ବାରିଣିପୁଟ ଗ୍ରାମର ରୁଜୁ ମୁଦୁଲି, ପୁରୁଷୋତମ ମୁଦୁଲି, କୈଳାଶ ଖୋସଲା । ୧୧ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଯୁବ ସଂଗଠକ ପ୍ରମୋଦ ସାହୁଙ୍କ ଅକାଳ ବିୟୋଗ

ବଲାଙ୍ଗିର, ୦୮/୪ (ନି.ପ୍ର): ବଲାଙ୍ଗିର ସହର ଟିକ୍ରାପଡାର ମୂଳ ବାସିନ୍ଦା ଯୁବ ସଂଗଠକ ତଥା ଭାଜପା ଦଳର ସକ୍ରିୟ ସଦସ୍ୟ ପ୍ରମୋଦ ସାହୁଙ୍କ ଗତ ରାତ୍ରରେ ହୃଦଘାତଜନିତ ଅକାଳ ବିୟୋଗ ଘଟିଛି। ଖବରରୁ ଜଣାଯାଏ ଯେ, ଶ୍ରୀ ସାହୁ ଗତ ଦୁଇ ଦିନ ହେଲା ହୃଦଘାତ ଅନୁଭବ କରିଥିଲେ। ସମ୍ବଲପୁର ଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପ୍ରମୋଦ ଜଣେ ସୁସଂଗଠକ ତଥା ମିଷ୍ଟ ଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ବିଭିନ୍ନ ସଂଗଠନ ଓ ଭାଜପା ପରି ଆଗ୍ରଣୀ ଦଳର ସକ୍ରୀୟ ସଭ୍ୟ ରହିଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

ସେ ବଲାଙ୍ଗିର ଟିକ୍ରାପଡା ଦୁର୍ଗାପୂଜା କମିଟିର ପୁରାତନ ସଦସ୍ୟ ରହି ଆସିଥିଲେ। ତାଙ୍କର ମର ଶରିର ଏଠାରେ ପହଂଚିବା ପରେ ଶେଷ ଦର୍ଶନ ପାଇଁ ଶୁଭେଚ୍ଛୁ ପାରିବାରିକ ସମ୍ପର୍କୀୟ ଓ ବିଭିନ୍ନ ସାଂଗଠନିକ ବ୍ୟକ୍ତି ବିଶେଷ ପହଂଚି ଥିଲେ। ଆଜି ବିଭୂତି ପଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମହୁଲ ଫୁଲର ଅଭାବୀ ବିକ୍ରି

ଜୟପୁର, ୦୮/୪ (ନି.ପ୍ର): କୋରାପୁଟ ଜିଲ୍ଲାରେ ମହୁଲ ଫୁଲର ଅଭାବୀ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ସର୍ବନିମ୍ନ ସହାୟକ ଦର ଧାର୍ଯ୍ୟ କରାଯାଇଥିବା ୭୨ଟି ଲଘୁ ବନଜାତ ଦ୍ରବ୍ୟ ମଧରେ ମହୁଲ ରହିଛି । ପଂଚାୟତ ପକ୍ଷରୁ ମହୁଲ ଫୁଲର ସର୍ବନିମ୍ନ ସହାୟକ ଦର କେଜି ପ୍ରତି ୨୫ ଟଙ୍କା ଧାର୍ଯ୍ୟ କରାଯାଇଛି । ମାତ୍ର କୋରାପୁଟ ଜିଲ୍ଲାରେ ଏହାର ବଜାର ଅଭାବରୁ ମାତ୍ର ୧୦ ରୁ ୧୫ ଟଙ୍କାରେ କେଜି ପିଛା ବିକ୍ରି ହେଉଛି । ପର୍ଯ୍ୟାପ୍ତ ଗୋଦାମ ଓ ଆବଶ୍ୟକ ଭିତିଭୂମିର ଅଭାବ ଯୋଗୁଁ ଲୋକେ ମହୁଲକୁ ମହଜୁଦ ରଖିପାରୁ ନାହାନ୍ତି ।ସରକାରଙ୍କ ନିୟମ ଅନୁଯାୟୀ ମହିଳା ଏସ୍ଏଚଜିଙ୍କୁ ଏହାର କ୍ରୟ ଦାୟିତ୍ୱ ଦିଆଯିବାକୁ ଥିଲେ ମଧ ଦଲାଲ ଓ ଅବକାରୀ ବିଭାଗର ମସୁଧା ଯୋଗୁଁ ଏହା କାର୍ଯ୍ୟକାରୀ ହେଉନି । ଦଲାଲଙ୍କ ଗୋଦାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଉ ନାହିଁ । ଓଲଟା ସେମାନଙ୍କ ଠାରୁ ହାତଗୁଞ୍ଜା ନେଇ ଦେଶୀ ମଦଭାଟିକୁ ସୁହାଇଲା ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଅଭିଯୋଗ ହୋଇଛି । ଗରିବ ଲୋକଙ୍କ ପାଇଁ ମହୁଲ ସଂଗ୍ରହ ଜୀବନ ଜୀବିକା ପାଲଟିଥିବା ବେଳେ ଦଲାଲଙ୍କ ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଉ ନାହାନ୍ତି । କୋରାପୁଟ ଜିଲ୍ଲାରେ ଦିନକୁ ଦିନ ମଦଭାଟି ସଂଖ୍ୟା ବୃଦ୍ଧି ପାଇବା ସହିତ ମଦରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି । ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଂଚଳରେ ଥିବା ଗାଁ ମାନଙ୍କରୁ ଆଦିବାସୀମାନେ ମହୁଲ ସଂଗ୍ରହ କରିଥାନ୍ତି । ଗ୍ରାମାଚଂଳରେ ମଦଭାଟି ମାଲିକମାନେ କିଛି ଲୋକଙ୍କୁ ରଖି ଆଗୁଆ କମ୍ ଦରରେ ମହୁଲ କିଣି ଗଚ୍ଛିତ ରଖୁଛନ୍ତି । ମହୁଲ କ୍ରୟ ଓ ବିକ୍ରୟ ଉପରେ ଜିଲ୍ଲାର ସମସ୍ତ ପଂଚାୟତର ଜନପ୍ରତିନିଧି ଓ କିଛି ସରକାରୀ କର୍ମଚାରୀଙ୍କୁ ନେଇ କମିଟି ହେବାକୁ ଥିବାବେଳେ ଏଥିରେ ମଧ ବ୍ୟତିକ୍ରମ ଦେଖାଦେଇଛି । ସେହି କମିଟିରେ ମୂଲ୍ୟ ଧାର୍ଯ୍ୟ ନିଷ୍ପତି ହେବା ପରେ ନିର୍ଦ୍ଦେଶନାମା ଜାରି କରିବା ନିୟମ ରହିଛି ଏବଂ ଏଥିପାଇଁ କ୍ରେତାମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବା ଉଚିତ । ମାତ୍ର ସେପରି ହେଉନାହିଁ । ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଲେ ଆଦିବାସୀମାନେ ଉପକୃତ ହୋଇପାରିବେ । ତେଣୁ ରାଜ୍ୟ ସରକାର ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ରାଉରକେଲା ଇସ୍ପାତ କାରଖାନାର ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ ସୁରକ୍ଷା ସଚେତନତା ନାଟକ ଆୟୋଜିତ




ରାଉରକେଲା, ୦୮/୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ କାର୍ଯ୍ୟରେ ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ, ମାର୍ଚ୍ଚ ୨୮ ତାରିଖ ଦିନ 'ସୁରକ୍ଷା ମନ୍ତ୍ର' ଶୀର୍ଷକ ଏକ ସୁରକ୍ଷା ସଚେତନତା ନାଟକ ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. ଆର. ପଲାଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ-ଚାର୍ଜ ଶ୍ରୀ ଏ. ସି. ସରକାର, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନ-ଚାର୍ଜ ଶ୍ରୀ ଏସ. ଏସ. ରାୟଚୌଧୁରୀ, ଟ୍ରାଫିକ ବିଭାଗର ସିଜିଏମ୍ ଶ୍ରୀ କୌଶିକା ସୁନୟାନି, ସୁରକ୍ଷା ଏବଂ ଅଗ୍ନିଶମ ବିଭାଗର ସିଜିଏମ୍ ଶ୍ରୀ ହୀରାଲାଲ ମହାପାତ୍ର, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଶ୍ରୀ ଅବକାଶ ବେହେରାଙ୍କ ସହ କାରଖାନାର ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

ଶ୍ରୀ ବି ଆର ପଲାଇ ନିଜ ବକ୍ତବ୍ୟରେ, ଏହିପରି ସଚେତନତା କାର୍ଯ୍ୟକ୍ରମ ସୁରକ୍ଷା ପ୍ରତି ସଚେତନତାକୁ ମଜବୁତ କରି ସୁରକ୍ଷିତ କାର୍ଯ୍ୟ ପଦ୍ଧତିର ସଂସ୍କୃତିକୁ ପ୍ରସାର କରିବାରେ ପ୍ରଭାବଶାଳୀ ମାଧମ ବୋଲି ଉଲ୍ଲେଖ କରିଥିଲେ। ଏଥି ସହ ସେ ଆହୁରି ମଧ, "ସୁରକ୍ଷା ସମସ୍ତଙ୍କର ଉତ୍ତରଦାୟିତ୍ୱ ଏବଂ ଦୁର୍ଘଟଣାମୁକ୍ତ ଇସ୍ପାତ ତିଆରି କରିବାର ସ୍ୱପ୍ନ ପ୍ରତ୍ୟେକ କର୍ମଚାରୀଙ୍କ ସମ୍ପୃକ୍ତିରେ ହିଁ ସମ୍ଭବ ହୋଇପାରିବ" ବୋଲି ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରୁ, ଶ୍ରୀ ହୀରାଲାଲ ମହାପାତ୍ର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇଥିଲେ। ଶ୍ରୀ କୌଶିକ ସୁନ୍ୟାନି ମଧ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଦୈନନ୍ଦିନ କାର୍ଯ୍ୟରେ ରେଳ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ଅନ୍ୟ ସମ୍ମାନିତ ବ୍ୟକ୍ତିମାନେ ସୁରକ୍ଷା ଉତ୍ସବ ଉପଲକ୍ଷେ ବିଭାଗରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ବ୍ୟକ୍ତିମାନେ ପ୍ରଦର୍ଶିତ ଷ୍ଟଲଗୁଡ଼ିକ ପ୍ରଦର୍ଶନ କରି ସୁରକ୍ଷା ମଡେଲ ଏବଂ ପୋଷ୍ଟରରେ ଗଭୀର ଆଗ୍ରହ ପ୍ରକାଶ କରିଥିଲେ।

ଏହି ସୁରକ୍ଷା ନାଟକ ବାସ୍ତବ ଜୀବନର କାର୍ଯ୍ୟକ୍ଷେତ୍ର ପରିସ୍ଥିତିକୁ ଚିତ୍ରଣ କରିଥିଲା, ଯେଉଁଥିରେ ପ୍ରାୟତଃ ନିୟର ମିସ୍ ରିପୋର୍ଟିଂ, ହାଉସକିପିଂ ଏବଂ ସୁରକ୍ଷା ମାନଦଣ୍ଡ ପାଳନ ଉପରେ ଏକ ଦୃଢ଼ ବାର୍ତ୍ତା ଦିଆଯାଇଥିଲା। ଉଲ୍ଲେଖନୀୟ ଯେ, ଲୋକୋ ଗତିବିଧିରେ ସୁରକ୍ଷା ଉପରେ ସଚେତନତାର ପ୍ରସାର ପାଇଁ ଏହି ନାଟକରେ ବହୁ ସଂଖ୍ୟକ ଠିକା ଶ୍ରମିକଙ୍କୁ ସାମିଲ କରାଯାଇଥିଲା, ଯାହା ଏହାକୁ ଅଧିକ ପ୍ରଭାବଶାଳୀ କରିଥିଲା। ଏହି ନାଟକକୁ ଟି ଆଣ୍ଡ ଆରଏମ ବିଭାଗର ଜୁନିୟର ଇଞ୍ଜିନିୟର ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି ରଚନା କରିବା ସହ ନିର୍ଦ୍ଦେଶନା ମଧ ଦେଇଥିଲେ।

ଶିକ୍ଷଣୀୟ ଅଭିଜ୍ଞତାକୁ ଯୋଡି, ଟି ଆଣ୍ଡ ଆରଏମ ବୁମ୍ ବାରିଅର, ବିଭିନ୍ନ ପ୍ରକାରର ୱାଗନ୍ ଏବଂ ଟ୍ରାକ୍ ମୋବାଇଲ୍ ର ସୂଚନାପ୍ରଦ ମଡେଲ୍ ମଧ ପ୍ରଦର୍ଶନ କରିଥିଲା, ଯାହା ପରିଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଶେଷରେ ଟି ଆଣ୍ଡ ଆରଏମ ବିଭାଗର ଡ଼ିଜିଏମ ତଥା ଡ଼ିଏସଓ ଶ୍ରୀ ଅରବିନ୍ଦ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟି ଆଣ୍ଡ ଆରଏମ ବିଭାଗର ଜିଏମ ଶ୍ରୀ ପରମାନନ୍ଦ ଟୁଡୁଙ୍କ ମାର୍ଗଦର୍ଶରେ ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଶ୍ରୀମନ୍ତ ନନ୍ଦ ପରିଚାଳନା କରିଥିଲେ।

# ସୁନା ବେପାରୀକୁ ଲକ୍ଷ୍ୟ କରି ଗୁଳି ମାଡ

ଗଂଜାମ, ୦୮/୪ (ନି.ପ୍ର): ପାଟପୁର ଥାନା ଡେଙ୍ଗାଉସ୍ତା ବଜାରରୁ ଗତ ରାତି ସାଢ଼େ ଆଠଟାରେ ଜଣେ ସୁନା ବେପାରୀ ପବିତ୍ର କୁମାର ବିଷୋୟୀ ଦୋକାନ ବନ୍ଦ କରି ବାଇକରେ ନିଜ ଗାଁ ଖଜୂରଆ ଫେରିବା ବେଳେ କିଛି ଦୁର୍ବୃତ୍ତ ବାଇକରେ ତାଙ୍କ ପିଛା କରି ପବିତ୍ରଙ୍କ ଉପରକୁ ଲକ୍ଷ୍ୟ କରି ତିନି ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହୋଇ ଥିଲା। ପବିତ୍ର ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଏହି ସମୟରେ ଦୁର୍ବୃର୍ତ୍ତ ମାନେ ପବିତ୍ର ହାତରୁ ସୁନା ଅଳଙ୍କାର ଓ ଟଙ୍କା ଥିବା ବ୍ୟାଗ ଛଡାଇ ନେବାକୁ ଉଦ୍ୟମ କରୁଥିବା ବେଳେ ଗୁଳି ଶବ୍ଦ ଶୁଣି ସ୍ଥାନୀୟଲୋକ ମାନେ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ। ଆହତ ପବିତ୍ର ଡେଙ୍ଗାଉସ୍ତା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପାଟପୁର ଥାନା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଗଞ୍ଜାମ ଜିଲାରେ ଲଗାତର ବୋମା ମାଡ଼, ଗୁଳିକାଣ୍ଡ, ଚୋରୀ ଲୁଟ ଓ ଡକାୟତି ଭଳି ଘଟଣା ନିତିଦିନି ହୋଇ ପଡିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

# ବ୍ରାଇଟ୍ ଫିୟୁଚର ପବ୍ଲିକ ସ୍କୁଲ ଉଦ୍ଘାଟିତ

ଧର୍ମଶାଳା, ୦୮/୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ନୂତନ ଶିକ୍ଷାନୁଷ୍ଠାନ ଭାବେ ବ୍ରାଇଟ୍ ଫିୟୁଚର ପବ୍ଲିକ ସ୍କୁଲ ପ୍ରତିଷ୍ଠା ଲାଭ କରିଛି । ଏହି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡିହଠାରେ ଆନୁଷ୍ଠାନିକଭାବେ ପୂଜାର୍ଚ୍ଚନା ପରେ ଉଦ୍ଘାଟିତ ହୋଇଯାଇଛି । ଶିକ୍ଷାବିତ୍ ସୁନନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା ଓ ସମ୍ମାନୀତ ଅତିଥିଭାବେ ପ୍ରାକ୍ତନଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନୂତନ ସ୍କୁଲକୁ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ନାୟକ, ମଧୁସୂଦନ ନାୟକ, କୃପାସିନ୍ଧୁ ନାୟକ, ରାଜକିଶୋର ନାୟକ, ଗୌରାଙ୍ଗ ତରାଇ ହେମନ୍ତ କୁମାର ନାୟକ, ନିରଞ୍ଜନ ସାହୁ, ଆଶାତୁନ ବିବିଙ୍କ ସମେତ ଗ୍ରାମର ବରିଷ୍ଠ ମୁରବୀ ଉପସ୍ଥିତ ଥିଲେ । ସ୍କୁଲର ଚେୟାରମମ୍ୟାନ ଧିରେନ କୁମାର ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷାକର୍ମୀଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ

ଜୟପୁର, ୦୮/୪ (ନି.ପ୍ର): ଜୟପୁର ଅଗ୍ରସେନ୍ ଭବନ ଠାରେ ସହରର ଗଣମାନ୍ୟ, ବୁଦ୍ଧିଜୀବି, ବିଭୂତି ବାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକର ଶୁଭାରମ୍ଭ ହୋଇଥିଲା । ସବ ଜୋନ ସମନ୍ୱୟକ ବାଲ୍ମୀକି ପ୍ରଧାନଙ୍କ ଅଧକ୍ଷତାରେ ସମ୍ପନ୍ନ ହୋଇଅଛି । କୋରାପୁଟ ଜିଲ୍ଲା ସମନ୍ୱୟ ସୁଶ୍ରୀ ରତୁମ୍ବର। ପାତ୍ର ସୋହଯୋଗୀଙ୍କ ସହ ଏକ ପ୍ରଜ୍ଞା ସଙ୍ଗୀତ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏଥିରେ ପ୍ରଥମେ କୋରାପୁଟ ଜିଲ୍ଲା ସପ୍ତଶୂତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି ୧୯୮୭ ରେ ହୋଇଥିବା ୧୦୮ କୁଣ୍ଡିୟ ଗାୟତ୍ରୀ ଯଜ୍ଞର ସ୍ମୃତିକୁ ଦର୍ଶାଇ ଶାନ୍ତିକୁଞ୍ଜ ହରିଦ୍ୱାରରୁ ପ୍ରାପ୍ତ ହୋଇଥିବା ଲେ ଆଉଟ୍ ବ୍ଲ୍ୟୁ ପ୍ରିଂଟକୁ ଉନ୍ମୋଚନ କରି ବିସ୍ତାରିତ ଭାବେ ଯଜ୍ଞ ସ୍ଥଳ, ପ୍ରଦର୍ଶନୀ, ସଂସ୍କାର ଶାଳ ଓ ଭଜନ ଶାଳ, ପାର୍କିଂ, ମଂଚ, ଭି ଆଇ ପି ରୋଡ ନିମନ୍ତେ ୮ ରୁ ୧୦ ଏକର ଓ ପାର୍କିଂ, ଆବାସ, ଭୋଜନ ଶାଳ ନିମନ୍ତେ ୧୦ ଏକର ଆବଶ୍ୟକ କହି କଳସ ଯାତ୍ରାର ରୂପ ରେଖ ଓ ଅନ୍ୟାନ୍ୟ ବିଷୟ ସର୍ବ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ଏହାକୁ ଭିତି କରି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ବିଶ୍ୱ କଲ୍ୟାଣ ନିମନ୍ତେ ହେଉଥିବା କାର୍ଯ୍ୟକୁ ଆମେ ଜାତି, ଲିଙ୍ଗ, ଭାଷା ସମ୍ପ୍ରଦାୟ, ରାଜନୈତିକ ଦଳଗତ ବିଭେଦତା ଠାରୁ ଉର୍ଦ୍ଧରେ ରହି ସାମୁହିକ ଭାବେ ମିଳିମିଶି କରିବା ଧନର ଅଭାବ ହେବ ନାହିଁ ନିଶ୍ଚିତ ସଫଳ ହେବ । ସ୍ଥାନୀୟ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି କହିଛନ୍ତି ଯେ, ସଫଳତା ନିମନ୍ତେ ସମସ୍ତ ସଂସ୍ଥା ସଂଗଠନ ଗୁଡ଼ିକୁ ଗୋଟିଏ ଗୋଟିଏ ଦାଇତ୍ୱ ଦେବା ଯଦ୍ୱାରା ସରଳ ସୁନ୍ଦର ହୋଇପାରିବ ଆମ ତରଫରୁ ସରକାରୀ, ବେସରକାରି ବ୍ୟବସ୍ଥା ଗୁଡ଼ିକୁ ଯୋଗାଇ ଦେବୁ । ଅର୍ଥ ବ୍ୟବସ୍ଥା ବ୍ୟାଘାତ ହେବ ନାହିଁ । ବରିଷ୍ଠ ଓକିଲ ଦୀନବନ୍ଧୁ ଅଗ୍ରୱାଲ ଏହି ଦୈବୀ ଯୋଜନାରେ ଆମ ସମାଜ ତରଫରୁ ତନ ମନ ଧନ ସହ ପୂର୍ଣ୍ଣ ସହମତି ରହିବ କହିଥିଲେ। ଗୋପାଳ ଗୋ ସେବା ସମିତି ପ୍ରମୁଖ ପ୍ରକାଶ ଚନ୍ଦ୍ର ନାୟକ ଭଗବାନଙ୍କ କାର୍ଯ୍ୟ ନିଶ୍ଚୟ ସଫଳ ହେବ ବୋଲି କହିଥିଲେ। ବିଶ୍ୱହିନ୍ଦୁ ପରିଷଦ ପ୍ରମୁଖ ଶ୍ରୀ ବାବୁ ଭାଇ ବଜରଙ୍ଗୀ, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ପ୍ରମୁଖ ନିରଞ୍ଜନ ମିଶ୍ର, ବରୁଣ ଜୈନ, ସୁରେଶ ଜୈନ, ଯୁଧିଷ୍ଠିର ମଲ୍ଲିକ, ବିଭୁଦତ ପାଢ଼ୀ ଓ ଅନ୍ୟମାନେ ସମସ୍ତେ ସହମତି ପ୍ରକାଶ କରିଥିଲେ।

ଏହାର ପରିଚାଳନା ଗାୟତ୍ରୀ ପରିବାର ମୁଖ୍ୟ ଟ୍ରଷ୍ଟି କୋଷାଧକ୍ଷ ବ୍ଲକ ସମନ୍ୱୟ ଗଙ୍ଗାଧର ପାଣିଗ୍ରାହୀ ଓ ସମ୍ପାଦକ ଯବା ସଂଗଠକ ଗୋପାଳ ପାତ୍ର, ସାଗର ବିଶ୍ୱାଳ, ବ୍ଲକ ସପ୍ତସୂତ୍ରି କାର୍ଯ୍ୟକ୍ରମ ପ୍ରମୁଖ ଜ୍ୟୋତି ରଞ୍ଜନ ପାଣିଗ୍ରାହି, ଆଓ଼ି ଗଢେ ସଂସ୍କାର ବାନ ପିଢ଼ି ପ୍ରମୁଖ ରଶ୍ମିତା ସି ଓ, ମିଲି, ସରସ୍ୱତୀ ପରିଛା, ମମତା ମିଶ୍ର, ରତନ ଭାଇ, ତନୁ, ଅବତାର ପଣ୍ଡା, ଶୁଭଶ୍ରୀ ପାଣିଗ୍ରାହି ଓ ସମସ୍ତ ଗାୟତ୍ରୀ ପରିବାର ସମେତ ରଜତ ଷଡ଼ଙ୍ଗୀ ମଂଚ ପରିଚାଳନା କରିଥିଲେ ।

# ଓଡ଼ିଆ ପକ୍ଷ-୨୦୨୬ ଅବସରରେ ସ୍ୱଚ୍ଛତା ଅଭିଯାନ

ବଲାଙ୍ଗିର, ୦୮/୪ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଓଡ଼ିଆ ପକ୍ଷ-୨୦୨୬ ପାଳନ ଉପଲକ୍ଷେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସ୍ୱଚ୍ଛ ପରିମଳ, ସୁସ୍ଥ ପରିବେଶ ସ୍ଲୋଗାନକୁ ପାଥେୟ କରି ବ୍ଲକ ଓ ପୌରପରିଷଦ ପ୍ରଶାସନ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ସମୂହ ସଫେଇ କରାଯାଇଥିଲା । ତେବେ ବଙ୍ଗୋମୁଣ୍ଡା ପଂଚାୟତ ସମିତି ପକ୍ଷରୁ ବିଡିଓଙ୍କ ନେତୃତ୍ୱରେ ରାଣୀପୁର ଝରିଆଲ ପଂଚାୟତର ପ୍ରସିଦ୍ଧ ସମେଶ୍ୱର୍ ମନ୍ଦିର ପ୍ରାଙ୍ଗଣରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ବ୍ଲକର ସମସ୍ତ କର୍ମଚାରୀ ମନ୍ଦିରର ବିରାଟ ପରିସରକୁ ସଫା କରି ସ୍ୱଚ୍ଛତାର ବାର୍ତା ଦେଇଥିଲେ । ଉକ୍ତ ଶ୍ରମଦାନ କାର୍ଯ୍ୟକ୍ରମରେ ସରପଂଚ, ଉପାଧକ୍ଷା, ବ୍ଲକ କର୍ମଚାରୀ, ସିଆରପି ମାନେ ସାମିଲ ହୋଇଥିଲେ । ଖପ୍ରାଖୋଲ ପଂଚାୟତ ସମିତି ପକ୍ଷରୁ ମଧ ଐତିହ୍ୟ ପୀଠ ହରିଶଙ୍କର ମନ୍ଦିର ପରିସରକୁ ସଫେଇ କରାଯାଇଥିଲା । ବିଡିଓଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମୁହିକ ସଫେଇ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ । ସେହିପରି ବଲାଙ୍ଗିର ପୌରପରିଷଦ ପକ୍ଷରୁ ସ୍ଥାନୀୟ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ସହ ନିର୍ବାଚିତ ଜନପ୍ରତିନିଧି, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ କାର୍ଯ୍ୟାଳୟର କର୍ମଚାରୀ ଯୋଗଦେଇଥିଲେ । ଏଥିସହିତ ସହରର ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ସଫେଇ କର୍ମୀମାନେ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ କରି ପରିବେଶକୁ ସଫା ରଖିବା ପାଇଁ ସଂକଳ୍ପ ନେଇଥିଲେ ।ଏହି ସ୍ୱଚ୍ଛତା ଅଭିଯାନ ଓଡ଼ିଆ ପକ୍ଷ-୨୦୨୬ ର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଓଡ଼ିଆ ପକ୍ଷ-୨୦୨୬ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ୧୪ ଦିନ ବ୍ୟାପୀ ଏକ ଭବ୍ୟ ସାଂସ୍କୃତିକ ଉତ୍ସବ ଭାବେ ପାଳନ କରାଯାଉଛି । ଏହି ଅଭିଯାନ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟର ସଂରକ୍ଷଣ ପାଇଁ ଏକ ପଦକ୍ଷେପ । ଉକ୍ତ ସ୍ୱଚ୍ଛତା ଅଭିଯାନ ପରିବେଶ ସଂରକ୍ଷଣ ଏବଂ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଏକ ପ୍ରେରଣାଦାୟକ ପଦକ୍ଷେପ ।

# ସାରର ସୁଗମ ବଂଟନକୁ ନେଇ ବୈଠକରେ ଆଲୋଚନା

ଜୟପୁର, ୦୮/୪ (ନି.ପ୍ର): ଜୟପୁର ସ୍ଥିତ ଜିଲ୍ଲା କୃଷିଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୋରାପୁଟ୍ ଜିଲ୍ଲାରେ ସାରର ସୁଗମ ବଂଟନ କିପରି କରାଯିବ ସେନେଇ ଜିଲ୍ଲା ସାର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସିଡିଏଓ ସନ୍ତୋଷ କୁମାର ଦଳବେହେରା, ଡିଆରସିଏସ ମୋନିକା ରାୟ, ଏଡିଓ ଲଲାଟେନ୍ଦୁ ମହାପାତ୍ର, ଏଡିଓ ସୁଜାତା ନିଶଙ୍କ, ସିଡିଏଓ କାହ୍ନୁଚରଣ ଦାସ ଓ ସାର ଯୋଜନା ଅଧିକାରୀ ସଙ୍ଗୀତା ବେହେରା ପ୍ରମୁଖ ଉପସ୍ଥିତ ରହି ମାସିକ ସାର ମୂଲ୍ୟାଙ୍କନ ଏବଂ ସମୟୋଚିତ ବଂଟନ ଯୋଜନା, ସାର ବିକ୍ରୟ ପାଇଁ ମାନକ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋଚନା କରାଯାଇଥିଲା। ସାରର ସନ୍ତୁଳିତ ବ୍ୟବହାର ଉପରେ ମଧ ଆଲୋଚନା କରାଯାଇଥିଲା। ମାର୍କଫେଡ ଏବଂ ଘରୋଇ ଡିଲର ମାନଙ୍କୁ ସାର ଯୋଗାଣର ୬୦-୪୦ ଅନୁପାତ ପାଇଁ ସାର କମ୍ପାନୀ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାକ ପଏଂଟରେ ଜିଲ୍ଲାକୁ ଆସୁଥିବା ସମସ୍ତ ସାରର ସମୟୋଚିତ ନମୁନା ପାଇଁ ବିଭିନ୍ନ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା।

# ଜନଶୁଣାଣି ବାତିଲ ପାଇଁ ସରପଂଚଙ୍କ ଦାବି

ଝାରସୁଗଡ଼ା, ୦୮/୪ (ନି.ପ୍ର): ଲୋଇସିଂହ ପଂଚାୟତ ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ଏନ୍ଟିପିସି ଦର୍ଲିପାଲି ପକ୍ଷରୁ ପ୍ରସ୍ତାବିତ ପାଉଁଶ ପୋଖରୀ ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷିରେ ଆସନ୍ତା ୮ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ବାତିଲ କରିବା ପାଇଁ ଲୋଇସିଂହ ସରପଂଚ ସନାତନ ରୋହିଦାସ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଦାବି କରିଛନ୍ତି। ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସନ୍ଦର୍ଭରେ ପ୍ରସ୍ତୁତ ସାମାଜିକ ପ୍ରଭାବ ଆକଳନ ରିପୋର୍ଟ ସମ୍ପର୍କରେ ଗ୍ରାମବାସୀଙ୍କୁ ପ୍ରାପ୍ତ ଭାବେ ଅବଗତ କରାଯାଇନାହିଁ। ଶୁଣାଣିର ମାତ୍ର ତିନି ଦିନ ପୂର୍ବରୁ, ଅର୍ଥାତ ଏପ୍ରିଲ ୫ ତାରିଖରେ ତରବରିଆ ଭାବେ ନୋଟିସ ଜାରି ହୋଇଥିବାରୁ, ଏତେ କମ ସମୟରେ ରିପୋର୍ଟ ଅଧ୍ୟୟନ କରି ମତ ଦେବା ଗ୍ରାମବାସୀଙ୍କ ପାଇଁ ସମ୍ଭବ ନୁହେଁ ବୋଲି ସେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଏହାସହ ଗ୍ରାମର ପ୍ରାୟ ୮୭.୫ ପ୍ରତିଶତ ଲୋକ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ହୋଇଥିବା ସହ ସାକ୍ଷରତା ହାର କମ ଥିବାରୁ, ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଅଧିକ ସମୟ ଆବଶ୍ୟକ ଥିବାକୁ ସରପଂଚ ଉଲ୍ଲେଖ କରିଛନ୍ତି।

## ଧାରାବାହିକ:

ଭାଗ-୩୬

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ନିଜ ଆରାଧ୍ୟଙ୍କ ବିଷୟରେ ଏପରି ଚିନ୍ତା ଅପରାଧ, ପ୍ରଭୁ ମୋର ଭାବକୁ ନିକଟ ଭାବଗ୍ରାହୀ ଓ ଭକ୍ତ ଚିନ୍ତାମଣି । ଭକ୍ତ ହୃଦୟର ସାମାନ୍ୟ ସ୍ପନ୍ଦନ ତାଙ୍କ ହୃଦୟରେ ପ୍ରତିଧ୍ୱନିତ ହୁଏ । ସାମାନ୍ୟ କାମନା ମଧ ତାଙ୍କ ହୃଦ ଦର୍ପଣରେ ପ୍ରତିବିମ୍ବିତ ହୁଏ । ତାଙ୍କର ଦୟା କରୁଣାର ଅନ୍ତ ନାହିଁ । ହେ ଦୟାସାଗର ମୁଁ ଦୀନ, ଅକିଞ୍ଚନ, ଅଜ୍ଞାନ । ମୁଁ ଛୋଟିଆ ଜୀବଟି ହୋଇ ତାଙ୍କୁ କିପରି କଳନା କରିପାରିବି ? ବ୍ରାହ୍ମଣ ପରମ ଆନନ୍ଦରେ ନିଜ ପତ୍ନୀଙ୍କୁ କହିଲେ ହେ ଦେବୀ ! ଯେତେ ଦରିଦ୍ର ହେଲେ ବି ମୁଁ କଣ ବନ୍ଧୁଗୃହକୁ ଶୂନ୍ୟ ହସ୍ତରେ ଯିବି ? ମୋ ହସ୍ତରେ କିଛି ଦିଅ । ବ୍ରାହ୍ମଣୀ ଗୃହରେ ଥିବା ଭୀକ୍ଷାଲବ୍ଧ ପୃଥୁ ତଣ୍ଡୁଳ ମୁଷ୍ଟିଏ ନେଇ ବ୍ରାହ୍ମଣର ଖଣ୍ଡିଏ ବସ୍ତ୍ରରେ ଅତି ଯତ୍ନରେ ବାନ୍ଧିଦେଲେ । ଏହାପରେ ବ୍ରାହ୍ମଣ ଦ୍ୱାରକା ଅଭିମୁଖେ ଯାତ୍ରାକଲେ । ପଥ ମଧ୍ୟରେ ବାରମ୍ବାର ଅନାୟତ୍ତ ଭାବେ ତାଙ୍କ ହୃଦୟରେ ଏହି ଚିନ୍ତାର ଉଦ୍ରେକ ହେଉଥିଲା ଯେ ଏହି ଦୀନ ଦରିଦ୍ର ବେଶରେ ଯାଇ ବ୍ରହ୍ମାଣ୍ଡ ଠାକୁର ଦ୍ୱାରକାର ସମ୍ରାଟ ପ୍ରଭୁ ଶ୍ରୀକୃଷ୍ଣଙ୍କି କିପରି ଭେଟିବି ? ବ୍ରାହ୍ମଣ ଅନେକ ଦିନଧରି ପଦବ୍ରଜରେ ଦୀର୍ଘ ପଥ ଅତିକ୍ରମ କରି ଦ୍ୱାରକାରେ ପହଞ୍ଚିଲା । ମାୟା ମାନବ ଭଗବାନ ଶ୍ରୀକୃଷ୍ଣ ଷୋଳସହସ୍ର ପତ୍ନୀଙ୍କ ସହ ଯେଉଁ ବିଶାଳ ଭବନରେ ବାସ କରିଛନ୍ତି, ସ୍ୱର୍ଗରେ ମଧ ତାର ଅତୁଳ ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ବ୍ରାହ୍ମଣ ପ୍ରଥମେ ହତ ଚକିତ ହୋଇ ନିଜର ଗନ୍ତବ୍ୟ ପଥ ନିର୍ଣ୍ଣୟ କରିନପାରି ଚତୁର୍ଦ୍ଦିଗକୁ ଚାହିଁବା ବେଳକୁ ପ୍ରଭୁ ଶ୍ରୀକୃଷ୍ଣ କାହୁଁ ଧାଇଁ ଆସି ବ୍ରାହ୍ମଣକୁ କୋଳ କରି ରୁକ୍ମଣୀ ପୁରକୁ ଘେନିଗଲେ । ସତେ ଯେପରି ଜୀବ ବ୍ରହ୍ମରେ ମିଶିଗଲା । ପ୍ରଭୁ ଶ୍ରୀକୃଷ୍ଣ ବ୍ରାହ୍ମଣର ହୃଦୟରେ ହୃଦୟ ଲଗାଇ ବାରମ୍ବାର ଆଲିଙ୍ଗନ କରିବାକୁ ଲାଗିଲେ । ତାଙ୍କର କମଳନୟନରୁ ଆନନ୍ଦାଶ୍ରୁ ନିର୍ଗତ ହେଉଥିଲା । ବିପ୍ରଙ୍କୁ ଉତ୍ତମ ଆସନରେ ବସାଇ ସ୍ୱୟଂ ପ୍ରଭୁ ଶୁଦ୍ଧ ସୁବାସ ଜଳରେ ଚରଣ ଧୌତ କରି ସେହି ଜଳକୁ ନିଜର ଶିରରେ ସିଞ୍ଚନ କଲେ ଏବଂ ପରେ ନିଜ ଉତ୍ତରୀୟରେ ବିପ୍ର ପାଦକୁ ପୋଛିଦେଇ ନିଜ ହାତରେ ତାଙ୍କ ଅଙ୍ଗରେ ଚତୁଃସମ ଲେପନ କଲେ ଓ ଷଡାର୍ଘ୍ୟ ଦେଇ ପୂଜାକଲେ । ପରେ ତାଙ୍କୁ ଉତ୍ତମ ଝୀନ ବସନ ପିନ୍ଧାଇ ତାଙ୍କର ପୃଷ୍ଠଦେଶରେ ନିଜ ବାମବାହୁକୁ ବେଷ୍ଟନ କରି ପାର୍ଶ୍ୱରେ ବସାଇ କୁଶଳ ଜିଜ୍ଞାସା କଲେ । ମାତା ରୁକ୍ମଣୀ ଦେବୀ ଚାମର ଧରି ବିପ୍ରଙ୍କୁ ବିଞ୍ଚିବାକୁ ଲାଗିଲେ । ବ୍ରାହ୍ମଣ ଏକବାର ବିଭୋର ଓ ବିହ୍ୱଳ ହୋଇ ପଡିବାରୁ ମୁଖରୁ ବାକ୍ୟ ସ୍ଫୁରିଲା ନାହିଁ । ନିଜ ଶରୀରସ୍ଥ ଉତ୍ତମ ଝୀନ ବସ୍ତ୍ରକୁ ଚାହିଁ ପୁଣି ପ୍ରଭୁଙ୍କ ମୁଖକୁ ଚାହୁଁଥାନ୍ତି । ପରେ ପ୍ରଭୁ ତାଙ୍କୁ ଦିବ୍ୟ ମଣୋହୀ କରାଇ ମୁଖ ପ୍ରାକ୍ଷାଳନ ଓ ହସ୍ତ ଧୌତ ନିମିତ୍ତ ନିଜେ ରତ୍ନ ଝରାରେ ଜଳ ଟେକିଦେଲେ । ବ୍ରାହ୍ମଣଙ୍କର ପଥଶ୍ରାନ୍ତି, କ୍ଷୁଧା, ତୃଷା ସମ୍ପୂର୍ଣ୍ଣ ଲୋପ ହୋଇଗଲା ଓ ସେ ଅନ୍ତରରେ ଅପୂର୍ବ ଅନିର୍ବଚନୀୟ ପୁଲକ ଅନୁଭବ କଲେ । ଭଗବାନ ଶ୍ରୀକୃଷ୍ଣଙ୍କର ପତ୍ନୀମାନେ ଏହି ଅପୂର୍ବ ମଧୁର ଦୃଶ୍ୟକୁ ଦେଖି ବ୍ରାହ୍ମଣର ସୌଭାଗ୍ୟକୁ ପ୍ରଶଂସା କରି ନିଜ ମଧ୍ୟରେ କଥା କୁହାକୁହି ହେଲେ । ହେ ସଖୀ, ଏହି ବ୍ରାହ୍ମଣ ପୂର୍ବ ଜନ୍ମରେ କେତେ ପୁଣ୍ୟ କରିଥିଲେ ଯେ ଏ ଜନ୍ମରେ ସ୍ୱୟଂ ଭଗବାନଙ୍କୁ ଏତେ ଦୂର ମନାଇପାରିଲେ । ପ୍ରଭୁଙ୍କର ନିଜ ଅଗ୍ରଜ ଶ୍ରୀବଳରାମ, ପ୍ରିୟ ସଖା ଅର୍ଜୁନ ମଧ ଏପରି ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇପାରିନାହାନ୍ତି । ପ୍ରଭୁ ଶ୍ରୀକୃଷ୍ଣ ବ୍ରାହ୍ମଣକୁ କୋମଳ ସ୍ୱରରେ କହିଲେ, ହେ ସଖା, ଆମେ ଦୁଇ ଭାଇତ ଗୁରୁ ଦକ୍ଷିଣା ପ୍ରଦାନ କରି ଗୃହକୁ ଫେରିଆସିଲୁ । ଶୁଣିଲି ତୁମେ ଉତ୍ତମ କୁଳରେ ଏକ କନ୍ୟାର ପାଣି ଗ୍ରହଣ କରି ଗୃହସ୍ଥାଶ୍ରମ ପାଳନ କରୁଛ । ଯାହା ହେଉ ମୋର ପରମ ସୌଭାଗ୍ୟ ଆଜି ତୁମକୁ ସ୍ୱଚକ୍ଷୁରେ ଦେଖିଲି । ଏତେ ଦିନକେ ମୋର କଥା ତୁମର ମନେ ପଡିଲା ? ମୁଁ ତ ଭଲରୂପେ ଜାଣେ ତୁମେ ଗୃହସ୍ଥାଶ୍ରମ କଲେ ମଧ ବିଷୟା ଭୋଗରେ କଦାପି ଆସକ୍ତ ନୁହଁ । ଧନ ଦୌଲତ ଆଦିରେ ତୁମ ପ୍ରୀତି ନାହିଁ । ତୁମ ପରି ବ୍ୟକ୍ତି ଜଗତରେ ଦୁର୍ଲଭ, ବିଷ୍ଣୁମାୟା ତୁମ୍ଭକୁ ଆୟତ୍ତ କରିପାରି ନାହିଁ । ସଂସାରରେ ଥାଇ ତୁମେ ସଂସାର ପ୍ରତି ଉଦାସୀନ । ମୁଁ ଯେପରି ଲୋକଶିକ୍ଷା ପାଇଁ ସଂସାର ଧର୍ମ ଆଚରଣ କରିଛି ସେହିପରି ତୁମେ ନିର୍ଲିପ୍ତ ଭାବେ ସଂସାର ଧର୍ମ ପାଳନ କରୁଅଛ । ହେ ମିତ୍ର ତୁମର ମନେ ଅଛି ଆମେ ଏକ ସମୟରେ ଏକତ୍ର ଗୁରୁକୁଳରେ ବାସ କରୁଥିଲୁ । ଏକମାତ୍ର ଗୁରୁ ହିଁ ଜ୍ଞାନୋପଦେଶ ଦ୍ୱାରା ଶିଷ୍ୟର ଅଜ୍ଞାନ ଅନ୍ଧକାରକୁ ଦୂର କରନ୍ତି । ଏହି ସଂସାରରେ ଜନ୍ମଦାତା ପିତା ହିଁ ଆଦ୍ୟ ଗୁରୁ । ଏହାପରେ ଉପନୟନ ସଂସ୍କାରକାରୀ ଦ୍ୱିତୀୟ ଗୁରୁ, ସେ ପିତୃତୁଲ୍ୟ ପୂଜ୍ୟ । ତଦନନ୍ତରେ ଜ୍ଞାନୋପଦେଶ ପ୍ରଦାନ କାରି ପରମାତ୍ମାଙ୍କୁ ପ୍ରାପ୍ତ କରାଇବା ଗୁରୁ ତ ମୋର ସ୍ୱୟଂ ସ୍ୱରୂପ । ବର୍ଣ୍ଣାଶ୍ରମରେ ଏହି ତିନି ଗୁରୁ ହୋଇଥାନ୍ତି । ହେ ମିତ୍ର ମୁଁ ସ୍ୱୟଂ ଗୁରୁ ସ୍ୱରୂପ । ଗୁରୁ ଓ ମୋ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ବର୍ଣ୍ଣାଶ୍ରମାଶୟୀ ଯେକୌଣସି ବ୍ୟକ୍ତି ସେହି ପରମ ପୂଜ୍ୟ ଜ୍ଞାନଗୁରୁଙ୍କର ଉପଦେଶ ଅନୁସାରେ ଚଳି ଅନାୟସରେ ଭବସାଗର ପାର ହୋଇଯାନ୍ତି । ହେ ମିତ୍ର ମୁଁ ସବୁ ପ୍ରାଣୀର ଆତ୍ମା । ଅନ୍ତର୍ଯ୍ୟାମୀ ରୂପରେ ସର୍ବ ଭୂତରେ ଅଧିଷ୍ଠିତ । ମୁଁ ଜଗତଗୁରୁ, ସାକ୍ଷାତ ଗୁରୁ ରୂପରେ ସମସ୍ତଙ୍କୁ ତତ୍ତ୍ୱ ଉପଦେଶ ପ୍ରଦାନ କରିଥାଏ । ତେଣୁ ଯଜ୍ଞ, ତପସ୍ୟା, ଯୋଗ ଓ ସମାଧି ଆଦି ଦ୍ୱାରା ମୋର ଯେତିକି ସନ୍ତୋଷ ବିଧାନ ହୁଏ କେବଳ ଗୁରୁ ସେବା ଦ୍ୱାରା ତାଠାରୁ ମୁଁ ଅଧିକ ସନ୍ତୋଷ ପ୍ରାପ୍ତ ହୋଇଥାଏ । ହେ ମିତ୍ର ତୁମର ମନେ ଅଛି, ଦିନେ ଗୁରୁମାତାଙ୍କ ନିର୍ଦ୍ଦେଶରେ ଆମେ କାଷ୍ଠ ସଂଗ୍ରହାର୍ଥେ ଘୋର ବନ ମଧ୍ୟରେ ପ୍ରବେଶ କଲେ ଓ ଅଦିନରେ ପ୍ରବଳ ବର୍ଷା ହୋଇ ସନ୍ଧ୍ୟା ଆସି ଯିବାରୁ ଗତିପଥ ଦୃଶ୍ୟ ହେଲାନାହିଁ । ଏକ ବୃକ୍ଷ ଶାଖାରେ ଦୁହେଁ ଅତିକଷ୍ଟରେ ରାତ୍ରିଯାପନ କଲୁ । ପରଦିନ ପ୍ରତ୍ୟୁଷରେ ସ୍ୱୟଂ ଗୁରୁଦେବ ଅନ୍ୟ ଶିଷ୍ୟଙ୍କ ସହ ଖୋଜି ଖୋଜି ଆସି ଆମକୁ ଦେଖି ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ, ହେ ବାବା, ଆମ୍ଭ ନିମନ୍ତେ ତୁମେ ଏତେ କଷ୍ଟ ପାଇଲ, ଆମ୍ଭର ଆଶୀର୍ବାଦରେ ତୁମ୍ଭର ସମସ୍ତ ମନୋରଥ ପୂର୍ଣ୍ଣ ହେବ ଏବଂ ତୁମର ପଠିତ ବିଦ୍ୟା ଚିରକାଳ ଅକ୍ଷୟ ହୋଇ ତୁମ ସ୍ମୃତିରେ ରହିଯିବ । ବ୍ରାହ୍ମଣ କହିଲେ, ହେ ସର୍ବଦେବଗୁରୁ, ଜଗତଗୁରୁ ! ତୁମେ ସର୍ବ ବେଦମୟ, ସର୍ବ ଜ୍ଞାନମୟ । ଲୋକାଚାର ମତେ ଗୁରୁ ଗୃହରେ ରହି ବିଦ୍ୟାଧ୍ୟୟନ କରିବା ଏକପ୍ରକାର କ୍ରୀଡା ମାତ୍ର । ତୁମ ସହିତ ଗୁରୁକୁଳରେ ଏକତ୍ର ବାସ କରିବା କାରଣରୁ ମୁଁ ଧନ୍ୟ ହୋଇଛି । ତୁମେ ଚତୁଃବର୍ଗଦାତା, ସର୍ବଦ୍ରଷ୍ଟା, ବୀର୍ଯ୍ୟ, ଐଶ୍ୱର୍ଯ୍ୟ, ଶ୍ରୀ, ଜ୍ଞାନ, ବୈରାଗ୍ୟ ଆଦି ଷଡ ଐଶ୍ୱର୍ଯ୍ୟର ଅଧିକାରୀ । ଦୈବ କ୍ରମେ କେଉଁ ମହା ସୁକୃତ ହେତୁ ତୁମର ସଙ୍ଗ ସୁଖ ପାଇ ମୁଁ ପବିତ୍ର ହୋଇଯାଇଛି, ମୋର ଭବଭ୍ରାନ୍ତି ଲୋପ ହୋଇଛି । ହେ ବିଶ୍ୱ ବନ୍ଦନୀୟ, ଏ ଦୀନ ଦରିଦ୍ର ବ୍ରାହ୍ମଣ ତୁମର ସହପାଠୀ ରୂପେ ଦିନେ ଏକତ୍ର ବାସ କରୁଥିଲା ବୋଲି ଜଗତର କେଉଁ ବ୍ୟକ୍ତି ବା ବିଶ୍ୱାସ କରିବ ? ଏହା ଶୁଣିଲେ ଲୋକେ କେବଳ ଅବିଶ୍ୱାସ କରିବେ ନାହିଁ ବରଂ ହାସ୍ୟ, ବ୍ୟଙ୍ଗ, ବିଦ୍ରୂପ ଓ ତାଚ୍ଛଲ୍ୟ ମଧ କରିବେ । କାରଣ ଛନ୍ଦମୟ ବେଦ ଯାହାକି ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚତୁର୍ବର୍ଗ ପୁରୁଷାର୍ଥର ମୂଳ ସ୍ରୋତ ତାହା ତୁମଠାରୁ ଉତ୍ପନ୍ନ ଓ ତୁମ ଶରୀର ସ୍ୱରୂପ । ପୁଣି ସମସ୍ତ ଦେବତା ତୁମ ଶରୀରରେ ଅବସ୍ଥାନ କରନ୍ତି । ଏପରି ସ୍ଥଳେ କିଏ ବିଶ୍ୱାସ କରିବ ଯେ, ତୁମେ ମାୟା ମନୁଷ୍ୟ ଲୀଳାରେ ଅଭିନୟ କରି ସେହି ବେଦାଧ୍ୟୟନ ନିମନ୍ତେ ଗୁରୁକୁଳକୁ ଯାଇଥିଲ ଓ ମୁଁ ତୁମର ସହପାଠୀ ଥିଲି । ହେ ପ୍ରଭୁ, ଏ ଦୀନ, ଦରିଦ୍ର ବ୍ରାହ୍ମଣ ପ୍ରତି ଯେଉଁ ସ୍ନେହ ଓ ଅନୁକମ୍ପା ପ୍ରଦର୍ଶନ କଲ ଏଥିରୁ ବିଶ୍ୱ କେବଳ ଜାଣିବ ଯେ ତୁମ ମାୟାର ଅନ୍ତ ନାହିଁ କି ତୁମ କରୁଣାର ଅନ୍ତ ନାହିଁ । ହେ ପ୍ରଭୁ ଗୁରୁଗୃହ ନିବାସ କାଳୀନ ସମସ୍ତ ଘଟଣା ମୋର ସ୍ମୃତି ପଟରେ ଅତି ସ୍ପଷ୍ଟ ଭାବରେ ରହିଅଛି ଏବଂ ଚିରକାଳ ରହିବ । ଏପରି ମଧୁମୟ ସ୍ମୃତିକୁ କେହି କେବେ ବିସ୍ମୃତ ହୋଇ ଯାଇପାରେ କି ?

### ୮୨ ଅଧ୍ୟାୟ, ସୁଦାମାଙ୍କୁ ଐଶ୍ୱର୍ଯ୍ୟ ପ୍ରାପ୍ତି

ଶ୍ରୀଶୁକଦେବ କହିଲେ, ହେରାଜା, ଭଗବାନ ଶ୍ରୀକୃଷ୍ଣ ମିତ୍ର ସୁଦାମାର ଅନ୍ତରର କଥା ଜାଣିପାରି ହସି ହସି କହିଲେ, ହେ ମିତ୍ର ମୋର ମିତ୍ର ପତ୍ନୀ ଶ୍ରଦ୍ଧାରେ କଣ ତୁମ ହାତରେ ଦେଇଛନ୍ତି ଏବେ ତାହା ମୋତେ ଦିଅ । ଯିଏ ମୋତେ ଶ୍ରଦ୍ଧାରେ ପତ୍ର, ପୁଷ୍ପ, ଫଳ କିମ୍ବା ଜଳାଞ୍ଜଳିଟିଏ ମୋ ଉଦ୍ଦେଶ୍ୟରେ ଟେକିଦିଏ ମୁଁ ତାକୁ ପରମାନନ୍ଦ ଯତ୍ନର ସହ ଗ୍ରହଣ କରିଥାଏ । ମାତ୍ର ଧନୀକର ଶ୍ରଦ୍ଧାହୀନ ଷୋଡଶୋପଚାର ପୂଜା ମୋତେ ଭଲଲାଗେ ନାହିଁ କି ଆନନ୍ଦ ଦେଇପାରେ ନାହିଁ । ଏହା କହି ପ୍ରଭୁ ଦୁଇହାତକୁ ବ୍ରାହ୍ମଣ ସମ୍ମୁଖରେ ପାତିଲେ । ଯିଏ ଚତୁର୍ବର୍ଗର ଅଦ୍ୱିତୀୟ ଦାତା ସେ ପରମ ଭକ୍ତ ଦରିଦ୍ର ବ୍ରାହ୍ମଣ ଦେବତା ନିକଟରେ ସ୍ମିତ ମୁଖରେ ହାତ ପାତିଥିବାର ଅପୂର୍ବ ଦୃଶ୍ୟ ସ୍ୱୟଂ ଲକ୍ଷ୍ମୀ ସ୍ୱରୂପା ମା ରୁକ୍ମିଣୀ ଓ ଅନ୍ୟ ପରିଚାରିକାମାନେ ଅତ୍ୟନ୍ତ ଆମୋଦର ସହ ଦର୍ଶନ କରି ମୃଦୁ ହସୁଥାନ୍ତି । ଏହା ଦେଖି ବିଚରା ବ୍ରାହ୍ମଣ କିଂକର୍ତ୍ତବ୍ୟ ବିମୂଢ ହୋଇ ମନେ ମନେ ଭାବିଲେ ମୋ ଗୃହର ସମ୍ବଳ ଏକମାତ୍ର ଖୁଦ କେତେମୁଠି ମୁଁ ଘରୁ ଆସିବା ସମୟରେ ବ୍ରାହ୍ମଣୀ ମୋ ହାତରେ ଦେଇଛି । ଏହି ତୁଛ ଦ୍ରବ୍ୟକୁ ମୋର ଏହି କୋଟି ବ୍ରହ୍ମାଣ୍ଡର ରାଜରାଜେଶ୍ୱର ମିତ୍ରଙ୍କ ହାତରେ କିପରି ବା ଅର୍ପଣ କରିବି ? ଏ ଦୀନ ଦରିଦ୍ର ଜନକୁ କାହିଁକି ଏପରି ପରୀକ୍ଷାରେ ପକାଇଲେ, ମୁଁ ଏବେ କଣ କରିବି ? ପ୍ରଭୁ ଶ୍ରୀକୃଷ୍ଣ ମନରେ ବିଚାର କଲେ ଏହି ବ୍ରାହ୍ମଣ ପୂର୍ବ ଜନ୍ମରେ ମୋତେ ନିଷ୍କାମ ଆରାଧନା କରିଛି, ଏ ଜନ୍ମରେ ତାହା ବିସ୍ମୃତ ହୋଇଯାଇ ଧର୍ମପତ୍ନୀର ପରାମର୍ଶରେ କିଛି ଧନପ୍ରାପ୍ତିର ଉଦ୍ଦେଶ୍ୟରେ ଆସିଅଛି । ଏହି ବ୍ରାହ୍ମଣ ମୋର ଭକ୍ତ ପୁଣି ଏ ଜନ୍ମର ମିତ୍ର । ଏହାକୁ ବିପୁଳ ଧନରତ୍ନ ପ୍ରଦାନ କରିବି ଯାହାକୁ ଦେଖି ଜଗତର ଲୋକେ ଚମତ୍କୃତ ହେବେ । ଏପରି ବିଚାର କରି ପ୍ରଭୁ ନିଜେ ହାତ ବଢାଇ ବିପ୍ରଙ୍କ କାଖତଳୁ ଖୁଦ ପୁଡିଆଟି ନେଇ ଖୋଲିଦେଇ କହିଲେ, ହେ ମିତ୍ର, ମୋତେ ତୁମେ କୃତାର୍ଥ କଲ । ମୋର ଜୀବନ ଧନ୍ୟ, ଜଗତ ପୂଜ୍ୟ ବ୍ରାହ୍ମଣଙ୍କର ସଶ୍ରଦ୍ଧ ଖୁଦମୁଠିଏରେ ମୋର ଦେହ, ମନ ପବିତ୍ର ହୋଇଗଲା । ଏହି ଖୁଦତକ ସାରା ବିଶ୍ୱର କ୍ଷୁଧା ନିବାରଣ କରିବାକୁ ସମର୍ଥ । ଏହା କହି ଆନନ୍ଦରେ ମୁଠିଏ ଖୁଦ ଧରି ମାତା ରୁକ୍ମଣୀଙ୍କ ସମ୍ମୁଖରେ ପରମ ସନ୍ତୋଷ ସହିତ ନିଜ ତୁଣ୍ଡରେ ଭରିଲେ । ଶ୍ରୀକୃଷ୍ଣ ପୁନର୍ବାର ଆଉ ମୁଠିଏ ଖୁଦ ତୁଣ୍ଡରେ ଭରିବାକୁ ଉଦ୍ୟତ ହୁଅନ୍ତେ ମାତା ରୁକ୍ମିଣୀ ହସ୍ତକୁ ଧରିପକାଇ କହିଲେ, ହେ ପ୍ରଭୁ ସେତକ ଥାଉ, ସେହି ମୁଠିକ ମୋ ପାଇଁ ଥାଉ । ମୁଠିଏ ଖାଇ ତ ତାଙ୍କର ଗୃହରେ କୁବେର ସମ୍ପଦ ଭରି ଦେଇ ସାରିଲଣି ଯାହାକୁ ଜନ୍ମ ଜନ୍ମ ଧରି ଭୋଗକଲେ ମଧ ଶେଷ ହେବନାହିଁ । ଆଉ ଅଧିକ ସମ୍ପଦ କଣ ହେବ ? ବ୍ରାହ୍ମଣ କିଛି ବୁଝି ନପାରି ନିର୍ବୋଧ ବତ ଚାହିଁ ରହିଥାନ୍ତି ଓ ମନେ ମନେ ଖୁବ ଆନନ୍ଦ ଅନୁଭବ କରୁଥାନ୍ତି ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗିଅଁ

# ସଂଯମତା ବୁଦ୍ଧିକୁ ପରିପକ୍ୱ କରେ



ଶ୍ୱେତା ରାଉତ୍

ମାନବ ଜୀବନର ସର୍ବଶ୍ରେଷ୍ଠ ଗୁଣଗୁଡ଼ିକ ମଧ୍ୟରେ "ସଂଯମ" ଓ "ନମ୍ରତା" ଦୁଇଟି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଗୁଣ । ଏହି ଦୁଇଟି ଗୁଣ ମିଶିଲେ ମାନବର ବୁଦ୍ଧି ଏକ ସଠିକ ଦିଗରେ ବିକଶିତ ହୋଇ ପରିପକ୍ୱତା ଅର୍ଜନ କରେ । ସଂଯମ ମାନେ ନିଜର ଇଚ୍ଛା, କ୍ରୋଧ, ଲୋଭ, ଓ ଆକାଂକ୍ଷାକୁ ନିୟନ୍ତ୍ରଣ କରିବା । ଏହା ମାତ୍ର ଏକ ଆଚରଣ ନୁହେଁ, ବରଂ ଏକ ଜୀବନଶୈଳୀ, ଯାହା ମନୁଷ୍ୟକୁ ଉଚ୍ଚତର ସଫଳତା ଓ ଶାନ୍ତି ପଥରେ ଆଗକୁ ନେଇଯାଏ ।ସଂଯମତା ମାନବ ଜୀବନର ଏକ ଅମୂଲ୍ୟ ଗୁଣ, ଯାହା ବୁଦ୍ଧିକୁ ପରିପକ୍ୱ କରି ସଫଳତାର ଦ୍ୱାର ଖୋଲିଦିଏ । ନମ୍ରତା ଓ ସଂଯମତା ଦ୍ୱାରା ମନୁଷ୍ୟ ନିଜକୁ ଉନ୍ନତ କରିପାରେ ଓ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ । ଆଜିର ଦ୍ରୁତ ଗତିର ଜୀବନରେ ଲୋକମାନେ ଶୀଘ୍ର ସଫଳତା ପାଇବାର ଆଶାରେ ଅସଂଯମ ଓ ଅଧୈର୍ଯ୍ୟର ଶିକାର ହେଉଛନ୍ତି । କିନ୍ତୁ ଏହି ଅଧୈର୍ଯ୍ୟ ତାଙ୍କୁ ଭୁଲ ନିଷ୍ପତ୍ତି ନେବାକୁ ବାଧ କରେ । ଯେଉଁଠାରେ ସଂଯମତା ଅଛି, ସେଠାରେ ଧୈର୍ଯ୍ୟ ଅଛି, ଓ ଧୈର୍ଯ୍ୟ ଥିଲେ ନିଷ୍ପତ୍ତି ସଠିକ ହୁଏ । ଯେକୌଣସି ବଡ଼ କାମ ସଫଳ କରିବା ପାଇଁ ଧୈର୍ଯ୍ୟ ଓ ନିୟନ୍ତ୍ରଣ ଆବଶ୍ୟକ । ଛାତ୍ରଟିଏ ଯଦି ସଂଯମତା ରଖି ନିୟମିତ ପଢ଼ାପଢ଼ି କରେ, ସେ ନିଶ୍ଚିତ ଭାବରେ ସଫଳତା ପାଏ । ସେହିପରି ଜଣେ କର୍ମଚାରୀ ଯଦି ନିଜ କାମରେ ନିଷ୍ଠା ଓ ସଂଯମ ରଖେ, ସେ ତା କାର୍ଯ୍ୟକ୍ଷେତ୍ରରେ ଉନ୍ନତି କରିଥାଏ ।

କ୍ରୋଧ ବା ଆବେଗରେ ନିଆଯାଇଥିବା ନିଷ୍ପତ୍ତି ସବୁବେଳେ ଅନୁତାପ ଆଣେ, କିନ୍ତୁ ସଂଯମତା ରଖି ଭାବିଚିନ୍ତି ସ୍ଥିର ଭାବରେ ନିଆଯାଇଥିବା ପଦକ୍ଷେପ ସବୁବେଳେ ଉପକାରୀ ହୁଏ ।ସଂଯମ ଓ ନମ୍ରତା ଆମର ସମ୍ପର୍କକୁ ମଧ ମଜବୁତ କରେ । ଏକ ନମ୍ର ଓ ସଂଯମୀ ବ୍ୟକ୍ତି ସମସ୍ତଙ୍କ ସହିତ ଭଲ ସମ୍ପର୍କ ରଖିପାରେ, ସେ ଅନ୍ୟମାନଙ୍କର ଭାବନାକୁ ସମ୍ମାନ କରେ ଓ ନିଜର ମତକୁ ଥୋପିବାକୁ ଚେଷ୍ଟା କରେନାହିଁ । ଯଦ୍ୱାରା ସମାଜରେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୁଏ । ସଂଯମତା ମାନେ ଦୁର୍ବଳତା ନୁହେଁ, ବରଂ ଏକ ଶକ୍ତି, ଯେଉଁ ବ୍ୟକ୍ତି ନିଜକୁ ନିୟନ୍ତ୍ରଣ କରିପାରେ, ସେ ସମସ୍ତ ପରିସ୍ଥିତିକୁ ଜିତିପାରେ ।

ସଂସାରରେ ଅନେକ ଉତ୍ଥାନ ପତନ ଆସେ, ସୁଖ ଦୁଃଖର ଜଞ୍ଜାଳ ଭିତରେ ମଣିଷ କେବେ କେବେ ଭାବପ୍ରବଣ ହୋଇଯାଏ ତ କେବେ ଅଧର୍ଯ୍ୟ ହୋଇ ନିଜର ସଂଯମତା ହରାଇଦିଏ, ଯାହା ଫଳରେ ଅନିଚ୍ଛା ସତ୍ତ୍ୱେ ଅନେକ ସମସ୍ୟା ଉତ୍ପନ୍ନ ହୋଇଯାଏ ଯାହା ସେ ଚାହିଁନଥାଏ । ତେଣୁ ନିଜ ବ୍ୟବହାରରେ ସଂଯମତା ରଖି ସମ୍ପର୍କକୁ ସାଇତି ରଖିବା ଦାୟିତ୍ୱ ଆମର । ସଂଯମତା ଆମର ବୁଦ୍ଧିକୁ ପରିପକ୍ୱ କରି ସମ୍ପର୍କକୁ ମଧୁର କରିଥାଏ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଦାମୀ ବ୍ୟୁଟି ପ୍ରଡକ୍ଟ ନୁହେଁ: ଖରାଦିନେ ତ୍ୱଚାରେ ଚମକ୍ ଆଣିବ ଏହିସବୁ ଫଳ

ଖରାଦିନ ଆସିବା ସହ ତାପମାତ୍ରା ବଢ଼ିବା କାରଣରୁ ମୁହଁର ରଙ୍ଗ ଫିକା ପଡ଼ିଯାଏ । ଅତ୍ୟଧିକ ଖରା ଯୋଗୁଁ ମୁହଁର ଗ୍ଲୋ ବା ଚମକ ଟ୍ୟାନିଂରେ ପରିଣତ ହୋଇଯାଏ । ଟ୍ୟାନିଂରୁ ରକ୍ଷା ପାଇବା ଏବଂ ଚମକ ପାଇବା ପାଇଁ ଲୋକମାନେ ଦାମୀ ବ୍ୟୁଟି ପ୍ରଡକ୍ଟର ସାହାଯ୍ୟ ନିଅନ୍ତି, କିନ୍ତୁ ପ୍ରକୃତି ଆମକୁ ଖରାଦିନେ ଏମିତି କିଛି ଫଳ ଦେଇଛି, ଯାହା ଆମର ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବାରେ ସାହାଯ୍ୟ କରେ । ଆଜି ଆମେ ଆପଣଙ୍କୁ ଖରାଦିନେ ମିଳୁଥିବା ସେହି ଫଳଗୁଡ଼ିକ ବିଷୟରେ କହିବୁ, ଯାହା ଆପଣଙ୍କ ତ୍ୱଚାକୁ ପ୍ରାକୃତିକ ଚମକ ଦେବ ।

ତ୍ୱଚାକୁ ଚମକଦାର କରିବା ପାଇଁ କ'ଣ ଖାଇବେ ?

**୧. ନଡ଼ିଆ ପାଣି:**
ନଡ଼ିଆ ପାଣି ଶରୀରକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାକୁ ଚମକଦାର ଏବଂ କୋମଳ ରଖିବାରେ ସାହାଯ୍ୟ କରେ । ଯଦି ଖରାଦିନେ ପ୍ରତିଦିନ ଗୋଟିଏ ନଡ଼ିଆ ପାଣି ପିଇବେ, ତେବେ ପେଟ ଏବଂ ତ୍ୱଚା ଉଭୟ ସୁସ୍ଥ ରହିବ ।

**୨. ତରଭୁଜ:**
ତରଭୁଜରେ ପ୍ରଚୁର ପରିମାଣରେ ଭିଟାମିନ୍ ସି, ଫାଇବର ଏବଂ ପାଣି ଥାଏ । ଭିଟାମିନ୍ ସି ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ଖରାଦିନେ ଟ୍ୟାନିଂ ସମସ୍ୟାରେ ଅସୁବିଧା ଭୋଗୁଛନ୍ତି, ତେବେ ନିଜ ଖାଦ୍ୟରେ ତରଭୁଜକୁ ନିଶ୍ଚୟ ସାମିଲ କରନ୍ତୁ । ମୁହଁକୁ ଚମକଦାର କରିବା ସହ ତରଭୁଜ ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖିବାରେ ମଧ ସାହାଯ୍ୟ କରେ ।

**୩. କାକୁଡ଼ି:**
କାକୁଡ଼ି କେବଳ ସାଲାଡର ଏକ ଅଂଶ ନୁହେଁ, ବରଂ ଏହା ପେଟ ଏବଂ ତ୍ୱଚା ଉଭୟ ପାଇଁ ସ୍ୱାସ୍ଥ୍ୟର ଭଣ୍ଡାର । କାକୁଡ଼ି ସମ୍ପୂର୍ଣ୍ଣ ଶରୀରକୁ ହାଇଡ୍ରେଟ୍ ରଖେ ଏବଂ ମୁହଁର ଶୁଷ୍କତାକୁ କମ୍ କରିବାରେ ସାହାଯ୍ୟ କରେ । ଅନେକ ସ୍କିନ୍



ଟ୍ରିଟମେଣ୍ଟରେ କାକୁଡ଼ି ବ୍ୟବହାର କରାଯାଏ ।

**୪. ଆମ୍ବ:**
ଆମ୍ବର ତାସିର ଗରମ ହୋଇଥିଲେ ମଧ ଏହା ତ୍ୱଚା ପାଇଁ ଲାଭଦାୟକ । ଆମ୍ବରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ମୁହଁର ହଜିଯାଇଥିବା ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ । ଯଦି ସଠିକ୍ ପରିମାଣରେ ଆମ୍ବ ସେବନ କରାଯାଏ, ତେବେ ଏହା ସମ୍ପୂର୍ଣ୍ଣ ଶରୀର ପାଇଁ ଫାଇଦା ମିଳିଥାଏ ।

**୫. କମଳା:**
କମଳାରେ ପ୍ରଚୁର ଭିଟାମିନ୍ ସି ଥାଏ । ଏହାର ଚୋପା ଠାରୁ ଆରମ୍ଭ କରି ରସ ପର୍ଯ୍ୟନ୍ତ ସବୁକିଛି ତ୍ୱଚା ପାଇଁ ଉପକାରୀ । କମଳା କେବଳ ମୁହଁକୁ ଗଭୀର ଭାବରେ ପୋଷଣ ଦିଏ ନାହିଁ, ବରଂ କଳା ଦାଗକୁ ହାଲୁକା କରିବାରେ ସାହାଯ୍ୟ କରେ । କମଳା ଚୋପାର ବ୍ୟବହାର ଫେସ୍ପ୍ୟାକ୍ରେ ମଧ କରାଯାଇଥାଏ ।

# ସ୍ୱାସ୍ଥ୍ୟର ଗନ୍ତାଘର ଧନିଆଁ : ଅନ୍ତ ରଖିବ ସ୍ୱଚ୍ଛ, ଦେହକୁ କରିବ ସୁସ୍ଥ

ଧନିଆଁକୁ ପ୍ରତିଦିନ ସେବନ କଲେ ଶରୀର ଉପରେ ପଡ଼ିଥାଏ ଚମତ୍କାର ପ୍ରଭାବ । ଏଭଳି ୩ ଟି ସହଜ ତରିକା ଯେମିତି ଧନିଆକୁ ଖାଇଲେ ପୂରା ଶରୀରରେ ଏହାର ସଫଳ ଦେଖାଯିବ । ଧନିଆର ଛୋଟ ଛୋଟ ଦାନା ସୁସ୍ଥ ଶରୀରର ଗନ୍ତାଘର, ଯାହା ଆପଣଙ୍କ ହଜମ ପ୍ରକିୟାଠାରୁ ନେଇ ବ୍ଲଡ ସୁଗାର କଣ୍ଟ୍ରୋଲ କରିବା ନେଇ ସବୁ କାମରେ ଫାଇଦା ଦେବ । କିନ୍ତୁ ଏଥିରା ଫାଇଦା କିପରି ଏହା ଧନିଅରାକୁ ବ୍ୟବହାର କରିବାର ତରିକା ଉପରେ ନିର୍ଭର କରେ । ଧନିଆଁକୁ ଆପଣ ପାଣିରେ ଭିଜାଇ ସେ ପାଣିକୁ ପିଇପାରିବେ । ନହେଲେ ଏହାକୁ ପାଉଡର କରି ସେବନ କରିପାରିବେ । ସବୁଠୁ ବଡ଼ କଥା ହେଲା ଧନିଆକୁ ଭିନ୍ନ ଭିନ୍ନ ତରିକାରେ ସେବନ କରିବାର ପରିଣାମ ବି ଅଲଗା ଅଲଗା । ଏହାକୁ ମୁଖ୍ୟତଃ ୩ ଟି ଉପାୟରେ ସେବନ କରିପାରିବା । ସବୁଠୁ ପ୍ରଥମ ତରିକା ହେଉଛି ଧନିଆକୁ ପାଣିରେ ଭିଜାଇ ଏହାର ପାଣି ପିଇବା । ଧନିଆ ପାଣି ପିଇବା ଦେହ ପାଇଁ ବହୁତ ଭଲ । ହେଲେ ଏହି ପାଣି ପିଇଲେ କି କି ଲାଭ ମିଳେ ଏବଂ ଏହା କେଉଁମାନଙ୍କ ପାଇଁ ଭଲ ତାହା ବି ଜାଣିବା ଜରୁରି । ଧନିଆ ପାଣିକୁ ପ୍ରତିଦିନ ପିଇଲେ ହଜମ ଶକ୍ତି ଠିକ୍ ରୁହେ । ଏହି ପାଣି ହଜମ କ୍ରିୟାକୁ ତ୍ୱରାନ୍ୱିତ କରେ ଶରୀରକୁ ଡିଟକ୍ସ କରିଥାଏ । ଫଳରେ ଏସିଡିଟି ସମସ୍ୟା ରୁହେନାହିଁ । ଯଦି କାହାର ପେଟ ଭାରି ଲାଗୁଥାଏ ତାହେଲେ ଧନିଆ ଭିଜା ପାଣିକୁ ପିଇବା ଦ୍ୱାରା ହାଲକା ଅନୁଭୂତ ହୁଏ । ଏହାବ୍ୟତୀତ ଯେଉଁମାନଙ୍କର ଡାଏବେଟିସ୍ ରହିଛି ସେମାନେ ମଧ ଏହି ପାଣିକୁ ନିୟମିତ ପିଇଲେ ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରୁହେ ।



# କ୍ଷମତାର ଖେଳରେ ରକ୍ତାକ୍ତ ଶୈଶବ: ଆନ୍ତର୍ଜାତିକ ଆଇନର ଖୋଲା ଉଲ୍ଲଂଘନ

ଯୁଦ୍ଧ କେବେ ବି କାହାର ମଙ୍ଗଳ ଆଣିନଥାଏ, କିନ୍ତୁ ଯେତେବେଳେ ଏହି ଯୁଦ୍ଧର ସବୁଠାରୁ ବଡ଼ ଏବଂ ନିରୀହ ଶିକାର ନିଷ୍ପାପ ଶିଶୁମାନେ ହୁଅନ୍ତି, ସେତେବେଳେ ସମଗ୍ର ମାନବ ସମାଜର ବିବେକ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୁଏ । ବର୍ତ୍ତମାନ ପଶ୍ଚିମ ଏସିଆରେ ଯେଉଁ ରକ୍ତାକ୍ତ ସଂଘର୍ଷ ଚାଲିଛି, ତାହା କେବଳ ଦୁଇଟି ଦେଶ ବା ଗୋଷ୍ଠୀ ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏକ ସମ୍ପୂର୍ଣ୍ଣ ପିଢ଼ିକୁ ଧ୍ୱଂସ କରିଦେବାର ଏକ ଭୟଙ୍କର ପ୍ରକ୍ରିୟାରେ ପରିଣତ ହୋଇଛି । ବିଶେଷକରି ଇସ୍ରାଏଲ୍ ଏବଂ ଆମେରିକାର ସାମ୍ରାଜ୍ୟବାଦୀ ତଥା ଆକ୍ରମଣାତ୍ମକ ନୀତିର ସବୁଠାରୁ ଭୟଙ୍କର ପରିଣାମ ଏବେ ସେହି ଅଞ୍ଚଳର ଛୋଟ ଛୋଟ ପିଲାମାନଙ୍କୁ ଭୋଗିବାକୁ ପଡୁଛି । ସାମ୍ପ୍ରତିକ ତଥ୍ୟ ଏବଂ ଘଟଣାବଳୀକୁ ଅନୁଧ୍ୟାନ କଲେ ଏକ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସେ ଯେ, ନିଜର ଭୌଗୋଳିକ ତଥା ରାଜନୈତିକ ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆନ୍ତର୍ଜାତିକ ମାନବିକ ଆଇନକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇସାରିଛନ୍ତି ।

ଗତ ଫେବୃଆରୀ ୨୮ ତାରିଖ ସକାଳର ଘଟଣାକୁ ବିଚାରକୁ ନିଆଯାଉ । ଇରାନର ମିନାବ ସହରରେ ଥିବା ଶାଜାରେହ ତୟେବେହ ବିଦ୍ୟାଳୟରେ ଶହ ଶହ ଛୋଟ ଝିଅ ନିଜ ପାଠପଢ଼ାରେ ବ୍ୟସ୍ତ ଥିଲେ । ସେମାନଙ୍କର ସ୍ୱପ୍ନ ଥିଲା ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ ଥିଲା । କିନ୍ତୁ ହଠାତ୍ ଆକାଶରୁ ଖସିଆସିଲା ଏକ ବିଧ୍ୱଂସୀ କ୍ଷେପଣାସ୍ତ୍ର ଏବଂ ମୁହୂର୍ତ୍ତକ ଭିତରେ ହସଖୁସିରେ ଭରି ରହିଥିବା ସ୍କୁଲ୍ ପରିସର ଏକ ବିଶାଳ ଭଗ୍ନାବଶେଷରେ ପରିଣତ ହେଲା । ଉଦ୍ଧାରକାରୀ ଦଳ ଯେତେବେଳେ କଳା ଧୂଆଁ ଦେଖି ଘଟଣାସ୍ଥଳରେ ପହଞ୍ଚିଲେ, ସେତେବେଳେ ସେଠାରେ କେବଳ ରକ୍ତାକ୍ତ ସ୍କୁଲ ବ୍ୟାଗ୍, ଛିନ୍ନଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଏବଂ କଂକ୍ରିଟ୍ ପାହାଡ଼ ତଳେ ଚାପି ହୋଇ ରହିଥିବା ଶିଶୁମାନଙ୍କର ମୃତଦେହ ହିଁ ଦେଖିବାକୁ ମିଳିଥିଲା । ପରବର୍ତ୍ତୀ ସମୟରେ ହୋଇଥିବା ରିପୋର୍ଟରୁ ସ୍ପଷ୍ଟ ହେଲା ଯେ ଏହି ଆକ୍ରମଣରେ ପ୍ରାୟ ୧୬୮ ଜଣ ଶିଶୁଙ୍କର ପ୍ରାଣହାନି ଘଟିଥିଲା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ମାତ୍ର ସାତ ରୁ ୧୨ ବର୍ଷ ମଧ୍ୟରେ ଥିଲା । ଏହି ବିଦ୍ୟାଳୟଟି ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ର ଏକ ନୌସେନା କମ୍ପାଉଣ୍ଡ ନିକଟରେ ଅବସ୍ଥିତ ଥିଲା, ଯାହାକି ଆକ୍ରମଣକାରୀଙ୍କ ମୂଳ ଲକ୍ଷ୍ୟ ଥିଲା ବୋଲି କୁହାଯାଉଛି । ଆମେରିକା ଏବଂ ଇସ୍ରାଏଲର ମିଳିତ ଉଦ୍ୟମରେ ଇରାନ ଉପରେ ହୋଇଥିବା ଏହି ଟାର୍ଗେଟେଡ୍ ଆକ୍ରମଣରେ ଆମେରିକାର ସବୁଠାରୁ ନିର୍ଭୁଲ କୁହାଯାଉଥିବା ଟୋମାହକ୍ କ୍ରୁଜ୍ ମିସାଇଲ୍ ବ୍ୟବହାର କରାଯାଇଥିବାର ପ୍ରମାଣ ମିଳିଛି ।

ଆଶ୍ଚର୍ଯ୍ୟର କଥା ହେଉଛି, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଏହି ଆକ୍ରମଣ ପାଇଁ ଇରାନକୁ ହିଁ ଦାୟୀ କରିବାକୁ ଚେଷ୍ଟା କରିଥିଲେ, ଯଦିଓ ଇରାନ ପାଖରେ ଟୋମାହକ୍ କ୍ଷେପଣାସ୍ତ୍ର ନାହିଁ । କିନ୍ତୁ ଗଣମାଧ୍ୟମର ଅନୁସନ୍ଧାନ ଏବଂ ଆମେରିକାର ନିଜସ୍ୱ ପ୍ରାଥମିକ ସାମରିକ ତଦନ୍ତରୁ ଜଣାପଡ଼ିଲା ଯେ ପୁରୁଣା ତଥା ତ୍ରୁଟିପୂର୍ଣ୍ଣ ଟାର୍ଗେଟିଂ ତଥ୍ୟ ବ୍ୟବହାର ଯୋଗୁଁ ଆମେରିକୀୟ ସେନା ଏହି ଭୟଙ୍କର ବିପର୍ଯ୍ୟୟ ଘଟାଇଥିଲା । ପେଣ୍ଟାଗନ୍ ବର୍ତ୍ତମାନ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରୁଥିବା ବେଳେ ଜାତିସଂଘ ମଧ୍ୟ ଏହାର ଖୋଳତାଡ଼ କରୁଛି । ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ୍ ସ୍ପଷ୍ଟ ଭାବରେ କହିଛି ଯେ ବେସାମରିକ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଆମେରିକୀୟ ସେନା ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଅସ୍ତ୍ରଶସ୍ତ୍ର ଥାଇ ମଧ୍ୟ ଏତେ ବଡ଼ ଧରଣର ତ୍ରୁଟି କେବଳ ଏକ ଦୁର୍ଘଟଣା ନୁହେଁ, ବରଂ ଏହା ମାନବ ଜୀବନ ପ୍ରତି ଥିବା ଚରମ ଅବହେଳାକୁ ଦର୍ଶାଉଛି ।

କିନ୍ତୁ ମିନାବର ଏହି ଛୋଟ ଝିଅମାନେ ପଶ୍ଚିମ ଏସିଆରେ ଚାଲିଥିବା ଏହି ଅମାନବୀୟ ଯୁଦ୍ଧର ଏକମାତ୍ର ଶିକାର ନୁହଁନ୍ତି । ପଶ୍ଚିମ ଏସିଆକୁ ଏକମୁଖୀ କରିବା ପାଇଁ ଆମେରିକା ଏବଂ ଇସ୍ରାଏଲ୍ ଯେଉଁ ରକ୍ତାକ୍ତ ଖେଳ ଖେଳୁଛନ୍ତି, ତାର ମୂଲ୍ୟ ପ୍ରତିଦିନ ଅଗଣିତ ଶିଶୁ ନିଜ ଜୀବନ ଦେଇ ମୂଲ୍ୟ ଦେଉଛନ୍ତି । ମିନାବ ଠାରୁ ଦୁଇ ହଜାର କିଲୋମିଟରରୁ କମ୍ ଦୂରତାରେ ଥିବା ଲେବାନନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି । ମାର୍ଚ୍ଚ ୨ ତାରିଖ ଠାରୁ ଇସ୍ରାଏଲର କ୍ରମାଗତ ବୋମାମାଡ଼ ଯୋଗୁଁ ଲେବାନନରେ ଶତାଧିକ ଶିଶୁ ପ୍ରାଣ ହରାଇସାରିଲେଣି । ରିପୋର୍ଟ ଅନୁଯାୟୀ, ଦୁଇ ସପ୍ତାହରୁ କମ୍ ସମୟ ମଧ୍ୟରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ଯୋଗୁଁ ଲେବାନନରେ ଅନେକ ପରିବାରର ଏକାଧିକ ପିଢ଼ି ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯାଇଛନ୍ତି । ଅତୀତରେ ଲେବାନନ୍ ଦେଖିଥିବା କୌଣସି ବି ଯୁଦ୍ଧ ତୁଳନାରେ ବର୍ତ୍ତମାନର ମୃତ୍ୟୁହାର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି ।

ସେହିପରି ଗାଜା ଏବଂ ୱେଷ୍ଟ ବ୍ୟାଙ୍କର ସ୍ଥିତି ମାନବ ଇତିହାସର ସବୁଠାରୁ କଳଙ୍କିତ ଅଧ୍ୟାୟ ମଧ୍ୟରୁ ଗୋଟିଏ ପାଲଟିଛି । ୨୦୨୩ ଅକ୍ଟୋବର ୭ ରୁ ୨୦୨୫ ଅଗଷ୍ଟ ମଧ୍ୟରେ ଗାଜାରେ ପ୍ରାୟ ୨୦,୦୦୦ ରୁ ଅଧିକ ଶିଶୁଙ୍କୁ ହତ୍ୟା କରାଯାଇଛି । ସବୁଠାରୁ ହୃଦୟ ବିଦାରକ ତଥ୍ୟ ହେଉଛି, ଏହି ମୃତକଙ୍କ ମଧ୍ୟରେ ୧୦ ପ୍ରତିଶତ କେବଳ ନବଜାତ ଶିଶୁ ଥିଲେ । ରିଲିଫ୍ ସାମଗ୍ରୀ ଗ୍ରହଣ କରିବା ସମୟରେ, ଶରଣାର୍ଥୀ ଶିବିରରେ ଆଶ୍ରୟ ନେଇଥିବା ବେଳେ ଏବଂ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ମଧ୍ୟ ଶିଶୁମାନଙ୍କ ଉପରେ ବୋମାମାଡ଼ କରାଯାଇଛି । ଆମେରିକା ଦ୍ୱାରା ଯୋଗାଇ ଦିଆଯାଉଥିବା ଅତ୍ୟାଧୁନିକ ତଥା ବିଧ୍ୱଂସୀ ବୋମାଗୁଡ଼ିକୁ ଇସ୍ରାଏଲ୍ ଅତ୍ୟନ୍ତ ଜନବହୁଳ ଅଞ୍ଚଳରେ ପ୍ରୟୋଗ କରୁଛି, ଯାହାର ସିଧାସଳଖ ଶିକାର ଶିଶୁମାନେ ହେଉଛନ୍ତି । ଏହା ବ୍ୟତୀତ ଖାଦ୍ୟ, ପାନୀୟ ଜଳ ଏବଂ ଔଷଧର ଘୋର ଅଭାବ ଯୋଗୁଁ ଅନାହାର ଓ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ଶିଶୁମାନଙ୍କ ସଂଖ୍ୟା ଏହି ସରକାରୀ ପରିସଂଖ୍ୟାନ ଠାରୁ ଯଥେଷ୍ଟ ଅଧିକ । ଏହି ସମସ୍ତ ଘଟଣା ଅନ୍ତର୍ଜାତୀୟ ସମୁଦାୟର ନିଷ୍କ୍ରିୟତାକୁ ପଦାରେ ପକାଉଛି ।

ଯଦି ଆମେ ଏହି ଘଟଣାବଳୀର ଏକ ବୈଜ୍ଞାନିକ ଏବଂ ତଥ୍ୟଭିତ୍ତିକ ବିଶ୍ଳେଷଣ କରିବା, ତେବେ ଆର୍ମଡ୍ କନଫ୍ଲିକ୍ଟ ଲୋକେସନ୍ ଆଣ୍ଡ୍ ଇଭେଣ୍ଟ ଡାଟା ପ୍ରୋଜେକ୍ଟ ର ତଥ୍ୟ ଏକ ଭୟଙ୍କର ଏବଂ ଉଦ୍‌ବେଗଜନକ ଚିତ୍ର ଉପସ୍ଥାପନ କରୁଛି । ୧୯୯୬ ମସିହାରୁ ବିଶ୍ୱବ୍ୟାପୀ ହୋଇଥିବା ବିଦେଶୀ ଆକ୍ରମଣ ଅର୍ଥାତ୍ ଗୋଟିଏ ଦେଶ ଦ୍ୱାରା ଅନ୍ୟ ଦେଶର ମାଟିରେ କରାଯାଇଥିବା ସାମରିକ ଆକ୍ରମଣ ଗୁଡ଼ିକ ମଧ୍ୟରୁ ଯେଉଁଥିରେ ଶିଶୁମାନଙ୍କର ମୃତ୍ୟୁ ଘଟିଛି, ସେଥିରୁ ୬୨ ପ୍ରତିଶତ କେବଳ ଇସ୍ରାଏଲ୍ ଏବଂ ଆମେରିକା ଦ୍ୱାରା କରାଯାଇଛି । ତଥ୍ୟ ଅନୁଯାୟୀ, ଗତ ତିନି ଦଶନ୍ଧି ମଧ୍ୟରେ ମୋଟ ୬୬,୦୦୦ ଘାତକ ବିଦେଶୀ ଆକ୍ରମଣ ହୋଇଛି, ଯେଉଁଥିରୁ ପ୍ରାୟ ୪ ପ୍ରତିଶତ ଅର୍ଥାତ୍ ପାଖାପାଖି ୨,୫୦୦ ଘଟଣାରେ ଅତିକମରେ ଜଣେ ଶିଶୁର ମୃତ୍ୟୁ ଘଟିଛି । ଏହି ୪ ପ୍ରତିଶତ ଘଟଣାର ଦେଶ-ଭିତ୍ତିକ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଶିଶୁ ମୃତ୍ୟୁ ଘଟିଥିବା ସମସ୍ତ ବିଦେଶୀ ଆକ୍ରମଣ ମଧ୍ୟରୁ ଏକାକୀ ଇସ୍ରାଏଲ୍ ୪୧ ପ୍ରତିଶତ ପାଇଁ ଦାୟୀ ଏବଂ ଆମେରିକା ୨୧ ପ୍ରତିଶତ ପାଇଁ ଦାୟୀ । ଅର୍ଥାତ୍ ୧୯୯୬ ମସିହାରୁ ଇସ୍ରାଏଲ୍ ଦ୍ୱାରା କରାଯାଇଥିବା ପ୍ରତି ନଅଟି ଘାତକ ଆକ୍ରମଣ ମଧ୍ୟରୁ ଗୋଟିଏରେ ଅତିକମରେ ଜଣେ ଶିଶୁର ଜୀବନ ଯାଇଛି ।

ବିଶ୍ୱର ଅନ୍ୟ କୌଣସି ଦେଶ ଏହି କ୍ଷେତ୍ରରେ ଇସ୍ରାଏଲର ପାଖାପାଖି ମଧ୍ୟ ନାହାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସମଗ୍ର ବିଶ୍ୱରେ ହୋଇଥିବା ମୋଟ ଘାତକ ବିଦେଶୀ ଆକ୍ରମଣର ମାତ୍ର ୧୪ ପ୍ରତିଶତ ଇସ୍ରାଏଲ୍ କରିଥିଲେ ମଧ୍ୟ, ଶିଶୁ ମୃତ୍ୟୁ ଘଟଣାରେ ଏହା ୪୧ ପ୍ରତିଶତ ସହ ସର୍ବାଗ୍ରେ ରହିଛି । ଏହା ପ୍ରମାଣ କରୁଛି ଯେ ଇସ୍ରାଏଲର ଆକ୍ରମଣ ଶୈଳୀରେ ବେସାମରିକ ନାଗରିକ ଏବଂ ସାମରିକ ଲକ୍ଷ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ରଖାଯାଉନାହିଁ । ଅନ୍ୟପକ୍ଷରେ, ଏହି କଳଙ୍କିତ ତାଲିକାରେ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି । ଆମେରିକା ଦ୍ୱାରା କରାଯାଇଥିବା ମୋଟ ଘାତକ ଆକ୍ରମଣର ପ୍ରାୟ ୭ ପ୍ରତିଶତ କ୍ଷେତ୍ରରେ ଶିଶୁମାନେ ନିଜର ପ୍ରାଣ ହରାଇଛନ୍ତି । ଏହି ତଥ୍ୟକୁ ଯଦି ଆମେ ରୁଷିଆ ସହିତ ତୁଳନା କରିବା, ତେବେ ପାର୍ଥକ୍ୟ ସ୍ପଷ୍ଟ ବାରି ହୋଇପଡ଼ିବ । ୧୯୯୬ ଠାରୁ ବିଶ୍ୱରେ ହୋଇଥିବା ମୋଟ ଘାତକ ବିଦେଶୀ ଆକ୍ରମଣର ସର୍ବାଧିକ ୫୬ ପ୍ରତିଶତ କେବଳ ରୁଷିଆ କରିଛି, କିନ୍ତୁ ସେଥିମଧ୍ୟରୁ ମାତ୍ର ୨ ପ୍ରତିଶତରୁ କମ୍ ଆକ୍ରମଣରେ ଶିଶୁଙ୍କର ମୃତ୍ୟୁ ଘଟିଛି । ଏହି ତୁଳନାତ୍ମକ ଅଧ୍ୟୟନରୁ ଏହା ସ୍ପଷ୍ଟ ଯେ ଆମେରିକା ଏବଂ ଇସ୍ରାଏଲର ସାମରିକ ଅଭିଯାନଗୁଡ଼ିକ ଅତ୍ୟନ୍ତ ବିନାଶକାରୀ ଏବଂ ଏଥିରେ ଆନ୍ତର୍ଜାତିକ ଯୁଦ୍ଧ ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଏହି ତଥ୍ୟ କେବଳ ସୁନିଶ୍ଚିତ ମୃତ୍ୟୁ ଘଟଣା ଉପରେ ଆଧାରିତ । ଭଗ୍ନାବଶେଷ ତଳେ ପୋତି ହୋଇ ରହିଥିବା, ନିଖୋଜ ଥିବା କିମ୍ବା ରିପୋର୍ଟ ହୋଇନଥିବା ହଜାର ହଜାର ଶିଶୁଙ୍କ ସଂଖ୍ୟାକୁ ଏଥିରେ ସାମିଲ କରାଗଲେ ବାସ୍ତବ ଚିତ୍ର ଆହୁରି ଭୟଙ୍କର ହେବ । ମିଳିତ ଜାତିସଂଘର ନିରାପତ୍ତା ପରିଷଦ ଯୁଦ୍ଧ ସମୟରେ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବା ପାଇଁ ଛଅଟି ଗୁରୁତର ଉଲ୍ଲଂଘନ ଚିହ୍ନଟ କରିଛି, ଯାହା ମଧ୍ୟରେ ଶିଶୁମାନଙ୍କୁ ହତ୍ୟା କରିବା ଏବଂ ଅଙ୍ଗହୀନ କରିବା ପ୍ରମୁଖ ଅଟେ । କିନ୍ତୁ ବର୍ତ୍ତମାନର ସଂଘର୍ଷରେ ଏହି ନିୟମଗୁଡ଼ିକ କେବଳ କାଗଜପତ୍ରରେ ସୀମିତ ରହିଯାଇଛି । ଯୁଦ୍ଧାଞ୍ଚଳରେ ଶିଶୁମାନେ କେବଳ ବୋମା ମାଡ଼ରେ ମରୁନାହାନ୍ତି, ବରଂ ସେମାନେ ଅନ୍ୟାନ୍ୟ ଅକଥନୀୟ ଅତ୍ୟାଚାରର ମଧ୍ୟ ସମ୍ମୁଖୀନ ହେଉଛନ୍ତି । ସଶସ୍ତ୍ର ଗୋଷ୍ଠୀ ଦ୍ୱାରା ନିଯୁକ୍ତି, ଯୌନ ନିର୍ଯାତନା, ଅପହରଣ ଏବଂ ମାନବିକ ସହାୟତାରୁ ବଞ୍ଚିତ ହେବା ଭଳି ଘଟଣା ଶିଶୁମାନଙ୍କର ଶାରୀରିକ ତଥା ମାନସିକ ବିକାଶକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଉଛି ।

ଯେଉଁ ଶିଶୁମାନେ ବଞ୍ଚିଯାଉଛନ୍ତି, ସେମାନେ ନିଜ ଆଖି ସାମ୍ନାରେ ପରିବାର ଲୋକଙ୍କ ମୃତ୍ୟୁ ଦେଖି ଗଭୀର ମାନସିକ ଆଘାତର ଶିକାର ହେଉଛନ୍ତି । ସ୍କୁଲ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଯୋଜନାବଦ୍ଧ ଭାବରେ ନଷ୍ଟ କରାଯାଉଛି, ଯାହାକୁ ଆଧୁନିକ ପରିଭାଷାରେ ସ୍କୋଲାଷ୍ଟିସାଇଡ୍ କୁହାଯାଉଛି । ଏହାଦ୍ୱାରା ଏକ ସମ୍ପୂର୍ଣ୍ଣ ପିଢ଼ିର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି । ମିନାବ ସ୍କୁଲ୍ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ପରେ ଜାତିସଂଘର ଶିଶୁ ଅଧିକାର କମିଟି ଏକ ବିବୃତ୍ତି ଜାରି କରି ସ୍ପଷ୍ଟ କରିଦେଇଛି ଯେ ବିଦ୍ୟାଳୟ ଏବଂ ଡାକ୍ତରଖାନା ଭଳି ବେସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ ଏକ ଚେତାବନୀ ଯେ ସଶସ୍ତ୍ର ସଂଘର୍ଷରେ ଶିଶୁମାନେ ସବୁଠାରୁ ଅସୁରକ୍ଷିତ । କମିଟି ଦୃଢ଼ୋକ୍ତି ପ୍ରକାଶ କରିଛି ଯେ ଶିଶୁମାନଙ୍କୁ କେବେହେଲେ ଯୁଦ୍ଧର ଆନୁସଙ୍ଗିକ କ୍ଷତି ବା କୋଲାଟେରାଲ୍ ଡ୍ୟାମେଜ୍ ଭାବରେ ଗ୍ରହଣ କରାଯାଇପାରିବ ନାହିଁ । ଅନ୍ତର୍ଜାତୀୟ ମାନବିକ ଆଇନର ମୂଳଦୁଆ ହେଉଛି ଯୁଦ୍ଧ ସମୟରେ ବେସାମରିକ ନାଗରିକ ଏବଂ ଯୋଦ୍ଧାମାନଙ୍କ ମଧ୍ୟରେ ପାର୍ଥକ୍ୟ ରଖିବା ଏବଂ ନିରୀହ ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବା ।

କିନ୍ତୁ ଆମେରିକା ଏବଂ ଇସ୍ରାଏଲ୍ କ୍ରମାଗତ ଭାବରେ ଏହି ଆଇନକୁ ଉଲ୍ଲଂଘନ କରୁଛନ୍ତି ଏବଂ ବିଶ୍ୱ ସମୁଦାୟ ନିଜର ଭୂ-ରାଜନୈତିକ ସ୍ୱାର୍ଥ ପାଇଁ ନୀରବ ଦର୍ଶକ ସାଜିଛନ୍ତି । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜର ଅସ୍ତ୍ରଶସ୍ତ୍ର ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଏହି ଯୁଦ୍ଧକୁ ପରୋକ୍ଷ ଭାବରେ ପ୍ରୋତ୍ସାହିତ କରୁଥିବା ବେଳେ ମାନବିକତାର ସ୍ୱର କ୍ଷୀଣ ହୋଇଯାଉଛି । ଯେତେବେଳେ କ୍ଷମତା ଏବଂ ସାମ୍ରାଜ୍ୟ ବିସ୍ତାରର ନିଶା ରାଷ୍ଟ୍ରମୁଖ୍ୟମାନଙ୍କ ମୁଣ୍ଡକୁ ଘାରେ, ସେତେବେଳେ ମାନବିକତା, ନ୍ୟାୟ ଏବଂ ଅଧିକାର ଭଳି ଶବ୍ଦଗୁଡ଼ିକ ଅର୍ଥହୀନ ହୋଇଯାଏ । ଆଜି ପଶ୍ଚିମ ଏସିଆର ମାଟି ଶିଶୁମାନଙ୍କ ରକ୍ତରେ ରଞ୍ଜିତ ହୋଇଛି । ଯଦି ଆମେରିକା ଏବଂ ଇସ୍ରାଏଲର ଏହି ସାମ୍ରାଜ୍ୟବାଦୀ ଯୁଦ୍ଧକୁ ତୁରନ୍ତ ବନ୍ଦ କରାନଯାଏ ଏବଂ ଆକ୍ରମଣକାରୀଙ୍କୁ ଆନ୍ତର୍ଜାତିକ ଆଇନ ଅନୁଯାୟୀ ଜବାବଦେହୀ କରାନଯାଏ, ତେବେ ଆଗାମୀ ଦିନରେ ଆହୁରି ଅନେକ ସ୍କୁଲ୍ ଭଗ୍ନାବଶେଷରେ ପରିଣତ ହେବ ଏବଂ ଅଗଣିତ ନିଷ୍ପାପ ଶିଶୁଙ୍କ ଭବିଷ୍ୟତ ମାଟିରେ ମିଶିଯିବ । ସମୟ ଆସିଛି, ବିଶ୍ୱର ସମସ୍ତ ଶାନ୍ତିକାମୀ ରାଷ୍ଟ୍ର ଏବଂ ମାନବିକ ଅଧିକାର ସଂଗଠନଗୁଡ଼ିକ ଏକାଠି ହୋଇ ଏହି ନିର୍ଦ୍ଦୟ ଯୁଦ୍ଧ ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ୍ । କାରଣ, ଭୂ-ରାଜନୈତିକ ସ୍ୱାର୍ଥ ହାସଲ ପାଇଁ କୌଣସି ବି ଯୁଦ୍ଧର ବିଜୟ ଏକ ନିଷ୍ପାପ ଶିଶୁର ଜୀବନ ଠାରୁ କେବେ ବି ଅଧିକ ମୂଲ୍ୟବାନ ହୋଇନପାରେ । ଯେଉଁ ବିଶ୍ୱ ନିଜର ଶିଶୁମାନଙ୍କୁ ସୁରକ୍ଷା ଦେଇପାରେ ନାହିଁ, ସେହି ବିଶ୍ୱ ନିଜକୁ ସଭ୍ୟ ବୋଲି ଦାବି କରିବାର କୌଣସି ନୈତିକ ଅଧିକାର ରଖେ ନାହିଁ ।



# ବୈଜ୍ଞାନିକ ଚେତନା

ଅଧ୍ୟାପକ ଗୋପବନ୍ଧୁ

ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ। ନିର୍ଭୁଲ ଓ ନିଶ୍ଚିତ ଜ୍ଞାନ ହିଁ ବିଜ୍ଞାନ। କୌଣସି ସମ୍ଭାବିତ ଜ୍ଞାନ କିମ୍ବା ବିଶ୍ୱାସ ଆଧାରିତ ଜ୍ଞାନ ବିଜ୍ଞାନ ନୁହେଁ। ବୈଜ୍ଞାନିକ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ବହୁ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ପଡେ। ବିଭିନ୍ନ ସ୍ଥାନ ଓ ସମୟରେ ପରୀକ୍ଷା ହୁଏ। ଉଦାହରଣ ସ୍ୱରୂପ ମ୍ୟାଲେରିଆ ରୋଗର କାରଣ ହେଉଛି ମାଇ ଏନୋଫିଲିସ୍ ମଶା କାମୁଡିବା। ଏପରି ସିଦ୍ଧାନ୍ତକୁ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ ବହୁବର୍ଷ ଲାଗିଛି। ବିଶ୍ୱର ବିଭିନ୍ନ ସ୍ଥାନରେ ବହୁ ପରୀକ୍ଷା ନିରୀକ୍ଷା ହୋଇଛି। ଚିକିତ୍ସା ବିଜ୍ଞାନରେ ଏହି ସିଦ୍ଧାନ୍ତକୁ ବାରମ୍ବାର ପ୍ରୟୋଗକରି ଦେଖାଯାଇଛି। ସମସ୍ତ ବିରୋଧୀ ସମ୍ଭାବନାର ତର୍ଜମା ହୋଇଛି। ଏହାର କୌଣସି ବ୍ୟତିକ୍ରମ ଅଛି କି ନାହିଁ ତାହା ଲକ୍ଷ୍ୟ କରାଯାଇଛି।

ବିଜ୍ଞାନ ଲମ୍ବା ପ୍ରକ୍ରିୟା ଉପରେ ନିର୍ଭର କରେ। ବୈଜ୍ଞାନିକ ଶୋଧନ ଦ୍ୱାରା ଲବ୍ଧ ବିଭିନ୍ନ ଜ୍ଞାନ ମଧ୍ୟରେ ଯେତେବେଳେ ଏକ ଶୃଙ୍ଖଳା ତିଆରି ହୁଏ ସେତେବେଳେ ଏହା ସୁନିଶ୍ଚିତ ହୋଇଯାଏ। ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତିଜନିତ ସିଦ୍ଧାନ୍ତ କେବଳ ବସ୍ତୁର ଭୂପୃଷ୍ଠ ଉପରେ ପତନକୁ ସନ୍ତୋଷ ଜନକଭାବେ ବ୍ୟାଖ୍ୟା କରୁଛି ତାହା ନୁହେଁ, ଏହା ସହିତ ଏ ସିଦ୍ଧାନ୍ତ ମହାକର୍ଷଣ ଶକ୍ତି ଜନିତ ନିୟମକୁ ଜନ୍ମ ଦେଇଛି। ଗ୍ରହ ନକ୍ଷତ୍ରମାନଙ୍କର ସୂର୍ଯ୍ୟ ଚାରିପଟେ ପରିକ୍ରମଣର ସ୍ୱଚ୍ଛଚିତ୍ର ପ୍ରଦାନ କରିପାରିଛି। ମହାକାଶୀୟ ପିଣ୍ଡମାନଙ୍କର ଗତିବିଧିକୁ ନିର୍ଣ୍ଣୟ କରିପାରୁଛି। ସମୁଦ୍ରରେ କାହିଁକି ଜୁଆରଭଟ୍ଟା ଆସେ ତାହାର ଉଚିତ ବର୍ଣ୍ଣନା ଦେଇପାରୁଛି। ମହାକର୍ଷଣ ନିୟମ ଅନୁଯାୟୀ ପୃଥିବୀର ସୂର୍ଯ୍ୟ ଚାରିପଟେ ଓ ଚନ୍ଦ୍ରର ପୃଥିବୀ ଚାରିପଟେ ପ୍ରଦକ୍ଷିଣ ଯୋଗୁଁ କିପରି ବିଶେଷ ମୁହୂର୍ତ୍ତରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେଉଛି ତାହାର ପ୍ରାଞ୍ଜଳ ବର୍ଣ୍ଣନା ଦେଇପାରୁଛି। ରାହୁ-କେତୁ ଗିଳିବା ଦ୍ୱାରା ଏହା ହେଉଛି ଏପରି ଭ୍ରାନ୍ତ ବିଶ୍ୱାସ ଦୂରୀଭୂତ ହୋଇଛି।

ବିଜ୍ଞାନ ଏକ ପ୍ରବାହମାନ ପ୍ରକ୍ରିୟା। ବୈଜ୍ଞାନିକ ଅନୁସନ୍ଧାନ ଆଗକୁ ବଢ଼ିଚାଲିଛି। ବିଶ୍ୱବ୍ରହ୍ମାଣ୍ଡର ଅନେକ ରହସ୍ୟକୁ ଉନ୍ମୋଚନ କରିଛି। ଆହୁରି ଅନେକ ରହସ୍ୟ ଉନ୍ମୋଚିତ ହେବାକୁ ବାକି ଅଛି। ବିଜ୍ଞାନର ଆଲୋକରେ ଅନେକ ଅନ୍ଧବିଶ୍ୱାସ ଦୂରୀଭୂତ ହୋଇଛି। ଅତୀତରେ ହଇଜା ଓ ବସନ୍ତ ରୋଗକୁ ଦୈବୀ ଶକ୍ତିର ପ୍ରକୋପ ବୋଲି ବିଶ୍ୱାସ ଥିଲା। ତାଙ୍କୁ ସନ୍ତୁଷ୍ଟ କଲେ ଏହା ଭଲ ହୋଇଯିବ ବୋଲି ଭ୍ରାନ୍ତ ବିଶ୍ୱାସ ଥିଲା। ପରେ ଚିକିତ୍ସା ବିଜ୍ଞାନରେ ଏହା ସଂକ୍ରାମକ ରୋଗ ବୋଲି ପ୍ରମାଣିତ ହେଲା। ଏହାର ପ୍ରତିଷେଧକ ଓ ସଂକ୍ରମଣରୁ ରକ୍ଷାର ଉପାୟ ଚିକିତ୍ସା ବିଜ୍ଞାନ ନିର୍ଣ୍ଣୟ କରିଛି। ଏହିପରିଭାବେ ଅନେକ ଅନ୍ଧବିଶ୍ୱାସରୁ ବିଜ୍ଞାନ ଆମକୁ ମୁକ୍ତି ଦେଇଛି। ପ୍ରତ୍ୟେକ କଥାକୁ ମନୁଷ୍ୟ ବିଜ୍ଞାନର ମାନକରେ ତଉଲୁଛି। ଆଜି ଅନ୍ଧବିଶ୍ୱାସ ବିଜ୍ଞାନର ଶତ୍ରୁ ସାଜିଛି। ହଜାର ହଜାର ବର୍ଷଧରି ଯେଉଁମାନେ ଅନ୍ଧବିଶ୍ୱାସକୁ ନିଜର ବେପାରରେ ପରିଣତ କରିଥିଲେ ସେମାନେ କ୍ରୋଧାନ୍ୱିତ ହେବା ସ୍ୱାଭାବିକ। ବିକଶିତ ରାଷ୍ଟ୍ରମାନେ ଏହି ସୋପାନ ଅତିକ୍ରମ କରିସାରିଛନ୍ତି। ବିଜ୍ଞାନ ଅଟକି ଯାଇନାହିଁ। ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଛି। ଏହାକୁ ଅଟକାଇବା ଆଦୌ ସମ୍ଭବପର ନୁହେଁ। ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ମନରେ ଜିଜ୍ଞାସାଭାବ ଥିବ, ପ୍ରଶ୍ନ କରିବାର ସ୍ୱଭାବ ଥିବ ସେତେଦିନ ପର୍ଯ୍ୟନ୍ତ ବିଜ୍ଞାନ ବଞ୍ଚି ରହିବ। ଜିଜ୍ଞାସାଭାବ ମନୁଷ୍ୟର ବୌଦ୍ଧିକତାର ବିକଶିତ ଅଂଶବିଶେଷ। ବୌଦ୍ଧିକତାର ସମାପ୍ତ ହେଲେ ସେ ଆଉ ମନୁଷ୍ୟ ହୋଇରହିବ ନାହିଁ। ସେ ପଶୁ ସହିତ ସମାନ ହୋଇଯିବ।

ଅନ୍ୟପକ୍ଷରେ ବୈଜ୍ଞାନିକ ଚେତନା ଏକ ଉନ୍ନତ ମାନସିକ ଅବସ୍ଥା। ବିଜ୍ଞାନକୁ ସ୍ୱୀକାର କରୁଥିବା ଏକପ୍ରକାର ମାନବୀୟ ସ୍ଥିତି। ଅନ୍ଧବିଶ୍ୱାସ ଓ କୁସଂସ୍କାରର ଉର୍ଦ୍ଧ୍ୱକୁ ଆସି କାରଣୀକତାରେ ବିଶ୍ୱାସ କରୁଥିବା ଆଧୁନିକ ମନୁଷ୍ୟର ସ୍ୱଭାବ। ବୈଜ୍ଞାନିକ ଚେତନା ମାନବିକତା ଓ ନୈତିକ ଚେତନାକୁ ଜାଗରିତ କରେ। ଭ୍ରାନ୍ତ ବିଶ୍ୱାସ ଓ କୁପରମ୍ପରାର ଉର୍ଦ୍ଧ୍ୱକୁ ଆସିଥିବା ଜଣେ ଉନ୍ନତ ମନୁଷ୍ୟ ଉନ୍ନତ ସାମାଜିକ ଶୃଙ୍ଖଳା କଥା ଚିନ୍ତାକରେ। ମାନବିକତା ଓ ନୈତିକବୋଧ ବିନା ଗୋଟିଏ ଉନ୍ନତ ସାମାଜିକ ବ୍ୟବସ୍ଥାର ଚିନ୍ତା କରାଯାଇ ପାରିବ ନାହିଁ। ଭ୍ରାନ୍ତ ପରମ୍ପରା ଓ ଭ୍ରାନ୍ତ ବିଶ୍ୱାସ ଏହି ଦୁଇ ମହାନ ଗୁଣର ପ୍ରତିବନ୍ଧକ। ବୈଜ୍ଞାନିକ ଚେତନା ଏହି ପ୍ରତିବନ୍ଧକକୁ ହଟାଇବାକୁ ସକ୍ଷମ ହୁଏ। ମାନବ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାର ବାଟ ଦେଖାଏ।

ବୈଜ୍ଞାନିକ ଚେତନାର ବିକାଶ ଆପେ ହୁଏନାହିଁ। ଏଥିପାଇଁ ଲୋଡ଼ା ଅଧ୍ୟବସାୟ। ସେହିମାନଙ୍କ ନିକଟରେ ଏହା ବିକଶିତ ହୁଏ ଯେଉଁମାନଙ୍କ ନିକଟରେ ଜିଜ୍ଞାସାଭାବ ଥାଏ। ଯେଉଁମାନେ ଆଖିବୁଜି କୌଣସି କଥାକୁ ମାନିଯାଆନ୍ତି ନାହିଁ। ଯେଉଁମାନେ ପ୍ରତ୍ୟେକ ଘଟଣାର ବାସ୍ତବ କାରଣ ଖୋଜନ୍ତି। ବୈଜ୍ଞାନିକ ଚେତନା ଏକ ଶୃଙ୍ଖଳିତ ଚେତନା। ଏହା ମାନବବାଦୀ ଓ ନୀତିବାଦୀ ଚେତନା ଜାଗ୍ରତର ପୃଷ୍ଠଭୂମି ଯୋଗାଏ। ପ୍ରତ୍ୟେକ ମନୁଷ୍ୟର ବୌଦ୍ଧିକତା ମଧ୍ୟରେ ଏପରି ଚେତନା ସୁପ୍ତ ଭାବରେ ଥାଏ। ଅନ୍ଧବିଶ୍ୱାସ ଓ କୁପରମ୍ପରା ଏଗୁଡ଼ିକୁ ଚାପିଦେବାକୁ ଚେଷ୍ଟାକରେ। ବୈଜ୍ଞାନିକ ଚେତନା ମନୁଷ୍ୟର ମନକୁ ଏ ବନ୍ଧନରୁ ମୁକ୍ତକରେ। ଚେତନାର ମୁକ୍ତ ପ୍ରବାହକୁ ସ୍ୱୀକାର କରେ। ଭ୍ରାନ୍ତ ବିଚାରରୁ ମୁକ୍ତ କରେ। ବୈଜ୍ଞାନିକ ଚେତନା ମନୁଷ୍ୟ ମନର ଏକ ସାକାରାତ୍ମକ ଉପାଦାନ। ସମାଜକୁ ଉନ୍ନତ ସୋପାନକୁ ନେଇଯିବାର ମାନସିକ ବାହକ।

ବୈଜ୍ଞାନିକ ଚେତନା ବିଜ୍ଞାନ ପାଠ୍ୟକ୍ରମର ଶିକ୍ଷାଗତ ପ୍ରମାଣପତ୍ରରୁ ମିଳେନାହିଁ। ବୈଜ୍ଞାନିକ ସୂତ୍ରର କୁଶୋଳ ପ୍ରୟୋଗକରୀ ଜଣେ ବ୍ୟକ୍ତି ବୈଜ୍ଞାନିକ ଚେତନାର ଅଧିକାରୀ ନହୋଇପାରେ। ସେ ପ୍ରୟୋଗ ଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ରର ପ୍ରୟୋଗରେ ଯେଉଁ ସୃଷ୍ଟିର ଉପସ୍ଥାପନ କରେ ସେଥିରେ ତାହାର ନିଜର ଚେତନାର ପ୍ରୟୋଗ ନଥାଏ। ଯନ୍ତ୍ରମାନବ ତୁଲ୍ୟ ଗୋଟିଏ ପରେ ଗୋଟିଏ କାମ କରିଯାଏ। ବିଜ୍ଞାନର କୌଣସି ପରୀକ୍ଷାଗାରରେ ନିଜକୁ ବୈଜ୍ଞାନିକ କିମ୍ବା ବିଜ୍ଞାନର ଅଧ୍ୟାପକ କହୁଥିବା ଜଣେ ବ୍ୟକ୍ତି ପ୍ରୟୋଗଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ର ଅନୁଯାୟୀ ଉଦଜାନ ଓ ଅମ୍ଳଜାନ ଅଣୁର ମିଶ୍ରଣରେ ଜଳ ସୃଷ୍ଟି କଲେ, ସେ ବୈଜ୍ଞାନିକ ଚେତନାର ଅଧିକାରୀ ବୋଲି କହିହେବ ନାହିଁ। ଶୁଆ ମନେରଖି କହିଲା ଭଳିଆ ସେ ବୈଜ୍ଞାନିକ ପ୍ରୟୋଗ କରିପକାନ୍ତି। ଏହା ବୈଜ୍ଞାନିକ ଚେତନା ନୁହେଁ। ବୈଜ୍ଞାନିକ ଚେତନା ହେଉଛି ମସ୍ତିଷ୍କର ଅନ୍ୱେଷଣ ପ୍ରକ୍ରୀୟା, ଯାହା ନିଜକୁ ବିଜ୍ଞାନର ଅନୁଗାମୀ କହୁଥିବା ଅନେକ ଲୋକଙ୍କ ନୀକଟରେ ନଥାଏ।

କୌଣସି ରାଷ୍ଟ୍ରର ବିକାଶ ପାଇଁ ଉଭୟ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶ ଜରୁରୀ। ଯେଉଁ ରାଷ୍ଟ୍ର ବିଜ୍ଞାନରେ ଯେତେ ପ୍ରଗତି କରିଛି ସେ ରାଷ୍ଟ୍ର ସେତେ ବିକଶିତ। ରାଷ୍ଟ୍ର ବୈଜ୍ଞାନିକ ଚେତନାଦ୍ୱାରା ପ୍ରେରୀତ ହୋଇନଥିଲେ ବିଜ୍ଞାନରେ ପ୍ରଗତି ଅସମ୍ଭବ। ତେଣୁ ବିକଶିତ ରାଷ୍ଟ୍ରମାନେ ବୈଜ୍ଞାନିକ ଚେତନାର ବିକାଶ ଉପରେ ଗୁରୁତ୍ୱ ଦିଅନ୍ତି। ଏହାକୁ ସାମାଜିକ ଚିନ୍ତନର ଅଂଶବିଶେଷ ରୂପେ ଗ୍ରହଣ କରନ୍ତି। ପାଠ୍ୟକ୍ରମରେ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ। ସମସ୍ତ କ୍ଷେତ୍ରରେ ବିଜ୍ଞାନକୁ ସମ୍ମାନ ମିଳେ। ଭାରତବର୍ଷରେ ମଧ୍ୟ ଆମ ସମ୍ବିଧାନର ପ୍ରଣେତାମାନେ ଏ କଥାକୁ ଉପଲବ୍ଧି କରିଥିଲେ। ତେଣୁ ସେମାନେ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶକୁ ପ୍ରତ୍ୟେକ ନାଗରୀକ ପାଇଁ ନିର୍ଦ୍ଦେଶିତ ନିୟମଭାବେ ସମ୍ବିଧାନରେ ଉଲ୍ଲେଖ କରିଯାଇଛନ୍ତି। ପ୍ରତ୍ୟେକ ଭାରତୀୟ ଏହାର ଗୁରୁତ୍ୱକୁ ବୁଝନ୍ତୁ।

+ବାରିପଦା, ମୟୂରଭଞ୍ଜ,
ମୋ:୭୦୦୮୯୭୬୧୮୦



# ମନର ସଂଯମତା ସଫଳତାର ଚାବିକାଠି

ଅଧ୍ୟାପକ ଶ୍ରୀ ଶରତ କୁମାର ଦାସ

କୁହାଯାଏ ଯେ ବ୍ୟକ୍ତିର ସଫଳତା ତଥା ପ୍ରଗତିର ମୂଳମନ୍ତ୍ର ତା' ମନର ସଂଯମତା ଅବା ଏକ ଶୃଙ୍ଖଳିତ ମନ । ନିଉଟନ ଓ ଆଇନଷ୍ଟାଇନଙ୍କ ଭଳି ବିଶିଷ୍ଟ ବୈଜ୍ଞାନିକମାନେ ଏବଂ ପ୍ଲାଟୋ ଓ ମହାତ୍ମାଗାନ୍ଧୀଙ୍କ ଭଳି ଉଚ୍ଚକୋଟୀର ଦାର୍ଶନିକମାନେ ମଣିଷର ସଫଳତା ପଶ୍ଚାତରେ ତା'ର ମନର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି । ମଣିଷ ତା'ର ଚିନ୍ତା, ଚେତନା, ଆଦର୍ଶ, ଆଚରଣ ଓ ଉଚ୍ଚାରଣ ଉପରେ ନିୟନ୍ତ୍ରଣ ଅର୍ଥାତ ଆତ୍ମନିୟନ୍ତ୍ରଣ ହିଁ ତା' ସଫଳତାର ମହୌଷଧ କହିଲେ ଅତ୍ୟୁକ୍ତି ହେବନାହିଁ। ସେଥିପାଇଁ ମୁନିରଷି ମାନେ କୁହନ୍ତି ଯିଏ ମନକୁ ଜିଣିଛି ସେ ଜଗତ ଜିଣିଛି। ସାଧାରଣତଃ ମନର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ଭୀଷଣ ଭାବେ ଚଂଚଳ। ବାୟୁଠାରୁ ମଧ୍ୟ ଅଧିକ କ୍ଷୀପ୍ରତର । ମାତ୍ର ମନକୁ ବିବେକ ଦ୍ୱାରା ବାନ୍ଧିପାରିଲେ ଶାଶ୍ୱତ ଆନନ୍ଦ ପ୍ରାପ୍ତି ସମ୍ଭବ ହୋଇଥାଏ ।

ମନ ବିଶୃଙ୍ଖଳିତ ହେଲେ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ହେବା ସହିତ ବ୍ୟକ୍ତିଗତ ବା ଗୋଷ୍ଠୀଗତ ଜୀବନରେ ନାନାଦି ବିପର୍ଯ୍ୟୟ ସୃଷ୍ଟି ହେବାର ସମ୍ଭାବନା ରହିଥାଏ ।

ମନ ସ୍ୱଚ୍ଛ, ନିର୍ମଳ ତଥା ବିକାରମୁକ୍ତ ହେଲେ ଇଷ୍ଟମୁଖୀ ଉତ୍ତରଣ ସମ୍ଭବ ହୋଇପାରେ । କୁତ୍ସିତ କୁସଂସ୍କାରଭିମୁଖୀ ମାନସିକତା ଚେତନାର ଉଚ୍ଚତର ଶୃଙ୍ଗକୁ ଆଦୌ ସ୍ପର୍ଶ କରିପାରେ ନାହିଁ । ଏହା ସୁସୁପ୍ତିର ଏକ ଅବକ୍ଷୟମୁଖୀ ଆତ୍ମ ନିବେଦନ ତଥା ଅନ୍ତର୍ଦାହ ହୋଇପାରେ। ଶୁଦ୍ଧ ତଥା ସୁଦୃଢ଼ ମନ ଶୁଦ୍ଧ ତଥା ଶୁଭ୍ର ଜାଗୃତିର ଅନନ୍ୟ ଉପାଦାନ । ମନର ଦୀପ୍ତ ଜାଗରଣ, ଐକାନ୍ତିକ ସ୍ଥିର ପ୍ରୟାସ ତଥା ଉଚ୍ଚାଙ୍ଗ ଅଙ୍ଗୀକାରବଦ୍ଧତା ଭାଙ୍ଗି ଦେଇପାରେ ଅନ୍ୟାୟ ଅନୀତିର ମହାପ୍ରାଚୀରକୁ । ଶରୀରର ସକଳ ଶିଥିଳତାକୁ ମହାପୁଲକତାରେ ପରିପୂର୍ଣ୍ଣ କରିବା ସହିତ ଅବିଶ୍ୱାସ, ଅଜ୍ଞତା ଓ ଅନ୍ଧବିଶ୍ୱାସର ଅନ୍ଧକାରକୁ ସହଜରେ ମଧ୍ୟ ଦୂରକରିପାରେ ।

କଥାରେ ଅଛି ମନର ମୂଳେ ଏ ଜଗତ । ପୁଣି କୁହାଯାଏ ଯା'ର ମନ ଯେଉଁ, ତା'ର ପ୍ରଭୁ ସେଉଁ । ମନ ଦୃଢ଼ କଲେ ଗଡ଼ିଆ ଗଙ୍ଗା ଇତ୍ୟାଦି ଇତ୍ୟାଦି । ଉପରୋକ୍ତ ଉକ୍ତିର ସତ୍ୟତା ତଥା ଯଥାର୍ଥତା କେବଳ ଆଜି ପାଇଁ ନୁହେଁ କେଉଁ କାଳରୁ ରହିଆସିଛି । ପ୍ରାଚୀନରୁ ଆଧୁନିକ ଓ ଆଧୁନିକରୁ ଆରମ୍ଭ କରି ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ଉପରୋକ୍ତ ଉକ୍ତିର ପ୍ରାସଙ୍ଗିକତାର ପ୍ରମାଣ ମିଳେ ।ମନ ବିନା ଶରୀର ଚାଳକ ବିହୀନ ଜାହଜ ସଦୃଶ। ମନର ନିର୍ଦ୍ଦେଶ ବିନା ମସ୍ତିଷ୍କର ସଂଚାଳନା ପ୍ରାୟତଃ ସମ୍ଭବପର ନୁହେଁ । ପୁନଶ୍ଚ ମନର ଦୃଢ଼ତା ବିନା ଶରୀର ସ୍ୱୟଂ ନିଷ୍କ୍ରିୟ । ମନ ଦୁର୍ବଳ ହେଲେ ଶରୀର ସ୍ୱତଃ ଦୁର୍ବଳ ହୋଇଯାଏ ।

ଯାହା ଫଳରେ ଅନେକ ରୋଗବେମାର ଧସେଇ ପଶନ୍ତି ଓ ଆମକୁ ମନଇଚ୍ଛା କବ୍ଜା କରନ୍ତି । କେବଳ ଏକ ସୁଦୃଢ଼ ମନକୁ ନେଇ ଆମେ ରୋଗ ସହିତ ଲଢ଼ିପାରିବା ଓ ଜୟ ଲାଭ କରିପାରିବା ମଧ୍ୟ ।

ଏକ ସ୍ଥିର ଓ ସୁସ୍ଥ ମନ ମାଧ୍ୟମରେ ମସ୍ତିଷ୍କ ଦୃଢ଼ ସଂକଳ୍ପ ନେବାରେ ସମର୍ଥ ହୋଇଥାଏ । ଯାହା ଫଳରେ ବ୍ୟକ୍ତିଗତ ଜୀବନ ହେଉ ଅବା ଗୋଷ୍ଠୀଗତ ଜୀବନ ହେଉ-ଆମକୁ ସଫଳତା ମିଳିଥାଏ । ମନ ରୁଗ୍ଣ ବା ଭାରାକ୍ରାନ୍ତ ହୋଇଗଲେ ସଠିକ ନିଷ୍ପତ୍ତି ନିର୍ଣ୍ଣୟ ସମ୍ଭବପର ନୁହେଁ । ନିଷ୍ପତ୍ତି ନିର୍ଣ୍ଣୟ ମଣିଷର ସାମାଜିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏକ ଭୁଲ ନିଷ୍ପତ୍ତି ର ଯନ୍ତ୍ରଣା ମଣିଷକୁ ସବୁଦିନ ପାଇଁ ଭୋଗିବାକୁ ପଡ଼େ । ତେଣୁ ମନର ସୁସ୍ଥତା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏଥିପାଇଁ ଉପଯୁକ୍ତ ଶାରୀରିକ ପରିଶ୍ରମ, ସୁଷମ ତଥା ସନ୍ତୁଳିତ ଖାଦ୍ୟ ଗ୍ରହଣ, ନିୟମିତ ବ୍ୟାୟମ, ଯୋଗାଭ୍ୟାସ, ପ୍ରାଣାୟମ, ସକାରାତ୍ମକ ଚିନ୍ତାଧାରା, ଈଶ୍ୱର ଭକ୍ତି, ସଂଯମତା, ପରିଷ୍କାର ପରିଚ୍ଛନ୍ନତା, ସାମୟିକ ଉତ୍ତେଜନାରୁ ନିବୃତ୍ତ ରହିବା ଇତ୍ୟାଦିର ଆବଶ୍ୟକତା ରହିଛି । ଏତଦବ୍ୟତୀତ କାମ, କ୍ରୋଧ, ଲୋଭ, ମୋହ, ହିଂସା, ଈର୍ଷା, ଅସୂୟା ଇତ୍ୟାଦିରୁ ଆମ ନିଜକୁ ଯଥାସମ୍ଭବ ଦୂରେଇ ରଖିବାକୁ ପଡ଼ିବ ।

ନମ୍ରତା ଓ ବିନୟଭାବ ଦ୍ୱାରା ଗର୍ବ ଅହଙ୍କାର ଆଦିକୁ ଦୂରକରିବା ସମ୍ଭବ। ଅନ୍ୟକୁ ଭଲପାଇବା, ପରୋପକାର, ସ୍ନେହ, ଶ୍ରଦ୍ଧା, ସହିଷ୍ଣୁତା ଇତ୍ୟାଦି ମାଧ୍ୟମରେ ମାନସିକ ସନ୍ତୁଳନ ରକ୍ଷା କରାଯାଇପାରିବ । ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟର ଯତ୍ନନେବା ସମ୍ଭବ । ଶରୀରର ଅସୁସ୍ଥତାରୁ ମୁକ୍ତି ପାଇଁ ଆମକୁ ଉପଯୁକ୍ତ ପରାମର୍ଶ ସହିତ ନିୟମିତ ଔଷଧ ସେବନ କରିବାକୁ ପଡେ । ମାତ୍ର ମନର ଅସୁସ୍ଥତାରୁ ମୁକ୍ତି ପାଇଁ ଆମେ ନିଜକୁ ଦୃଢ଼ ତଥା ସଂଯମୀ କରିବାକୁ ପଡ଼ିବ। ମନକୁ ସର୍ବାଗ୍ରେ ଖୁସି ରଖିବାକୁ ପଡ଼ିବ । ଅବସାଦ କବଳରୁ ଯଥା ସମ୍ଭବ ଦୂରେଇ ରହିବା ଆବଶ୍ୟକ। କାରଣ କଥାରେ ଅଛି ଦେହ ଦରଜକୁ ଔଷଧ ଅଛି, କିନ୍ତୁ ମନ ଦରଜକୁ କୌଣସି ଔଷଧ ନାହିଁ ।

ଏବେକାର ସାଂପ୍ରତିକ ପରିସ୍ଥିତି ସମଗ୍ର ଜନଜୀବନକୁ ଖିନଭିନ କରିସାରିଲାଣି । ଚୋରୀ, ଡକାୟତି, ଲୁଣ୍ଠନ, ହିଂସା, ଆତଙ୍କ, ଯୁଦ୍ଧ, ହତ୍ୟା ପ୍ରଭୃତି ମଣିଷର କଳିଜାକୁ ଟାଣି ଓଟାରି ବିଦାରି ସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଏହାଦ୍ୱାରା ସାମଗ୍ରିକ ଭାବେ ଜନସମୁଦାୟର ମନ ବି କ୍ଷତିଗ୍ରସ୍ତ ହେବାରେ ଲାଗିଛି । ବର୍ତ୍ତମାନ ମଣିଷ ଏକ ଶଙ୍କାକୁଳ ପରିବେଶ ମଧ୍ୟରେ ଆବଦ୍ଧ। ଚତୁଃପାର୍ଶ୍ୱରେ ତା'ର ଭୟର ବଳୟ। ମନର ବିକାଶରେ ଏହା ଘୋର ଅନ୍ତରାୟ ସୃଷ୍ଟି କରୁଛି । ଫଳତଃ ମନ ବିକାରଗ୍ରସ୍ତ ଓ ବିଷାଦଗ୍ରସ୍ତ ହେବାରେ ଲାଗିଛି। ଏକ ଭୟତ୍ରସ୍ତ ପରିବେଶ ମନ, ପ୍ରାଣ ଓ ଶରୀରକୁ ପଙ୍ଗୁ କରି ବିପର୍ଯ୍ୟସ୍ତର ଶେଷ ପାହାଚକୁ ଟାଣିନେଉଛି । ମାତ୍ର କୌଣସି ଦୁର୍ଦ୍ଦିନ ସମୟରେ ମନକୁ ଦୁର୍ବଳ କରିବା ଉଚିତ୍ ନୁହେଁ । ମାନସିକ ଭୟ କେବେ ବି ମଣିଷକୁ ସଫଳତାର ସହିତ ଆଗକୁ ନେଇପାରିବ ନାହିଁ। ଆମକୁ ଜାଣିବାକୁ ପଡିବ ଭୟ ସଫଳତାର ବିକଳ୍ପ ନୁହେଁ ।

ଏହା ସତ୍ୟ ଯେ ସଂପ୍ରତି ସମଗ୍ର ମାନବ ସମାଜ ଏକ ଦୁର୍ବଳ ମାନସିକତାର ଯୂପକାଠରେ ଆଉଟି ପାଉଟି ହେଉଛି ଯାହା। ଏହାର ମୁଖ୍ୟ କାରଣ ହୋଇପାରେ ବିଶ୍ୱାସହୀନତା । ମଣିଷର ନିଜ ଉପରେ ତଥା ନିଜ ମନ ଉପରେ ନା ଭରସା ନା ଉପଯୁକ୍ତ ନିୟନ୍ତ୍ରଣ ରହୁଛି । ବିଶ୍ୱସନୀୟତାର ସ୍ୱର୍ଣ୍ଣାଭ ଆଭା ଆସ୍ତେ ଆସ୍ତେ ନିଷ୍ପ୍ରଭ ହେବାକୁ ବସିଲାଣି। ଏହାଦ୍ୱାରା ମନର ଯଥାର୍ଥ ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ପ୍ରତି ମୁହୂର୍ତ୍ତରେ କୋଉଠି ନା କୋଉଠି ନକାରାତ୍ମକ ଚିନ୍ତାଧାରା ନିଜ ଇଚ୍ଛା ବିରୁଦ୍ଧରେ ସବାର କରୁଛି ଆମ ମନ ଉପରେ । ନିଜକୁ ତଥା ନିଜ ଆତ୍ମୀୟସ୍ୱଜନଙ୍କୁ ହରାଇବାର ଭୟ ସମଗ୍ର ଚିନ୍ତା ଚେତନାର ଜାଜ୍ୱଲ୍ୟମାନ ଦୀପାଳିକୁ ନିର୍ବାପିତ କରିବାରେ ବ୍ୟସ୍ତ । ଆମ ଚତୁଃପାର୍ଶ୍ୱର ହୃଦୟ ବିଦାରକ ତଥା ଭୟ ଉଦ୍ରେକ ଛବି ମଧ୍ୟ ଆମ ସମସ୍ତଙ୍କୁ ଏକ ଭୀତତ୍ରସ୍ତ ପରିବେଶ ମଧ୍ୟକୁ ଠେଲି ଦେଇଛି । ଏଥିରେ ସନ୍ଦେହ ନାହିଁ । ତେବେ କଥା ଉଠୁଛି ଯେ ଏଥିରୁ କ'ଣ ମୁକ୍ତି ନାହିଁ ? ଏମିତି କ'ଣ ଧ୍ୱଂସ ହୋଇଯିବ ମଣିଷ ସମାଜ ?

ତେବେ ଗୋଟିଏ ଉପାୟ ହେଉଛି ପ୍ରଥମେ ଆମେ ସଙ୍କଟ ସମୟରେ ନିଜକୁ ନିଜେ ଦୃଢ଼ କରିବା ଆବଶ୍ୟକ। ନିଜ ମନକୁ ବିଷାକ୍ତ ପରିବେଶର ସଂକ୍ରମଣରୁ ରକ୍ଷାକରିବାକୁ ପଡ଼ିବ । ନିଜ ଉପରେ ଓ ନିଜର ଚତୁଃପାର୍ଶ୍ୱ ଉପରେ ଆମକୁ ଗଭୀର ବିଶ୍ୱାସ ରଖିବାକୁ ପଡିବ। ଆମକୁ ସର୍ବୋପରି ସର୍ବାଧିକ ଆଶାବାଦୀ ହେବାକୁ ପଡ଼ିବ । ନୈରାଶ୍ୟ ଯେ କୌଣସି ବିପର୍ଯ୍ୟୟର ନିଦାନ ନୁହେଁ, ଏ କଥା ଆମକୁ ମନେ ରଖିବାକୁ ପଡ଼ିବ । ଦୃଢ ସଂକଳ୍ପ ସହ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ। ଅନ୍ଧାର ଭିତରେ ଯେ ଆଲୋକର ସତ୍ତା ବିଦ୍ୟମାନ ଏ କଥା ଯେପରି ସ୍ମରଣ ରହେ ସେଥିପ୍ରତି ଯତ୍ନବାନ ହେବା ଉଚିତ । ପ୍ରତି ରାତିର ଘନ ଅନ୍ଧକାର ପରେ ସିନ୍ଦୂରା ଫାଟେ ଓ ସୂର୍ଯ୍ୟ ଉଦୟ ହୁଏ ଏକ ନୂଆ ସମ୍ଭାବନାକୁ ନେଇ। ହୋଇପାରେ ହୁଏତ ଏକ ନୂଆ ସମୀକରଣ, ତଥାପି ଦୃଢ଼ମନ ସହିତ ଆମକୁ ଗ୍ରହଣ କରିବାକୁ ପଡ଼ିବ କୌଣସି ନୂତନତ୍ୱକୁ । ଆସ୍ତିକତା ଆଜି ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ନାସ୍ତିକତା ବିନାଶର ବଳିଷ୍ଠ ମାର୍ଗ ହୋଇପାରେ। ଝୁଣ୍ଟି ଝୁଣ୍ଟି ଆମକୁ ଆଗେଇବାକୁ ପଡ଼ିବ। ଧୀରେ ଧୀରେ ନଇଁପଡ଼ୁଥିବା ଅଣ୍ଟାକୁ ସତର୍କତା ସହ ସଳଖ କରିବାକୁ ପଡ଼ିବ। ଦୁର୍ବଳମନା ବ୍ୟକ୍ତି ହିଁ ସହଜରେ ହାରିଯିବାର ସମ୍ଭାବନା ଥାଏ । ମାତ୍ର ହାରିବା ଆମ ଜୀବନର ଲକ୍ଷ୍ୟ ନୁହେଁ।

ଏକ ଦୃଢ, ସଂଯମୀ ତଥା ସଂକଳ୍ପବଦ୍ଧ ମନ କେଡ଼େ କେଡ଼େ ରୋଗକୁ ହରାଇବାର ନଜିର ଅଛି । କ୍ୟାନସର୍ ହେଉ ବା ଏଡ୍ସ, ବା ଅନ୍ୟ କୌଣସି ଜଟିଳ ରୋଗ ସହଜରେ ପରାଜୟ ସ୍ୱୀକାର କରିବ ଏକ ଦୃଢ଼ମନ ସମ୍ବଳିତ ଗଭୀର ଆତ୍ମପ୍ରତ୍ୟୟ ନିକଟରେ। ଅମ ସମାଜରେ ଏପରି କେତେ ମାରାତ୍ମକ ବ୍ୟାଧିଗ୍ରସ୍ତ ଲୋକ ଅଛନ୍ତି ଯେଉଁମାନେ କି ନିଜର ଦୃଢ଼ ମନୋବଳକୁ ପାଥେୟ କରି ରୋଗ ମୁକ୍ତ ହେବା ସହିତ ଅନ୍ୟମାନଙ୍କ ପରି ସାଧାରଣ ଜୀବନଯାପନ କରିବାରେ କୌଣସି ଅସୁବିଧା ନାହିଁ ।

ତେଣୁ ଆମକୁ କୌଣସି ପରିସ୍ଥିତିରେ ବିଚଳିତ ନହୋଇ ସୁଚିନ୍ତିତ ଉପାୟରେ ସଂଗ୍ରାମ କରିବାକୁ ପଡ଼ିବ। ଅନେକ ସମୟରେ ଦେଖାଯାଇଛି ମେଡିକାଲ ବିଦ୍ୟା ଯାହା ନକରି ପାରିଛି ଏକ ଦୃଢ଼ ଇଚ୍ଛା ଶକ୍ତି ବଳରେ ମଣିଷ ତାହା ସଫଳତାର ସହ ସମ୍ଭବ କରିପାରିଛି । ମନ ଦୁର୍ବଳ ହୋଇଗଲେ ଔଷଧ ବି ଠିକ୍ କାର୍ଯ୍ୟ କରିପାରେ ନାହିଁ ବୋଲି କୁହାଯାଇଥାଏ। ରୋଗ ପ୍ରତିରୋଧ ଶକ୍ତି କ୍ରମଶଃ ଦୁର୍ବଳ ହେବାର ସମ୍ଭାବନା ଥାଏ।

ତେଣୁ ନିଜ ଉପରେ ସଂପୂର୍ଣ୍ଣ ଆସ୍ଥା ପ୍ରକଟ କରି ଡାକ୍ତରଙ୍କ ପରାମର୍ଶ ପୂର୍ବକ ଉପଯୁକ୍ତ ଔଷଧ ସେବନ କଲେ ଆମେ ସହଜରେ ଦୂରାରୋଗ୍ୟ ବିରୁଦ୍ଧରେ ଜୟ ଲାଭ କରିପାରିବା । ସୁତରାଂ ସବୁ ସମୟରେ ମନକୁ ଦୃଢ, ସ୍ଥିର ଓ ଶାନ୍ତ ରଖିବାର ଆବଶ୍ୟକତା ଅଛି।

+ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

କବିତା କୋଣାର୍କ

## ବୈଶାଖୀ

ଡ. ଶୁଭେନ୍ଦୁ ମେହେର

ବୈଶାଖୀ କଞ୍ଚା ଦେହରେ
ଧୁ ଧୁ ଖରା ଝାଉରେ
ନିର୍ଦ୍ଧୁମ ବୁଲେ !
ସେ' ଆସିଲେ....
ସୁରିଲା ପବନ ବି ଅଙ୍ଗରା ଅଙ୍ଗରା
ବାସ୍ନାହୁଏ,
ଡହ ଡହ ଖରାକୁ ଛାତିରେ ବୋହି
ବିଧବା ପରି ବୋଧ ହୁଏ
ରତୁମତୀର ରୂପ ନିଏ
ସାତ ସିଆଁ ଲୁଗାକୁ ପାଏନି ହାତ ବୋଲି
ଚାଖଣ୍ଡେ ପେଟର ଜ୍ୱଳନରେ
କୁଣ୍ଡୁମେଡାର ଛୁଆ
ତାଣ୍ଡବ ନାଚେ ।
ଅମରାବତୀର ଅବାଂଛିତ ପାପ
ଅନ୍ତଃର୍ଭେଦି ଯନ୍ତ୍ରଣାର କୋହ
ଯତନରେ ଗଢ଼ିଥିବା
ନିରୀହ ବାଇଚଢ଼େଇର ସ୍ୱପ୍ନ
ପଲକରେ ଧୂଳିସାତ ହୁଏ !
ଭାଙ୍ଗିଯାଏ ଫିର୍ଦି ଚଢେଇର ବସା
ଡିଆଁ ମାରେ ହନୁ ମାଙ୍କଡ଼
ବସ୍ତି ବାସିନ୍ଦାଙ୍କ ଝୁପୁଡ଼ି
ଲଙ୍କାପରି ଧ୍ୱଂସ ହୁଏ ।
ସେ' ଆସିଲେ......
ଆବେଗହୀନ ହୋଇଯାଏ
ପ୍ରେମିକାର ମୁକୁଳା ଛାତି,
ମୌସୁମୀର ମଉଳା ମନ ଆଉ ସ୍ୱପ୍ନ !
ସହଜରେ ଓଦା ସରସର କରି
ଭିଜାଇଦିଏ କୁଆଁରୀ ଯୌବନ ।
ଏମିତି ଭାଗ୍ୟଟେ ନେଇ
ଉତୁରେ ବୈଶାଖୀ
କାହାର କାହାର ଜନ୍ମ ଜାତକରେ
ମିଳନ ବଦଳରେ ମଳିନ ହୁଏ !
ବିହ୍ୱଳିତ ବିଭୋର ପଣରେ
କପାଳର ସ୍ୱେଦକୁ ଅମୃତ କରେ,
ମଲ୍ଲୀ ଫୁଲିଆ ଖରାରେ
ମଉଳି ଯାଏ ପଦ୍ମବନ
କୃଷ୍ଣଚୂଡ଼ାର ହସ
କୁଆଁରୀ ବୋହୂପରି ଲାଜେଇ ଯାଏ
ଉଡ଼ାଣ ଭୁଲେ
ଶଙ୍ଖଚିଲର ସମ୍ପ୍ରସାରିତ ଡେଣା ।

+ଯାଲୋଏ, ସୁବର୍ଣ୍ଣପୁର

## ସୃଜନର ପରିଭାଷା

ନୀଳମଣି ଚାନ୍ଦ



କିଛି ତ ଲେଖିବାର ଥିଲା
ଏ ଯାଏ ଲେଖି ପାରିନି
କିଛି ତ କହିବାର ଥିଲା
ଏ ଯାଏ କହି ପାରିନି
କିଛି ତ ଗାଇବାର ଥିଲା

ଏ ଯାଏ ଗାଇ ପାରିନି
ଯାହା ଲେଖି ପାରିନି
ତାହା କବିତା
ଯାହା କହି ପାରିନି
ତାହା ଗଳ୍ପ
ଯାହା ଗାଇ ପାରିନି

ତାହା ଗୀତ
ଅନ୍ତତଃ ସମୟ କ୍ରମେ
ନେବେ ନିଜର ସ୍ୱରୂପ
ବିକଶିତ ହେବ ସଂଜ୍ଞା
ଅଙ୍କୁରିତ ହେବ ଭାବ
ଏ ତ ସୃଜନର ପରିଭାଷା ।

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ସାହିତ୍ୟର ଏକ ବିଶ୍ଳେଷଣ





**ଅନୀତା ପଟ୍ଟନାୟକ**

ଦିନେ ସରଳା ବହି ବସ୍ତାନି ଫିଙ୍ଗିଦେଇ ତାର ମାକୁ କହିଲା ମୁଁ ଆଉ ସ୍କୁଲକୁ ଯିବି ନାହିଁ। ମା' ବିଦ୍ୟାବତୀ ଏପରି କାହିଁକି କହୁଛି ବୋଲି ପଚାରିଲେ ସରଳା କହିଲ ମୁଁ ସାରଙ୍କୁ ପଚାରିଲି ସାହିତ୍ୟ ଅର୍ଥ କ'ଣ ? ସାର ମତେ କହିଲେ ସବୁର କ'ଣ ଅର୍ଥ ଥାଏ ? ସାହିତ୍ୟ ଏକ ବିଷୟ ଯାହାକୁ ପଢ଼ିବାକୁ ହୁଏ।

ମା କହିଲେ, ସାହିତ୍ୟର ଅର୍ଥ 'ଯିଏ ସତତ୍ ଯାଏ' ଅଜ୍ଞାନ ଅବିଦ୍ୟା ପ୍ରଭୃତି ଦୂର କରିବା ପାଇଁ ଶାସ୍ତ୍ର ଓ ସାହିତ୍ୟ ପଢ଼ାଯାଏ। ବେଦ, ଗୀତା, ଉପନିଷଦ ଏସବୁ ପୁରୁଣା ସାହିତ୍ୟ। କୋରାନ, ବାଇବେଲ, ତ୍ରିପିଟକ, ବିଭିନ୍ନ ଧର୍ମଗ୍ରନ୍ଥ ମଧ୍ୟରେ ସାହିତ୍ୟ। ଏହା ଆମକୁ ଉଚିତ ରାସ୍ତାରେ ଚାଲିବା ପାଇଁ ରାସ୍ତା ଦେଖାଇଥାଏ। ଏହି ସମୟରେ ସରଳାର ପିତା ଅରୁଣବାବୁ ଆସି ପହଞ୍ଚିଲେ ସେ ମା ଝିଅଙ୍କର କଥପୋକଥନ ଶୁଣି ସେ କହିଲେ ସ୍କୁଲକୁ ଯିବ, ପଢ଼ିବାକୁ ଚେଷ୍ଟା କରିବ। ଦୁର୍ବଳତା ନୁହେଁ ବରଂ ଚେଷ୍ଟା ନକରିବା ହିଁ ଦୁର୍ବଳତା ବିଜ୍ଞାନରେ ତଥ୍ୟ ଅଳ୍ପଥାଏ, କିନ୍ତୁ ପ୍ରୟୋଗ ଅଧିକା ଥାଏ। କିନ୍ତୁ ମା ଯେଉଁ ସାହିତ୍ୟ ବିଷୟବସ୍ତୁ ଗୁଡ଼ିକରେ କହୁଥିଲେ ସେଥିରେତଥ୍ୟ ଅଧିକ ଥାଏ କିନ୍ତୁ ମଣିଷମାନେ ଏହି ତଥ୍ୟକୁ ଜାଣିବାକୁ ଓ ପ୍ରୟୋଗ କରିବାକୁ କମ ପ୍ରୟାସ କରିଥାନ୍ତି।

ଝିଅକୁ ଗେହ୍ଲାକରି ବାପା କହିଲେ ସାହିତ୍ୟ ଅଧ୍ୟୟନ କଲେ ଜ୍ଞାନ ଅର୍ଜନ ହୁଏ। ଓ ଜ୍ଞାନକୁ ଉଚିତ ମାର୍ଗରେ ପ୍ରୟୋଗ କଲେ ଆନନ୍ଦ ମିଳେ। ସାହିତ୍ୟକୁ ଅଧ୍ୟୟନ ନକରି ପ୍ରୟୋଗ କରିବା ଏକ ସ୍ଥାଣୁତା। ସେଥିପାଇଁ ମଣିଷ ଦୁଃଖ କଷ୍ଟ ପାଇଥାଏ। ସରଳା ତାର ପିଲାଳିଆ ବୁଦ୍ଧିରେ କହିଲା ବାପା ! ସାହିତ୍ୟ ସମାଜର କି ଉପକାରରେ ଆସେ। ତୁମେ ଗୋଟିଏ କଥା କୁହ ଓ ମା ଗୋଟିଏ କଥା କହୁ। ଅରୁଣବାବୁ କହିଲେ, ସାହିତ୍ୟ ଅଧ୍ୟୟନ କଲେ ଜୀବନର ସବୁ କ୍ଷେତ୍ରରେ କିପରି ସାଧୁତା ବଜାୟ ରଖିବାକୁ ହେବ ତାହା ଆମେ ଶିକ୍ଷା କରିପାରିବା। ବିଦ୍ୟାବତୀ କହିଲେ ରାଜନୀତିରେ କିପରି ନିର୍ମଳତା ରକ୍ଷା କରାଯାଇ ପାରିବ ତାହା ସାହିତ୍ୟରୁ ମିଳିପାରିବ। ଅରୁଣ କହିଲେ, ଏ ଦେଶରେ ଅର୍ଥନୈତିକ ସମାନତା କିପରି ଆସି ପାରିବ ତାହା ଆମେ ସାହିତ୍ୟ ଅଧ୍ୟୟନ କରି ଜାଣିପାରିବା ଓ ଆଣି ପାରିବା। ବିଦ୍ୟାବତୀ କହିଲେ ସମାଜରେ ଏକତ୍ୱବୋଧ କିପରି ବିକଶିତ ହୋଇପାରିବ ତାହା ଆମେ ସାହିତ୍ୟରୁ ଜାଣି ପାରିବ।

ଅରୁଣବାବୁ ଗେଲ କରି ଝିଅକୁ କହିଲେ ସ୍କୁଲକୁ ନଯିବା କତା କେବେ କହିବୁ ନାହିଁ। ତୁ ଧୀରେ ଧୀରେ ବଡ଼ ହେଲେ ଆଧ୍ୟାତ୍ମିକତାରେ ଅଦ୍ୱେତ ଭାବ ପ୍ରସାର ହୋଇପାରିବ ତାହା ଜାଣି ପାରିବୁ। ବିଦ୍ୟାବତୀ କହିଲେ ସାହିତ୍ୟ ଅଧ୍ୟୟନର ମୂଳ ମନ୍ତ୍ର ଚରିତ୍ର ଗଠନ। ଅରୁଣ ବାବୁ ତତ୍କ୍ଷଣାତ୍ କହି ଉଠିଲେ ସାହିତ୍ୟ ଅଧ୍ୟୟନରେ ଜ୍ଞାନର ପରିସମାପ୍ତି ଘଟେ ଓ ଜୀବନରେ ପ୍ରେମ ବିକଶିତ ହୁଏ। ବିଦ୍ୟାବତୀ କହିଲେ, ସାହିତ୍ୟ ମୋକ୍ଷ ପ୍ରାପ୍ତିର ମାର୍ଗଦର୍ଶକ ହୋଇଥାଏ। ସରଳା ତୋ ଛୋଟ ବୁଦ୍ଧିରେ କହିଲା ସାର ଶ୍ରେଣୀରେ ମଜା କରିକହୁଥିଲେ 'Family ଅର୍ଥ Father & Mother I love you' ଓ ଏହା ମଧ୍ୟ କହୁଥିଲେ ଆମେ ସ୍କୁଲକୁ ଯିବାକୁ ଅଭ୍ୟାସ କରିବା ଉଚିତ। ଏ ବର୍ଷ କୁଆଡ଼େ ନଅ ହଜାରରୁ ଅଧିକ ଛାତ୍ରଛାତ୍ରୀ ମ୍ୟାଟ୍ରିକ ପରୀକ୍ଷା ଦେଇ ନାହାଁନ୍ତି କାରଣ ସେମାନେ ସ୍କୁଲ ଯିବାର ଅଭାସ ରଖିନାହାଁନ୍ତି। କହୁଥିଲେ ଅଭ୍ୟାସକୁ ଇଂରାଜୀରେ ହାବିଟ୍ କୁହାଯାଏ। ପ୍ରଥମ ଅକ୍ଷର ଏଚକୁ କାଟିଦେଲେ ଏବିଆଇଟି ରହିଯାଏ। 'ଏ'କୁ କାଟି ଦେଲେ ବିଆଇଟି ରହିଯାଏ। 'ବି' କୁ କାଟିଦେଲେ ଇଟ ରହିଯାଏ। ସରଳା ସବୁ ଶୁଣିଲାପରେ କହିଲେ ମା ମୁଁ ସବୁଦିନ ସ୍କୁଲ ଯିବି।

+ସିଡ଼ିଏ, କଟକ,
ମୋ : ୯୬୯୨୯୮୦୦୨୬

## ମୋ ମାଆ କାନ୍ଦେ କଇଁ କଇଁ

**ଅର୍ଚ୍ଚନା କର**

ମୋ ମାଆ କାନ୍ଦେ କଇଁ କଇଁ
ତା' ଖଣ୍ଡିଆ ଦେହରୁ ଲହୁ ଝରୁଅଛି
ଆଖିରୁ ଝରୁଛି ଲୁହ
ପୋଛିବାକୁ କେହିନାହିଁ...
ମୋ ମାଆ କାନ୍ଦେ କଇଁ କଇଁ ।
କାହିଁଗଲେ ତାର ପ୍ରିୟ ସ୍ୱାଭିମନୀ
ସନ୍ତାନଗଣ ?
ନଅଙ୍କ ଦୁର୍ଭିକ୍ଷ ବେଳେ
ଖୋଲାହେଲା ଯେବେ ଛତର
ଭୋକ ବିକଳରେ ଯାଇଥିଲା ସିନା ସନା
ଠିଆହେଲଣ ସକାଳୁ ସଂଜ ପ୍ରହର
ହେଲେ ହାତ ପାତି ସିଏ ଆଣିପାରିଲାନି
ଭାତ ପତର
ନେଲେ ନେଉପଛେ ଯମ
ହେଲେ ହାତ ପାତି ସିଏ ହରାଇବ ନାହିଁ
ନିଜର ସ୍ୱାଭିମାନ
ଉପର ହାତରେ ସିଏ
ଦେଇଥିଲା କେତେ ଦାନ
ତଳେ ହାତପାତି
କିପରି ନେବ ସେ
ନାହିଁକି ତା' ସନମାନ ?
ସେତେବେଳେ ତାର ସ୍ୱାଭିମାନ ଦେଖି
କହିଥିଲେ ବିଜ୍ଞଜନ
ଏବେ ବି ଏ ଜାତି ବଂଚିଛି
ହେଲେ ଆମକୁ ଦେଖି
ମୋ ମା' ତା' ଆଖିରୁ ଲୁହ ପୋଛୁଛି

କେମିତି ଭୁଲିଲେ ଶ୍ରମ ହେଲେ ମାଗିଖିଆ
ସରକାରଙ୍କ ମାଗଣା ବ୍ୟବସ୍ଥା ଦେତେ
ଆଣିବାକୁ ସଦା ଠିଆ
ଭୋଟ ହାତେଇବା ପାଇଁ ସରକାର
କେତେ ମାଗଣା ବ୍ୟବସ୍ଥା କରନ୍ତି
ଲାଜ ସରମ ଭୁଲି ଆମ ଲୋକମାନେ
ସତମିଛ କହି ସବୁକୁ ହାତେଇଥାନ୍ତି
ନିଜ କଥା ଛଡା ଭାବନ୍ତିନି କେବେ
ଅନ୍ୟର ଦୁଃଖ କଥା
ଯୁଆଡେ ଯାଉଛି ଯାଉ ଏ ଦେଶ
ସବୁ ପଛେ ହେଉ ଶେଷ
ନିଜ ପକେଟ ପୂରଣ ହୋଇଗଲେ ହେଲା
ଆଉ କାହା ଚିନ୍ତା ନାହିଁ
ମୋ ମାଆ କାନ୍ଦେ କଇଁ କଇଁ ।

ଲାଂଚ ନେଇ ଏଠି ଧରାପଡନ୍ତି
କେତେ ପଦଧାରୀ ଯନ୍ତ୍ରୀ
କୋଟି କୋଟି ଟଙ୍କା ଜବତ ହୁଏ
ଟଙ୍କା ଗଣାହୁଏ ଦିନରାତି
ବାପା ମା' ଲାଜେ ମୁହଁ ଲୁଚାନ୍ତି
ଭାବିଥିଲେ କିସ ହେଲା ଆଜି କିସ
ବସି ବସି ଭାବି କାନ୍ଦନ୍ତି ।

ଦିନେ ଯେଉଁ ମାଟି ସନ୍ତାନଗଣ
ଗଙ୍ଗା ଠାରୁ ଗୋଦାବରୀ କରିଥିଲେ ଜୟ
ଆଜି ସେ ସନ୍ତାନ ହରାଏ ସମ୍ମାନ
କିଏ ପୋଛିବ ମାଆର ଲୁହ !!

+ ଦରଜୀ ପୋଖରୀ, ବାଲେଶ୍ୱର
(ମୋ) ୭୦୦୮୧୩୦୧୪୯

## ସେ ମୋ ଓଡ଼ିଶା ମାଆ...

**ଲକ୍ଷ୍ମୀପ୍ରିୟା ପୃଷ୍ଟି**



ମହୋଦଧି କୂଳେ ନୀଳାଞ୍ଚଳ ଧାମ
ବିଜେ ଯହିଁ ଜଗନ୍ନାଥ
କୋଟି ଓଡ଼ିଆଙ୍କ ଆଶା ଭରସା ତା
ପତିତପାବନ ନେତ
ସେତ ସାରା ଜଗତର ସାହା,
ସେ ଦିଅଁଙ୍କୁ ଧରି ବିରାଜୁଥାଏ ଯେ
ସେ ମୋ ଓଡିଶା ମାଆ ।
ବାଲୁତ ହେଲେ ବି ମହାନଟି ସିଏ
ଧର୍ମପଦ, ବାଜି ପରା
କଥା ନୁହେଁ ଖାଲି କାମରେ ଦେଖାଇ
ହୋଇଛନ୍ତି ଅପାଶୋରା
ବକ୍ସି, ଜୟୀ ରାଜଗୁରୁ କଥା
ମନେ ପଡ଼ିଗଲେ ସେ ତ୍ୟାଗ କାହାଣୀ
ଆପେ ନୋଇଁଯାଏ ମଥା ।
କଳା କାରିଗରୀ କୁହୁକ ଦେଖାନ୍ତି
ଏ ମାଟିର କାରିଗର
କୋଣାରକ ଅବା ରାଜାରାଣୀ ହେଉ
ସବୁଠି କଳା ଭାସ୍ୱର
ଏ ତ ଉତ୍କୃଷ୍ଟ କଳାର ଦେଶ,
ଦେଶ ବିଦେଶରେ ଗୌରବ ଅକ୍ଷରେ
ନାମ ଯାର ପ୍ରତିଭାତ ।
ଜନମିଥିଲେ ଯେ ମଧୁ, ଗୋପବନ୍ଧୁ
ଫକୀରମୋହନ ପୁଣି
ଗଢିଲେ 'ଉତ୍କଳ ସମ୍ମିଳନୀ 'ଯେବେ
ଜାତୀୟ ଚେତନା ବୁଣି
ଦେଲେ ନୂଆ ପରିଚୟ ଏକ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଢି
ରଖିଲେ ଜାତିର ଟେକ ।

ଭାଷାର ସୁରକ୍ଷା ପାଇଁ ଲଢ଼ି ପୁଣି
ରଖିଲେ ଏ ଜାତି ମାନ
ସବୁ ଓଡ଼ିଆଙ୍କ ଅବଶ୍ୟ ନମସ୍ୟ
ଏ ମାଟିର ସ୍ୱାଭିମାନ ।
ଗଙ୍ଗାଧର, ରାଧାନାଥ ଆଉ
କୁନ୍ତଳାଙ୍କ କାବ୍ୟ ଗାଥା
ପଞ୍ଚସଖାଙ୍କର ପୁରାଣ କାହାଣୀ
କେତେ ଓଷା, ବ୍ରତ କଥା
ଭାବ ତାର ମନଛୁଆଁ,
ଏ ସାହିତ୍ୟ ନେଇ ଝଟକୁଥାଏ ଯେ
ସେ ମୋ ଓଡିଶା ମାଆ ।
ରମାଦେବୀ ଆଉ ମାଳତୀ ଚୌଧୁରୀ
ନନ୍ଦିନୀ ଦେବୀ ମାଆ
ଏ ମାଟିର ନାରୀ ତ୍ୟାଗେ ମହନୀୟା
ଜାଣଇ ସାରା ଦୁନିଆ ।
ଓଡିଶା କୃଷକ ଭାଇ
ଖରା ବରଷାକୁ ଖାତିର ନକରି
ଅନ୍ନ ସେ ଯୋଗାଉ ଥାଇ ।
ନାହିଁ ଯେ ତୁଳନା ତାର
ତାକୁ କୋଳେ ଧରି ହସୁଛି ଯିଏଟି
ସିଏ ଓଡ଼ିଶା ମାଆଟି ମୋର ।

ଅଧ୍ୟାପିକା, ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ
ଯାଜପୁର, ୭୫୫୦୦୬,
ମୋ: ୭୩୭୭୩୧୮୭୮୯

## ଦରଦୀ ଚିଠି

**ସରସ୍ୱତୀ ମେହେର**



ପ୍ରିୟ, ଏଇ ଚିଠି ଲେଖୁଛି
ଲୁହ ଭିଜା କାଗଜରେ,
ଶବ୍ଦଗୁଡ଼ିକ ଗୁନ୍ଥି ହେଉଛି
ମୋ ହୃଦୟର ଯନ୍ତ୍ରଣାରେ ।

ସକାଳ ହୁଏ, ଆସେ ନାହିଁ
ତୁମ ବାର୍ତ୍ତା କେଉଁଠି
ରାତି ହୁଏ ନିଦ ହୁଏନି
ଚେଇଁ ଜଗିଥାଏ ସେଇଠି ।

ତୁମ ଛବି ନାଚେ ଆଖି ଆଗରେ
ମନ ବିରହରେ କରେ ଚିତ୍କାର
କାହିଁକି ତୁମ ସାଥେ ପ୍ରେମ ହେଲା
ଗଢ଼ିଲି ପ୍ରେମର ବାଲିଘର ।

ମୁଁ କେବେ ଅଭିଯୋଗ କରିବିନି
କାହିଁକି ଭୁଲି ଗଲ ବୋଲି
ବୋଧେ ମୋ ଭାଗ୍ୟରେ ନାହିଁ
ଖୁସି, ପାଇବି ବା କିପରି ।

ତୁମେ ଦୂରେ ଚାଲି ଗଲେ
ହସିବା ଲାଗେ ଅଭିନୟ
ଯେତେ ଭିଡ଼ରେ ଥିଲେ ମଧ୍ୟ
ତୁମକୁ ଖୋଜୁଥାଏଁ ପ୍ରିୟ ।

ନାହିଁ କିଛି ଅଭିଳାଷା, ନାହିଁ
ଅଭିମାନର ନୀରବ ଗାଥା
କେବଳ ଏତିକି ମନେ ରଖିବ
ତୁମେ ମୋର ଅଧୁରା କବିତା ।

ଯଦି କେବେ ମନେ ପଡ଼ିବି
ଏଇ ଚିଠି ପଢ଼ିନେବ
ଦରଦୀ ବନ୍ଧୁଟେ ହୋଇ
ରହିଥିଲ ତୁମେ ହେ ବାନ୍ଧବ।
ଚିଠି ପଢ଼ିଲେ ବୁଝି ପାରିବ
ମୋ ସୁପ୍ତ ନିରବତାକୁ
ଦରଦ ଭରା ଇଏ ହୃଦୟ
ଖୋଜେ ଖାଲି ତୁମକୁ ।

+ଯୋଗିବାହାଲ, ସିନାପାଲି, ନୂଆପଡ଼ା

## ଭାସୁଛି ମୁଁ ସମୁଦ୍ରେ

**ପ୍ରତିଭା ଦାଶ**



ପ୍ରେମର ଡଙ୍ଗାରେ ଭାସୁଛି ସମୁଦ୍ରେ
ନାହିଁ ତାର ଥଳକୂଳ
କେମିତି ପଡ଼ିବ କୂଳରେ ମୋ ପାଦ
ନାହିଁ ମୋର ଆଉ ବଳ ।
ସପନ ରାଇଜେ କରୁଛି ଚାରଣ
ନାହିଁ ମୋ ଆଶାର ଅନ୍ତ
ଆକାଂକ୍ଷା ପୂରଣ କରିବା ଆଶାରେ
ହେଉଛି ମୁଁ ହନ୍ତସନ୍ତ ।
ମନର ଭାବରେ ଥାଏ କେତେ ମଜା
ଅନୁଭବେ ଜାଣି ହୁଏ
ଅଙ୍ଗେ ନିଭା କଥା ପରିସ୍ଥିତି ଦେଖି
ହୃଦୟ ସମ୍ଭାଳି ନିଏ ।

ପ୍ରେମର ଠିକଣା ନାହିଁ ମୋ ପାଖରେ
ମନକୁ ବାନ୍ଧିଛି ସତେ
ହୃଦୟରେ ତାଲା ପକାଇ ଦେଇଛି
ଚାବି ରଖିଅଛି ହାତେ ।
ମନକୁ ପଚାରେ ପ୍ରେମୀର ପ୍ରେମଟି
ହୃଦୟ ଛୁଇଁବ କେବେ
ପ୍ରେମର ମୂଲ୍ୟକୁ ବୁଝାଇବ କିଏ
ଅବୁଝା ହେଉଛି ସିଏ।

+ନୂଆପଡ଼ା
ମୋ: ୭୮୯୪୫୨୮୪୯୩

**ଧାରାବାହିକ ଉପନ୍ୟାସ**



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

**ଜ୍ୟୋସ୍ନାମୟୀ ପଣ୍ଡା**

|| ଭାଗ-୧୩୪ ||



ଶକ୍ତି ସାଧକ (ଦୁର୍ଗା ଓ ରାବଣ), ତନ୍ତ୍ର ସାଧକ, ମାୟାବୀ କୁହୁକ ବିଜ୍ଞାନୀ ଆଦି ମାନେ ପ୍ରାୟ ଏମାନ ଙ୍କର ସହାୟକ ଥିଲେ। ଆର୍ଯ୍ୟ ମାନେ ପ୍ରାୟ ଯଜ୍ଞ, ଯୋଗ ସାଧନା କରୁଥିଲେ, ମାନ୍ତ୍ରିକ ଥିଲେ। ପ୍ରହ୍ଲାଦଙ୍କ ଜୀବନ କାଳ ମଧ୍ୟରେ ସେ ଦେବତା ମାନଙ୍କ ସହିତ ମୈତ୍ରୀ ଭାବ ସ୍ଥାପନ କରିଥିଲେ। ପ୍ରହ୍ଲାଦଙ୍କ ଭକ୍ତି ଓ ଆନୁଗତ୍ୟ ରେ ସନ୍ତୁଷ୍ଟହୋଇ ବିଷ୍ଣୁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ସେ ଭବିଷ୍ୟତରେ ପ୍ରହ୍ଲାଦଙ୍କ ବଂଶର କାହାକୁ ହତ୍ୟା କରିବେ ନାହିଁ। ପ୍ରାୟତଃ ପ୍ରହ୍ଲାଦଙ୍କ ପରେ ତାଙ୍କ ପୁତ୍ର ବୈଲୋଚନ ବା ବିରୋଚନଙ୍କଠାରୁ ପୁଣି ଦେବ ଦାନବଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା। ଯାହାକି ଦ୍ୱାପର ଯୁଗର ଶେଷ ବାଣାସୁର ପର୍ଯ୍ୟନ୍ତ ପ୍ରାୟତଃ ରହିଥିଲା। ଯେତେବେଳେ କି ବାଣାସୁର ଓଡ଼ିଶା ର ଅରାଟ ମଣ୍ଡଳ ବା ନରସିଂ ହପୁର ଠାରେ ରାଜଧାନୀ ସ୍ଥାପନ କରିଥିଲେ। ଉଷା ତାଙ୍କର କନ୍ୟା ଥିଲେ, ଯାହାଙ୍କ ସହ ସ୍ୱପ୍ନରେ ଅନିରୁଦ୍ଧ ଙ୍କର ମିଳନ ହୋଇଥିଲା । ବାଣା ସୁର ବଳି ଓ ଅଶନା ଙ୍କର ପୁତ୍ର ଥିଲେ। ଅଶନା ଜଣେ ସିଦ୍ଧ ଯୋଗିନୀ ଥିଲେ। ପ୍ରହ୍ଲାଦଙ୍କର ପିତା ବିରୋଚନ କେବଳ ନାରୀ ମାନଙ୍କ ହସ୍ତରେ ତାଙ୍କର ମୃତ୍ୟୁ ହେବବୋଲି ବର ମାଗିଥିଲେ। ଠିକ ଯେପରି ମହିଷାସୁର ବ୍ରହ୍ମାଙ୍କଠାରୁ ଏହି ଭଳି ବର ମାଗିଥିଲା। ତାର ଧାରଣା ଥିଲା ଯେ, ପୃଥିବୀରେ ଏଭଳି କେହି ଶକ୍ତି ସ୍ୱରୂପା ନାରୀ ଜନ୍ମ ହେବେନାହିଁ ଯିଏକି ତାକୁ ବିନାଶ କରି ପାରିବେ। କିନ୍ତୁ ଦେବତା ମାନେ ବିଷ୍ଣୁଙ୍କ ଆଜ୍ଞାରେ ବା ବିଷ୍ଣୁଙ୍କ ଅନୁଗ୍ରହ ରେ ଜଣେ ବଳଶାଳିନୀ ଓ ବୁଦ୍ଧିମତୀ ନାରୀ ମାଳତୀ ହସ୍ତରେ ( ବିଷ୍ଣୁ)କୌଶଳ ରେ ତାକୁ ବିନାଶ କରିଥିଲେ। ଅସୁର ମାନେ ଦ୍ରାବିଡ଼ ମାନଙ୍କ ପ୍ରତିନିଧିତ୍ୱ ଓ ଦେବତା ମାନେ ଆର୍ଯ୍ୟ ମାନଙ୍କର ପ୍ରତିନିଧିତ୍ୱ କରୁଥିଲେ। ବୈଲୋଚନଙ୍କର ପୁତ୍ର ବଳି ଅତ୍ୟନ୍ତ ବଳଶାଳୀ ଥିଲେ। ସେ ବିଷ୍ଣୁଙ୍କ ପ୍ରତି ଆନୁଗତ୍ୟ ଓ ଭକ୍ତି ପ୍ରକାଶ କରି ଥିଲେ ହେଁ ତାଙ୍କର ଜନ୍ମ ଗତ ଦାନବ ସ୍ୱଭାବ ଆଦୌପ କରିନଥିଲେ। ବୈଜ୍ଞାନିକ କଶ୍ୟପଙ୍କର ସେ ଥିଲେ ସୁଯୋଗ୍ୟ ଦାୟାଦ ଏବଂ ଅତ୍ୟନ୍ତ ବୁଦ୍ଧିମାନ। ସେ ବିଷ୍ଣୁଙ୍କ ଶକ୍ତି ପ୍ରତି ବିଶ୍ୱାସ, ସମର୍ପଣ, ପ୍ରେମ ଭାବ ସହ ନିଜର ବୁଦ୍ଧି ଉପରେ ଅଧିକ ବିଶ୍ୱାସ ରଖି ପୁନର୍ବାର ତପସ୍ୟା ବା ନିଜ ବିଜ୍ଞାନ ଗବେଷଣା କାର୍ଯ୍ୟରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ ନିମିତ୍ତ ଯତ୍ନବାନ ହେବାରେ ଲାଗିଲେ। ନିଜ ପିତାଙ୍କୁ ଯେତେବେଳେ ବିଷ୍ଣୁଙ୍କ ଶକ୍ତି ସ୍ୱରୂପ। ଜଣେ ନାରୀ ହସ୍ତରେ ବଧ କରାଗଲା, ସେତେବେଳେ ଇଚ୍ଛାକୃତ ଭାବେ ଦେବତା ମାନଙ୍କର ବିରୁଦ୍ଧାଚରଣ କରି ଯୁଦ୍ଧ ଘୋଷଣା ନକଲେ ମଧ୍ୟ ନିଜକୁ ଅପରା ଜେୟ କରିବାର ପ୍ରୟାସ ତାଙ୍କର ବଳବତ୍ତର ରହିଥିଲା। ତ୍ୱଷ୍ଟା ପ୍ରଜାପତି ମଧ୍ୟ ତାଙ୍କ ପକ୍ଷରେ ହିଁ ରହିଥିଲେ।

ବଳି ଅତ୍ୟନ୍ତ ତେଜୋଦୀପ୍ତ, ବଜ୍ର ବପୁଧାରୀ ଥିଲେ। ଦାନବ ମାନଙ୍କ ସମାନ ତାଙ୍କର ଆଚାର, ବ୍ୟବହାର, ଖାଦ୍ୟପେୟ ଇତ୍ୟାଦି ଥିଲା ଓ ସେ ସମ୍ପୂର୍ଣ୍ଣ ରାଜସିକ ଗୁଣ ସମ୍ପନ୍ନ ହେଲେ ମଧ୍ୟ ତାଙ୍କର କର୍ଣ୍ଣ ଓ ହରିଶ୍ଚନ୍ଦ୍ରଙ୍କ ସମାନ ଦାନ କରିବାର ଏକ ବିଶେଷ ରୁଚି ଥିଲା। ଶୈଶବରୁ ସେ କାହାର ଦୁଃଖ ବା ଦାରିଦ୍ର୍ୟକୁ ସହ୍ୟ କରିପାରୁନଥିଲେ। ସେ ଏହା ଘୋଷଣା କରିଥିଲେ ଯେ, ମୋ ନିକଟରେ ଅପର୍ଯ୍ୟାପ୍ତ ଭୂମି, ଧନ ସମ୍ପଦ, ଖଣିଜ ଓ ଅସ୍ତ୍ର, ଶସ୍ତ୍ର, ସୈନ୍ୟ ତଥା ଅମିତ ଶକ୍ତି ରହିଅଛି। ତେଣୁ ମୋର ଶକ୍ତି ବା ସମ୍ପଦରୁ ଯଦି କେହି କିଛି ଦାନ ମାଗେ, ମୁଁ ତାକୁ ନିଶ୍ଚୟ ତାହା ଦାନ କରି କୃତାର୍ଥ ହେବି।

ମୋ ନିକଟରେ ଯାଚଞ୍ଚାର ହସ୍ତ ପତାଇଥିବା ଯେ କୌଣସି ଦେବ, ଦାନବ, ମାନବ ବା ବିଶ୍ୱ ବ୍ରହ୍ମାଣ୍ଡର କୌଣସି ଅଧିବାସୀ କେବେହେଲେ ରିକ୍ତ ହସ୍ତ ରେ ଫେରିଯିବ ନାହିଁ।

ବଳି ଯେପରି ତେଜୋଦୀପ୍ତ ଥିଲେ, ତାଙ୍କର ରାଜ ପ୍ରାସାଦ ମଧ୍ୟ ସେହିପରି ବିବିଧ ଧାତୁ ଓ ରତ୍ନରେ ତେଜିୟାନ ଥିଲା। ତାଙ୍କର ରଥରେ ସିଂହ ଚିହ୍ନ ଅଙ୍କିତ ଧ୍ୱଜା ନୃସିଂହ ଅବତାରଙ୍କ ସମୟରୁ ଶୋଭାପାଉଥିଲା। ଏହି ନୃସିଂହ ବଂଶୀ ମାନେ ରାଜପୁତ କ୍ଷତ୍ରିୟ ଥିଲେ। ପରେ ଏମାନେ ଭାରତର ବିଭିନ୍ନ ସ୍ଥାନରେ ବାସ କରିଥିଲେ।

ବଳି ନିଜର ପ୍ରପିତାମହ ହିରଣ୍ୟ କଶ୍ୟପଙ୍କ ଭଳି ବିଜ୍ଞାନ ଗବେଷଣାରେ ମନଦେଇ ବୈଜ୍ଞାନିକ(ପ୍ରଜାପତି) ମାନଙ୍କୁ ନିଯୁକ୍ତ କଲେ ଓ ନୂତନ ନୂତନ ଉଦ୍ଭାବନ ମାନ କରି ପ୍ରଜା ମାନଙ୍କ ମଙ୍ଗଳ ନିମନ୍ତେ ଉପଯୋଗ କରୁଥିଲେ। ନିଜ ପ୍ରପିତାମହଙ୍କ ସମାନ ସେ ଭୂତଳର ଜଳ ଉପଯୋଗ କରି କୃଷି କାର୍ଯ୍ୟ କରି ଭୂମିକୁ ଶସ୍ୟ ଶ୍ୟାମଳା କରାଇଲେ। ଯନ୍ତ୍ର ଦ୍ୱାରା ସମୁଦ୍ରରୁ ରତ୍ନ ମାନ ଆହରଣ କଲେ। ଭୂମି ତଳ ଖନନ କରି ସୁବର୍ଣ୍ଣ, ରୋପ୍ୟ, ଲୌହ, ତମ୍ବା ଆଦି ଖଣିଜ ମାନ ଉତ୍ତୋଳନ କଲେ। ନଗର ମଧ୍ୟକୁ ସେ ନାଳ ଦ୍ୱାରା ନଦୀର ଜଳ ଯୋଗାଇଥିଲେ। ତାଙ୍କର ଏକ ଶକ୍ତିଶାଳୀ ଓ ବିଶାଳ ସୈନ୍ୟବାହିନୀ ଥିଲା। ସେ ଅସ୍ତ୍ରକାର ମାନଙ୍କୁ ତୀକ୍ଷ୍ଣ ଅସ୍ତ୍ର ଓ ବାଣମାନ ନିର୍ମାଣ କରିବାକୁ ନିଯୁକ୍ତି ଦେଲେ। ତାଙ୍କର ପୁତ୍ର ବାଣାସୁର ବାଣ ନିର୍ମାଣ ଓ ବାଣ ଚାଳନାରେ ଅତ୍ୟନ୍ତ ଦକ୍ଷ ଥିଲେ। ସେ ତୀବ୍ର ଗତିଶୀଳ ବାଣ ମାନଙ୍କୁ ବହୁ ଦୂରକୁ ନିକ୍ଷେପ କରି ପାରୁଥିଲେ। ସେ ବାଣ ବଳରେ ବର୍ଷା କରି ପାରୁଥିଲେ, ମେଘ ମାଳକୁ ପବନବାଣରେ ଉଡାଇ ନେଇ ପାରୁଥିଲେ, ଅଗ୍ନି ଜଳାଇ ପାରୁଥିଲେ ଓ ତାକୁ ନିର୍ବାପିତ ମଧ୍ୟ କରିପାରୁଥିଲେ। ସେ ଆକାଶରୁ ପଥର ସହ ରୁଧୀର ମଧ୍ୟ ଅଜାଡ଼ି ପାରୁଥିଲେ। ବର୍ତ୍ତମାନ ଯେପରି ଆଂଥ୍ରାକ୍ସ ଆଦି ରୋଗ ଜୀବାଣୁକୁ ସଂକ୍ରମିତ କରାଯାଇ ପାରୁଛି, ସେତେବେଳେ ସେହିପରି ବିଷ୍ଣୁ ଜ୍ୱର ଓ ଶିବଜ୍ୱର ଆଦି ଦୁଃସାଧ ରୋଗମାନଙ୍କୁ ବାଣଦ୍ୱାରା ପଠାଇ ଦିଆଯାଇପାରୁଥିଲା। ସେ ନିଜର ଇଚ୍ଛା ମୁତାବକ ସୂର୍ଯ୍ୟ ଶକ୍ତି, ପବନ ଶକ୍ତି, ଜଳ ଶ କ୍ତି, ତାପ ଶକ୍ତି , ବିଦ୍ୟୁତ୍ ଶକ୍ତି ଆଦି ଉପଯୋଗ କରିପାରୁଥିଲେ। ଉଭୟ ଅନ୍ତର୍ବିଜ୍ଞାନ ଓ ବହିର୍ବିଜ୍ଞାନର ସତ୍ ପ୍ରୟୋଗ ପ୍ରତ୍ୟେକ୍ଷ ଓ ଆଶୁଫଳ ପ୍ରଦାନ କରୁଥିଲା। ବାଣାସୁର ତାଙ୍କର ସେନାଧ୍ୟକ୍ଷ ଥାଇପାରନ୍ତି। ମୟ ବଂଶୀ ଓ ବାଣାସୁର ଦ୍ୱାପର ଯୁଗ ପର୍ଯ୍ୟନ୍ତ ଥିଲେ। (ଏହା ସମ୍ଭବ ନୁହେଁ ଯେ, ତ୍ରେତୟା ଆରମ୍ଭରେ ଜନ୍ମ ହୋଇଥିବା ବାଣାସୁର କିପରି ତିନି ହଜାର ବର୍ଷ ବଞ୍ଚିଥିଲେ। ମନେହୁଏ ବଂଶ ଗୁଡ଼ିକ କ୍ରମିକଭାବେ ଲେଖା ନହୋଇ କେବଳ ମୂଖ୍ୟ ଚରିତ୍ର ମାନେ ସ୍ଥାନ ପାଇଥିଲେ କିମ୍ବା ବାଣାସୁର ଜଣେ ନଥିଲେ। ସେହିପରି ମୟ ବଂଶୀ ମାନଙ୍କୁ ହିଁ ମୟ କୁହା ଯାଉଥିଲା। ବାଣାସୁର ଏକ ସମୟରେ କାନ୍ଧରେ ଏକ ସହସ୍ର(ଏକ ଦଶ)ଟି ମୃଦଙ୍ଗ ବଜାଇ ଶିବ ତାଣ୍ଡବ କରିଥିଲେ। ମୟମାନେ ମାୟା ରଚନା, କୁହୁକ ବିଜ୍ଞାନ ଓ ଅଦ୍ଭୁତ ଯନ୍ତ୍ର ତିଆରି କରିବାରେ ଦକ୍ଷ ଥିଲେ।

ବଳି ଜଣେ ସୁଶାସକ ଥିଲେ। ବିରୋଚନଙ୍କର ଅବସର ପରେ, ସେ ପ୍ରଜାମାନଙ୍କର ମଙ୍ଗଳରେ ହିଁ ମନୋନିବେଶ କରିଥିଲେ। ଅପର ପକ୍ଷରେ ଦେବତା ମାନେ ମଧ୍ୟ ଅଗ୍ରଗତି କରିଥିଲେ। ଇନ୍ଦ୍ରଙ୍କ ପରେ ଇନ୍ଦ୍ର, ଭଗବାନ, ମନ୍ୟୁ, ସପ୍ତର୍ଷି ଆଦି ପରିବର୍ତ୍ତିତ ହେଉଥିଲେ। କିନ୍ତୁ ସର୍ବଦା ଗଣେଶଙ୍କର ହସ୍ତୀ ମୁଖ, କାର୍ତ୍ତିକଙ୍କ ମୟୂର ବାହନ ଆଦି ଅପରି ବର୍ତ୍ତିତ ରହିଥିଲା। ନାମ ଗୁଡ଼ିକ ମଧ୍ୟ (ଯଥା ଗଣେଶଙ୍କ ପତ୍ନୀ ସିଦ୍ଧି, ବୁଦ୍ଧି, ଇନ୍ଦ୍ରଙ୍କ ପତ୍ନୀ ଶଚୀ, ପୁଲୋମା , ପୁତ୍ର ଜୟନ୍ତ, ମୀଢୁଶ ଆଦି।)। ଦେବୀ ମାନେ ମସ୍ତକରେ ମକୁଟ ଓ ଆର୍ଯ୍ୟ ନାରୀ ମନେ ବଡ ରୁମାଲ ବା ତଉଲିଆ ପରି ଏକ ଓଢଣା ଦେଇ ତା ଉପରେ ଏକ ଅଳଙ୍କାରରେ ବାନ୍ଧୁଥିଲେ। ଶାକ, କ୍ରୌଞ୍ଚ କୁଶ, ପୁଷ୍କର, ପ୍ଲକ୍ଷ (ତୁର୍କୀ, ଇଜିପ୍ଟ , ଆରବ, ଇଂଲଣ୍ଡ) ଆଦି ଦ୍ୱିପର ଆଭିଜାତ ଗୋଷ୍ଠୀର ନାରୀ ମାନଙ୍କ ମୁଣ୍ଡରେ ମଧ୍ୟ ଏକ ଅଧିବାସ ଥିଲା। ଦେବତା, ଆର୍ଯ୍ୟ ରାଜା ଓ ଦୈତ୍ୟରାଜା, ରାଣୀମାନେ ଅଳସୀ, କପା,ନଳିତା ତିଆରି ଏକ ସଂକ୍ଷିପ୍ତ ବସ୍ତ୍ର ଓ ଉପରାଣ ବ୍ୟବହାର କରୁଥିଲେ। ଏହି ଅଳସୀ ବସ୍ତ୍ର ଅତି ଝୀନ ଥିଲା। ସମସ୍ତେ ଅଳଙ୍କାର ବ୍ୟବହାର କରୁଥିଲେ। ବିଶେଷତଃ କଟିରେ ଏକ ଚଉଡା ମେଖଳା, ଯାହା ତଳ ଅଂଶକୁ ଘୋଡାଇ ରଖୁଥିଲା, ତାହା ବସ୍ତ୍ର ଉପରେ ପିନ୍ଧୁଥିଲେ। ବେକରେ ଚଉଡା ପଟି ଉପରେ ରତ୍ନ ଆଦି ସଜାଇ ଥିଲେ। ମୁନୀ, ଋଷି ମାନେ କୌପୀନ, ଅଜିନ, କୃଷ୍ଣାଜିନ, ଗଳାଠାରୁ ଆଣ୍ଠୁ ପର୍ଯ୍ୟନ୍ତ ବସ୍ତ୍ର, କେହି ଏକ ବସ୍ତ୍ର କଚ୍ଛା ସହ ମୁଣ୍ଡରେ ଦେଇ କାନ୍ଧରେ ଚାଦର କରୁଥିଲେ। କେହି ନଗ୍ନ ଥିଲେ। ନାରୀ ମାନେ ଉପର ଅଂଶ ଅଳଙ୍କାର, ନିବି ବା ଧାତୁର ନୀବି ରେ ଆଚ୍ଛା ଦନ କରୁଥିଲେ। ଯକ୍ଷ ନାରୀ ବା ଯକ୍ଷିନୀ ମାନେ ଏକ ଚୂଳ ଥିବା ବାଡ଼ି ଧରୁଥିଲେ। ସାଧାରଣ ପ୍ରଜା ମାନେ ନଗ୍ନ, ପଶୁ ଛାଲ, ବଲ୍କଳ, ଖଜୁରୀ ପଟି ବା ଲତା, ପତ୍ର ଆଦି ପିନ୍ଧୁଥିଲେ। କେତେକ ନର ଖପୁରୀ, ହାଡ, ଶାମୁକା, ମାଟିର ଅଳଙ୍କାର, ମୁଣ୍ଡରେ ଶିଙ୍ଗ, ପର, ମୁଖା ଆଦି ପିନ୍ଧୁଥିଲେ। ସେହି ସମୟରେ ଅସୁରମାନଙ୍କ ମଧ୍ୟରେ ବଳିଙ୍କର ସୁଶାସନ ଚାଲିଥାଏ।

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ରାଜ୍ୟସ୍ତରୀୟ ଲୋକକଳା ପାଇଁ ଦିନଟିଏ ପିପିଲିରେ ପାଳନ ହେବ

ପୁରୀ, ୦୮/୪ (ନି.ପ୍ର): ଆଗାମୀ ୧୦ ତାରିଖରେ ପିପିଲିରେ ପାଳିତ ହେବ ଲୋକ କଳା ପାଇଁ ଦିନ ଟିଏ। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଲୋକ କଳା ପାଇଁ ଦିନଟିଏ ର ବ୍ୟବସ୍ଥା କରିଛନ୍ତି। ଏହା ପିପିଲି ପଦା ପଡିଆ ଠାରେ ଚଳିତ ମାସ ୧୦ ତାରିଖ ଅପରାହ୍ନରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୂଚାରୁ ରୂପେ ନିର୍ବାହ ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ପିପିଲି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଲୋକ କଳାର କଳାକାର ମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପିପିଲିରେ ରାଜ୍ୟ ସ୍ତରୀୟ ଉତ୍ସବ କରିବାକୁ ନିଷ୍ପତି ନେଇଥିବାରୁ ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ସମସ୍ତଙ୍କ ସହଯୋଗରେ ଏହାକୁ ସୁନ୍ଦର ଭାବେ କରିବାକୁ ସେ ପରାମର୍ଶ ଦେବା ସହ କ୍ଷେତ୍ର ପରିଦର୍ଶନ କରି ବିବିଧ ପରାମର୍ଶ ମାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ଓ ନିଷ୍ଠାର ସହ ସମ୍ପର୍ଣ୍ଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଘାଟ ମରାମତି, ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ସ୍ଥଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ସ୍ୱଛତା ବ୍ୟବସ୍ଥା, ଅଗ୍ନିଶମ ବିଭାଗ ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଆଲୋକୀକରଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ଝୁଲି ରହିଥିବା ବିଦ୍ୟୁତ ତାର, କେବୁଲ ତାର ଅପସାରଣ ବା ଉଚ୍ଚରେ ରଖିବା, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା, ସହର ଓ ସବୁ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା, କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର କରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା।ପ୍ରାରମ୍ଭରେ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଲୋକ କଳା ପାଇଁ ଦିନ ଟିଏ ର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ସୂଚନା ଦେଇ ଅପ୍ରେଲ ୧୦ ତାରିଖରେ ପିପିଲି ଜବାହର ବିଦ୍ୟାପୀଠ ଠାରୁ ପଦା ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯାଇଛି ବୋଲି ସୂଚନା ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୮୦୦ କଳାକାର ପାରମ୍ପରିକ ବେଶ ପୋଷାକରେ ଏହି ଶୋଭାଯାତ୍ରାରେ ସାମିଲ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଦିବସ ପାଳନ ଅବସରରେ ଓଡ଼ିଶାର ସମସ୍ତ ଜିଲ୍ଲାର ପ୍ରତ୍ୟେକ ଲୋକକଳାକୁ ସମ୍ମିଳିତ କରି ଏକ ବିରାଟ ସାଂସ୍କୃତିକ ପଦଯାତ୍ରା ମାଧ୍ୟମରେ ଜବାହାର ବିଦ୍ୟାଳୟ ସ୍ପୋର୍ଟସ ପଡିଆରୁ ଅପରାହ୍ନ ୪ଟାରୁ ଆରମ୍ଭ କରାଯାଇ ପଦା ପଡିଆରେ ଶେଷ ହେବ ଏବଂ ପଦା ପଡିଆରେ ସନ୍ଧ୍ୟା ୬ଟା ୩୦ ମିନିଟରେ ଏକାଠି ହୋଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶ୍ରୀମତୀ ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଡ଼ିଓ ସରୋଜ କୁମାର ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ବିଧାୟକ ଶ୍ରୀ ପଟ୍ଟନାୟକଙ୍କ ସହ ସମସ୍ତ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ।

# ପ୍ରଧାନମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ମାଟିବଂଶ ସମାଜ ପକ୍ଷରୁ କୃତଜ୍ଞତା

କେନ୍ଦ୍ରାପଡା, ୦୮/୪ (ନି.ପ୍ର): କେନ୍ଦ୍ରାପଡା ମାଟିବଂଶ ଅବଧାନ ସମାଜ ଓଡିଶା ତରଫରୁ ସଭାପତି ଅଭିରାମ ନାୟକ "ନୂତନ ଶିକ୍ଷାନୀତି ୨୦୨୦"ପଲିସି ପ୍ରସ୍ତୁତି ବେଳେ ୨୦୨୦ ମସିହାରେ ଏକ ସ୍ମାରକ ପତ୍ର ମାନବ ସମ୍ବଳ ବିକାଶ ଓ ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ପୁରାତନ ଗୁରୁକୂଳ, ଚାଟଶାଳୀ ପରମ୍ପରାରେ ପ୍ରତ୍ୟେକ ଶିଶୁକୁ ଖଡିଛୁଆଁ ପର୍ବ କରି ନାମଲେଖା ହେଉ, ଅଙ୍ଗନବାଡିକୁ ନାମ ପରବର୍ତ୍ତନ କରି ପୁରାତନ ଚାଟଶାଳୀର ନାମ ଦିଆଯାଉ, ତୃତୀୟତଃ ପ୍ରାଥମିକ ଶିକ୍ଷା ସ୍ତରରୁ ଉଚ୍ଚଶିକ୍ଷା ସ୍ତରରୁ ଉଚ୍ଚଶିକ୍ଷା ସ୍ତର ପର୍ଯ୍ୟନ୍ତ "ଆଧ୍ୟାତ୍ମିକ ମୂଲ୍ୟବୋଧ ଶିକ୍ଷା"ନାମରେ ବେଦ, ଉପନିଷଦ, ଗୀତା, ଭାଗବତ, ପାପପୂଣ୍ୟ ବିଚାର, କର୍ମ ସଂସ୍କାର, ନୀତି ଶିକ୍ଷା ଯୋଗକୁ ସାମିଲ କରି ଏକଶହ ମାର୍କ ପରୀକ୍ଷା ମୂଳକ ବିଷୟ ସମଗ୍ର ଦେଶରେ ପ୍ରବର୍ତ୍ତନ କରାଯାଉ । ଚତୁର୍ଥତଃ ମାଟିବଂଶ ଅବଧାନମାନେ ପୁରାତନ କାଳରେ ଚାଟଶାଳୀରେ ଶିକ୍ଷା ଏବଂ ଦୀକ୍ଷା ପ୍ରଦାନ କରି ଦେଶକୁ ସମୃଦ୍ଧ କରିଥିଲେ ତେଣୁ ଶିକ୍ଷା ବିଭାଗର ଚାକିରୀ କ୍ଷେତ୍ରରେ ଏହି ଜାତିକୁ ଅଗ୍ରାଧିକାର ଦିଆଯାଉ । ଏହାର ପ୍ରତ୍ୟୁତ୍ତରରେ କେନ୍ଦ୍ର ସରକାର ୨୦୨୦ବର୍ଷ ଶେଷରେ ସମଗ୍ର ଦେଶରେ ଉଚ୍ଚଶିକ୍ଷା ସ୍ତରରେ ମୋରାଲ ଭାଲ୍ୟୁ ଏଜୁକେସନ୍ ନାମରେ ଏକ ବିଷୟ ପ୍ରବର୍ତ୍ତନ କରିବା ସହ ୨୦୨୦ ନୂତନ ଶିକ୍ଷା ନୀତିରେ ମାଟିବଂଶ ଅବଧାନଙ୍କ ଖଡିଛୁଆଁ ପ୍ରଥାକୁ ସମଗ୍ର ଦେଶରେ ପ୍ରବର୍ତ୍ତନ କରିଥିବାରୁ ମାଟିବଂଶ ଅବଧାନ ସମାଜ, ଓଡିଶାର ସଭାପତି ଅଭିରାମ ନାୟକ, ଉପସଭାପତି ପ୍ରତାପ କୁମାର ନାଥ, ଜୋନାଲ ଉପସଭାପତ ଅକ୍ଷୟ କୁମାର ଗାହାଣ, ସାଧାରଣ ସମ୍ପାଦକ ଶୁଭେନ୍ଦ୍ର କୁମାର ସିଂ, ରାଜ୍ୟ କୋଷାଧ୍ୟକ୍ଷ କପିଳେଶ୍ୱର ପାଲ, ରାଜ୍ୟ ସଂଯୋଜକ ଜଳଜିତ ନାଥ, ସହସମ୍ପାଦକ ଅଭିମନ୍ୟୁ ନାୟକ, ହରେକୃଷ୍ଣ ମହାରଣା, ଅଶୋକ କୁମାର ଗେରୁ, ମଧୁସୁଦନ ଗେରୁ, ଶ୍ରୀଧର ନାଥ, ସନ୍ତୋଷ ଜେନା, ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତା ପ୍ରମୁଖ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ କେନ୍ଦ୍ରଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ।

# କେନ୍ଦ୍ରାପଡା ଜିଲ୍ଲାର ପ୍ରଗତି ବୈଠକ

କେନ୍ଦ୍ରାପଡା, ୦୮/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଚାଲୁ ରହିଥିବା ବଡ ବଡ ପ୍ରକଳ୍ପ ଗୁଡିକର ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ରାସ୍ତା ଓ ପୋଲ ଗୁଡିକର ତୁରନ୍ତ କାର୍ଯ୍ୟ ସାରି ଜନହିତ ରେ ଲଗାଇବା ପାଇଁ ଏହି ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟରେ କୌଣସି ବାଧା ବିଘ୍ନ ଅସିଲେ ତୁରନ୍ତ ଅଧିକାରୀ ମାନେ ଏହି ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବାଇପାସ ରସ୍ତା ନୂଆ ବସଷ୍ଟାଣ୍ଡ ଠାରୁ ତିନିମୁହାଣୀ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କରିବା ସହିତ ଏହି କାର୍ଯ୍ୟକୁ ଆରମ୍ଭ କରିବା ପାଇଁ ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ମତାମତ ଦେଇଥିଲେ । ଜିଲ୍ଲାରେ ଚାଲୁ ରହିଥିବା ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ହେବାରୁ ଏହାକୁ ନେଇ ବୈଠକରେ ଚିନ୍ତାର ବିଷୟ ହୋଇଥିଲା । ଅଳପୁଆ କନ୍ତିଆ ନାଳ ସେତୁ, ପଟ୍ଟାମୁଣ୍ଡଇର ବାଲିପାଟଣା ପୋଲ, ପତ୍ରପୁର ର ଦ୍ୱିତୀୟ ପୋଲ, ଖରସ୍ରୋତା ର ଦ୍ୱିତୀୟ ପୋଲ, ରାଜନଗର ର ହଂସୁଆର ଦ୍ୱିତୀୟ ପୋଲ, ବଟୀଘର ପୋଲ ଆଦି ଗୁଡିକର ସମୀକ୍ଷା କରାଯାଇ ଥିଲା । ଏହି ପୋଲ ଗୁଡିକୁ ତୁରନ୍ତ ସମାପ୍ତ କରି ଜନ ହିତରେ ଲଗାଇବା ପାଇଁ ଉକ୍ତ ବୈଠକରେ ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ଠିକାଦାର ମାନେ ନିଜ ମନ ମୁତାବକ କାମ କରୁ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଚୁକ୍ତି କରିଥିବା ସମୟସୀମା ଭିତରେ ଠିକାଦାର ମାନେ କାମ ସମାପ୍ତ କରି ବିଭାଗୀୟ ଅଧିକାରୀ ମାନଙ୍କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆୟୋଜିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧୃବଚରଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାକେଶ ମଲିକଙ୍କ ସମେତ ଆରଡି ୧ ଓ ୨ର ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗର ୨ଜଣ ଅଧିକ୍ଷଣ ଯନ୍ତ୍ରୀ, ପୌର ନର୍ବାହୀ ଯନ୍ତ୍ରୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାରଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବଡଦାଣ୍ଡରେ ମିଳୁନି ପର୍ଯ୍ୟଟକଙ୍କୁ ଜଳଖିଆ: ତୀର୍ଥଯାତ୍ରୀ, ପର୍ଯ୍ୟଟକ ଓ ଭକ୍ତ ହନ୍ତସନ୍ତ

ପୁରୀ, ୦୮/୪ (ନି.ପ୍ର): ଶ୍ରୀମନ୍ଦିରକୁ ପ୍ରତିଦିନ ପଚାଶ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଦର୍ଶନ ପାଇଁ ଆସୁଛନ୍ତି । ମନ୍ଦିରରୁ ଦର୍ଶନ କରି ଫେରିବା ପରେ ସିଂହଦ୍ୱାର ନିକଟରେ ଚା ଓ ଜଳଖିଆ ନମିଳିବାରୁ ଭୋକ ପେଟରେ ପର୍ଯ୍ୟଟକ ଚାଲି ଚାଲି ବଡଦାଣ୍ଡ ସାରା ଖୋଜି ହତାଶ ହେଉଛନ୍ତି । ବଡଦାଣ୍ଡରେ ଉଠାଦୋକାନୀ ଉଠିଯିବା ପରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ ମାନେ ଚା ଓ ଜଳଖିଆ ପାଉନାହାନ୍ତି । ରନ୍ଧନ ଗ୍ୟାସ ର ଦର ବଢିବା ଓ ନମିଳିବା ଯୋଗୁ ୨୦ ଟଙ୍କାର ଜଳଖିଆ ୫୦ ଟଙ୍କା ଦେବାକୁ ପଡୁଛି । କୃଷ୍ଣ ସିନେମା ହଲ ଛକ, ମରଚିକୋଟ ଛକ, ମାର୍କେଟ ଛକ, ମାଉସୀମା ଛକ, ବଳଗଣ୍ଡି ଛକ, ମେଡିକାଲ ଛକ ସମେତ ବିଭିନ୍ନ ସାହି ଗଳିକନ୍ଦିରେ ଜଳଖିଆ ମିଳିବା କଷ୍ଟସାଧ ହୋଇପଡିଛି । ସ୍ଥାନୀୟ ବାସିନ୍ଦା ମଧ୍ୟ ୨୦ ଟଙ୍କାର ଜଳଖିଆ ପାଇଁ ବାଇକରେ ୫୦ ଟଙ୍କାର ପେଟ୍ରୋଲ ଖର୍ଚ୍ଚ କରୁଛନ୍ତି । ପୂର୍ବରୁ ଥିବା ଭଲ ଜଳଖିଆ ଦୋକାନୀ ତାଙ୍କ ସ୍ଥାନ ଛାଡି ଅନ୍ୟ ଗଳି କନ୍ଦିରେ ପସରା ଖୋଲି ଥିବାରୁ ସହରବାସୀ ମଧ୍ୟ ଖୋଜି ପାଇବା କଷ୍ଟ ସାଧ ହେଉଛି । ପୂର୍ବରୁ ବଡବରା ୫ ଟଙ୍କିଆ ଏବେ ୮ ଟଙ୍କାରେ ମିଳୁଥିବା ବେଳେ ଏବେ ତା'ର ସାଇଜ ଛୋଟ ହୋଇଯାଇଛି । ପୂର୍ବ ମଟର ତରକାରୀ ବହଳିଆ ଥିବାବେଳେ ଏବେ ତାହା ପତଳା ଓ ପାଣିଆ ମିଳୁଛି । ଉପମା କଥା ନକହିବା ଭଲ । ଏବେ ୫ ଟଙ୍କିଆ ହାପକପ ଚା ୧୦ ଟଙ୍କା ଓ ୧୦ ଟଙ୍କିଆ ଫୁଲ କପ ଚା ୨୦ ଟଙ୍କାରେ ବିକ୍ରି ହେଉଛି । ପର୍ଯ୍ୟଟକ ରହୁଥିବା ହୋଟେଲରେ ମଧ ଖାଇବା ମିଳୁନାହିଁ । ପର୍ଯ୍ୟଟକ ମାନେ ମିଲ୍ସ ଖାଇବା ପାଇଁ ଏଣେତେଣେ ବୁଲୁଛନ୍ତି । କଚେରି ଛକରେ ବରଗଛ ମୂଳେ ବସୁଥିବା ଚୁଡାଭଜା ବୁଢି ମାଉସୀ ଚୁଡାଭଜା ଠୁଙ୍ଗା ପ୍ରତି ୧୦ ଟଙ୍କା ଥିବାବେଳେ ଏବେ ତାହା ୧୫ ଟଙ୍କାରେ ବିକ୍ରି ହେଉଛି । କିନ୍ତୁ ଠୁଙ୍ଗାର ଆକାର ଛୋଟ ସାଇଜ ହୋଇଯାଇଛି । କଚେରିରେ ଓକିଲ ମହକିଲ ମୋହରିର ଓ ସାଧାରଣ ବ୍ୟକ୍ତି ମାନେ ଚୁଡାଭଜା ଦର ଦେଖି ମାଉସୀ ସହ କଥା କଟାକଟି ହେଉଥିବା ଦେଖିବାକୁ ମିଳୁଛି । ସିଙ୍ଗଡା, ଆଳୁଚପ, ଗୁଲୁଗୁଲା, ବାଇଗଣି ଚପ ଏବେ ଆକାରରେ ଛୋଟ ହୋଇଗଲାଣି କିନ୍ତୁ ଦର ବଢିଯାଇଛି । ଷାଠିଏ ପଉଟି ଭୋଗ ଗ୍ରହଣ କରୁଥିବା ଶ୍ରୀଜଗନ୍ନାଥଙ୍କ ଧାମରେ ତୀର୍ଥଯାତ୍ରୀ ମାନେ କମ୍ ଖାଇ ଅଧା ପେଟରେ ବୁଲିବା ବୁଦ୍ଧିଜୀବୀ ମାନଙ୍କୁ ବ୍ୟଥିତ କରିଛି ।

# ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ପ୍ରତିଯୋଗିତାର ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୮/୪ (ନି.ପ୍ର): ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ପ୍ରତିଯୋଗିତାର ଆୟୋଜନ ନିମନ୍ତେ ଆଜି ଏକ ପୂର୍ବ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରଶାସନିକ ସମନ୍ୱୟ, କ୍ରୀଡା ପ୍ରତିଯୋଗିତାର ସୁଚାରୁ ପରିଚାଳନା, ଜିଲ୍ଲାସ୍ତରରେ ଯୁବ ଖେଳାଳିଙ୍କୁ ଅଧିକ ସୁଯୋଗ ଦେବା ଏବଂ ଗ୍ରାମୀଣ ଓ ସହର ସ୍ତରରୁ ନୂତନ ଯୁବ ଖେଳାଳିଙ୍କ ପ୍ରତିଭା ଚିହ୍ନଟ କରିବା । ଏହି ପ୍ରତିଯୋଗିତାରେ ଫୁଟବଲ, ଭଲିବଲ, ଖୋକ ଓ କବାଡି ମ୍ୟାଚ ଅନୁଷ୍ଠିତ ହେବ । ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା ପାଇଁ ଜିଲ୍ଲାସ୍ତରର କ୍ରୀଡା ସଂଗଠନ ଓ ବିଭାଗମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଅଛି । ସୁରକ୍ଷା, ପରିବହନ ଓ ଆବାସ ବ୍ୟବସ୍ଥାରେ ସୁ-ଯୋଜନା କରାଯିବା ଏବଂ ଯୁବମାନଙ୍କ ସହଭାଗିତା ବୃଦ୍ଧି ପାଇଁ ପ୍ରଚାର-ପ୍ରସାର ଉପରେ ଜୋର ଦିଆଯିବା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଏହା କେବଳ କ୍ରୀଡା ପ୍ରତିଯୋଗିତା ନୁହେଁ, ବରଂ ଯୁବମାନଙ୍କୁ ଏକତ୍ର କରିବା, ତାଙ୍କର କ୍ଷମତାକୁ ପ୍ରଦର୍ଶନ କରିବା, ଏବଂ ସ୍ଥାନୀୟ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ନୂତନ ପ୍ରତିଭାକୁ ଖୋଜିବାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଜିଲ୍ଲାସ୍ତରରେ ମ୍ୟାଚ୍ଗୁଡ଼ିକ ଆସନ୍ତା ୧୦ ଏପ୍ରିଲ ରୁ ୨୪ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଆଜିର ବୈଠକରେ କ୍ରୀଡା , ଶିକ୍ଷା , ପୋଲିସ୍ ଓ ପରିବହନ ବିଭାଗକୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଗଲା । ଖେଳାଳି ଓ ଦର୍ଶକଙ୍କ ସୁରକ୍ଷା ପାଇଁ ପୋଲିସ୍ ଓ ସ୍ଥାନୀୟ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଗଲା । ଦୂରଦୂରାନ୍ତରୁ ଆସୁଥିବା ଖେଳାଳିଙ୍କ ପାଇଁ ବସ୍ ବ୍ୟବସ୍ଥା, ଆବାସ ଓ ଖାଦ୍ୟ ସୁବିଧା ନିଶ୍ଚିତ କରାଗଲା । ଯୁବମାନଙ୍କୁ ଅଧିକ ସହଭାଗୀ କରିବା ଲାଗି ସ୍କୁଲ୍, କଲେଜ୍ ଓ ସ୍ଥାନୀୟ କ୍ଲବ୍ମାନଙ୍କୁ ସୂଚନା ପ୍ରେରଣ କରିବା ପାଇଁ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରୁ ଚୟନିତ ଦଳମାନେ ପରେ ରାଜ୍ୟସ୍ତରରେ ପ୍ରତିନିଧିତ୍ୱ କରି ମୁଖ୍ୟମନ୍ତ୍ରୀ କପ୍ ପ୍ରତିଯୋଗିତାରେ ଖେଳିବେ ।

# ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ: ଶିଶୁ ଶ୍ରମିକ ମୁକ୍ତ ଓ ସୁରକ୍ଷିତ ଜିଲ୍ଲା ଗଠନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ଝାରସୁଗୁଡ଼ା, ୦୮/୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମଏଫ ଅଡିଟୋରିୟମ ହଲ୍ ରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଏବଂ 'ଏ ଡେ ଫର ଚିଲଡ୍ରେନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲାରେ ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ତଥା କଲ୍ୟାଣମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ମଧ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗ, ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ବିଶେଷ କରି ୧୫ ରୁ ୧୮ ବର୍ଷ ବୟସର କିଶୋରମାନେ ଯେପରି କୌଣସି ମଲ୍, ଦୋକାନ କିମ୍ବା ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନହୁଅନ୍ତି, ସେଥିପ୍ରତି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ଲକ, ପଂଚାୟତ ଏବଂ ଗ୍ରାମ୍ୟ ସ୍ତରୀୟ ନିୟମିତ ଭାବରେ ସମୀକ୍ଷା କରି ଜିଲ୍ଲାପାଳଙ୍କୁ ତଥ୍ୟ ପ୍ରଦାନ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା: 'ଅଦ୍ୱିକା', 'ମୈତ୍ରୀ' ଏବଂ 'ଆଶ୍ୱାସନା' କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲାକୁ 'ଶିଶୁ ଭିକ୍ଷାବୃତି ମୁକ୍ତ ଜୋନ୍' ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକ ସ୍ତରରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏଥିସହ ଶିଶୁ ହେଲ୍ପଲାଇନ, ମହିଳା ହେଲ୍ପଲାଇନ, ଘରୋଇ ହିଂସା ରୋକିବା, ମାନବ ଚାଲାଣ ନିରୋଧ ଏବଂ ଶିଶୁ ମଙ୍ଗଳ କମିଟିରେ ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ଜୁଭେନାଇଲ ଜଷ୍ଟିସ ବୋର୍ଡ, ସ୍ପେଶାଲ ଜୁଭେନାଇଲ ପୋଲିସ ୟୁନିଟ୍ ଏବଂ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାର ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମଟିକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସୂଚାରୁ ରୂପେ ପରିଚାଳନା କରିଥିଲେ। ବୈଠକରେ ଜିଲ୍ଲାର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ କ୍ଷେତ୍ରର କାର୍ଯ୍ୟକାରିତା ସମ୍ପର୍କରେ ତଥ୍ୟ ରଖିଥିଲେ।

# ଜଣେ ଅଧିକାରୀ ଓ ୩ ଜଣ କନେଷ୍ଟବଳଙ୍କୁ ନେଇ ଚାଲିଛି ବ୍ରହ୍ମବରଦା ଥାନା

ଧର୍ମଶାଳା, ୦୮/୪ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଏକ ଅତି ସମ୍ବେଦନଶୀଳ ଅଂଚଳ ଭାବେ ବେଶ୍ ଜଣାଶୁଣା । ଏହି ଅଂଚଳରେ ବହୁ ପରିବାର ଦଳିତ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ । ଏପରିକି ଅନେକ ସମୟରେ ସାମାନ୍ୟ କଥାକୁ ନେଇ ବଡ ବଡ ଘଟଣାରେ ପରିଣତ ହୋଇଥିବା ନଜିର ରହିଛି । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମବରଦା ଠାରେ ଧର୍ମଶାଳା ଥାନା ଅଧିନରେ ଫାଣ୍ଡି ପ୍ରତିଷ୍ଠା ହୋଇଥିଲା । ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ ହୋଇପଡିଥିଲା । କିଛି ବର୍ଷ ବ୍ୟବଧାନ ପରେ ବ୍ରହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ଦେବାକୁ ବିଭିନ୍ନ ମହଲରୁ ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲା । ତେବେ ୨୦୨୩ ମସିହାରେ ବ୍ରହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ମିଳିଥିଲା । ଏହି ଥାନା ଏବେ ଅତି ଦୟନୀୟ ଅବସ୍ଥାରେ ଚାଲିଛି । ନିକଟରେ ଜଣେ ଏଏସଆଇଙ୍କ ସମେତ ୨ ଜଣ କନେଷ୍ଟବଳ କାର୍ଯ୍ୟରେ ଅବହେଳା ପାଇଁ ଜିଲା ଆରକ୍ଷୀ ଅଧିକ୍ଷକ ସେମାନଙ୍କୁ ନିଲମ୍ବିତ କରିଥିଲେ । ସେପଟେ ୨ ଜଣ କାର୍ଯ୍ୟରତ ଏଏସଆଇ ଛୁଟିରେ ଯାଇଥିବା ବେଳେ ଏବେ ଜଣେ ଥାନା ଅଧିକାରୀଙ୍କ ସମେତ ୩ ଜଣ କନେଷ୍ଟବଳଙ୍କ ଦ୍ୱାରା ଥାନା ପରିଚାଳିତ ହେଉଛି । ଯାହାକି ଏବେ ଅଂଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଥାନା ଅଧିନରେ ରସୁଲପୁର, ଧର୍ମଶାଳା ଓ ଯାଜପୁର ବ୍ଲକର ମୋଟ୍ ୯ ଗୋଟି ପଂଚାୟତ ରହିଛି । ରସୁଲପୁର ବ୍ଲକର ବ୍ରହ୍ମବରଦା, ମହେଶ୍ୱରପୁର, ବନ୍ଧଡିହ, ମଙ୍ଗରାଜପୁର, ଅର୍ଥଙ୍ଗା ଓ ରାଉତରାପୁର, ଯାଜପୁର ବ୍ଲକର ଝାଲପଡା ଓ ରୁଦ୍ରପୁର ଓ ଧର୍ମଶାଳା ବ୍ଲକର ମଙ୍ଗଳପୁର ପଂଚାୟତ ରହିଛି । ନିୟମ ଅନୁଯାୟୀ, ଥାନାରେ ଜଣେ ଅଧିକାରୀଙ୍କ ସମେତ ୨ ଜଣ ଏସ୍ଆଇ, ୪ ଜଣ ଏଏସ୍ଆଇ, ଜଣେ ହାବିଲଦାର ଓ ୧୨ ଜଣ କନେଷ୍ଟବଳଙ୍କର ଆବଶ୍ୟକତା ରହିଛି । ହେଲେ ଏବେ ଜଣେ ଅଧିକାରୀଙ୍କ ସମେତ ୩ ଜଣ କନେଷ୍ଟବଳଙ୍କ ଦ୍ୱାରା ଚାଲିଛି ଥାନା । ଏହି ବ୍ରହ୍ମବରଦା ଅଂଚଳ ଜିଲାର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ବଡଚଣା, ଧର୍ମଶାଳା, ବରୀ, ଯାଜପୁର ଓ ରସୁଲପୁର ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶହଶହ ଜନସାଧାରଣ ଭିନ୍ନଭିନ୍ନ କାରଣ ନେଇ ଆସିଥାନ୍ତି । ସେପେଟ ସ୍କୁଲ କଲେଜ ଓ ଘରୋଇ ସ୍କୁଲ, ସାପ୍ତାହିକ ହାଟ ଓ ୩ଟି ରାଷ୍ଟ୍ରାୟତ ବ୍ୟାଙ୍କ ଓ ୨ଟି ଋଣ ବନ୍ଧନ ବ୍ୟାଙ୍କ ରହିଛି । ଯାହାକି ୪ ଜଣଙ୍କ ପକ୍ଷେ ଏହି ସବୁ ଅଂଚଳକୁ ଚଲାଇବା କଷ୍ଟକର ହୋଇପଡିଛି । ଏହି ବ୍ରହ୍ମବରଦା ଅଂଚଳ ଏବେ ଦୁର୍ଘଟଣାର ଜୋନ ପାଲଟିଛି । ପ୍ରତିଦିନ କିଛିନା କିଛି ଛୋଟବଡ ଦୁର୍ଘଟଣାମାନ ଘଟୁଛି । ଏପରିକି ସବୁଦିନ ପାରିବାରିକ ହିଂସା ମାମଲା ଥାନାକୁ ଆସୁଛି । ରାତିରେ ପାଟ୍ରୋଲିଂ କରିବା କଷ୍ଟକର ହୋଇପଡୁଛି । ଯାହାକି ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି । ସେପଟେ ମାସକୁ ୨୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହେଉଥିବା ବେଳେ ଅନେକ ମାମଲା ଆପୋଷ ସମାଧାନ ହେଉଛି । ଆସାମୀମାନଙ୍କୁ ଧରିବା ଏବେ କଷ୍ଟକର ବ୍ୟାପାର ହୋଇପଡିଛି । ତେବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପୂର୍ବରୁ ଏହି ଥାନାରେ ଆବଶ୍ୟକ ମୁତାବକ କର୍ମଚାରୀ ଯୋଗାଇ ଦେବା ଜରୁରୀ ହୋଇପଡିଛି ।

# ପାୟଲ ମ୍ୟୁଜିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡା, ୦୭ ଏପ୍ରିଲ୍ (ହି.ସ.) କେନ୍ଦ୍ରାପଡା ଜିଲ୍ଲାର ଇନ୍ଦୁପୁର ସ୍ଥିତ ପଂଚକଳା ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ୍ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ତଥା ୫ମ ଗ୍ରାମୀଣ ମହୋତ୍ସବ-୨୦୨୬ ତିନି ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । କଳା ଓ କଳାକାରଙ୍କ ମହାମିଳନ ପର୍ବ ସାଂସ୍କୃତିକ ପରିବେଶ ଭିତରେ ପ୍ରଥମ ସନ୍ଧ୍ୟାରେ ଉଦ୍ଘାଟକ ଭାବରେ ଯୋଗାଯୋଗ ଦେଇଥିଲେ କେନ୍ଦ୍ରାପଡାର ବିଧାୟକ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା । ତାଙ୍କ ବକ୍ତବ୍ୟରେ ପାୟଲ ମ୍ୟୁଜିକ୍ ସ୍କୁଲର ଥିବା ବିଭିନ୍ନ ପ୍ରକାର ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ । ଉକ୍ତ ସାଂସ୍କୃତିକ ସନ୍ଧ୍ୟାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମର୍ଦ୍ଦଳ ଗୁରୁ ଶ୍ରୀ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଅବସର ପ୍ରାପ୍ତ ଅଧକ୍ଷ ଗୁରୁଶ୍ରୀ ପ୍ରଦୀପ କୁମାର ଦାସ, ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟ ଶିଳ୍ପୀ ,ଗୁରୁ ଚପଳା ମିଶ୍ର,ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ଶ୍ରୀ ପ୍ରଶାନ୍ତ କୁମାର ସାମଲ, ଶିକ୍ଷାବିତ ପ୍ରଣବ କୁମାର ଜେନା ଓ ଇନ୍ଦୁପୁର ଗ୍ରାମ ପଂଚାୟତର ସମିତି ସଭ୍ୟ ସୁନନ୍ଦା ମଲ୍ଲିକ୍ ଯୋଗ ଦେଇଥିଲେ ।ବର୍ଷା ପାଇଁ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ କରାଯାଇଥିଲା ।ସେହି ଭଳି ୨ୟ ଦିନ ସନ୍ଧ୍ୟାରେ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ପରିଷଦର ସଭାପତି ସୁଶ୍ରୀ ଲିଳିତା ଦାସ, ଶିଳ୍ପପତି ସୁଧାଂଶୁ ଶେଖର ଦାସ, ଅବସର ପ୍ରାପ୍ତ ପ୍ରଫେସର ଚାରୁ ଚନ୍ଦ୍ର ହାଜରା, ଡ଼ଃ କାଳୀ ପ୍ରସନ୍ନ ଶତପଥୀ, ନାଟ୍ୟ ଅଭିନେତା ଓ ନାଟ୍ୟ ସଂଗଠକ ଆଲୋକ ରଞ୍ଜନ ବୋଷ, ଅଧ୍ୟାପକ ଅଶୋକ କୁମାର ନାୟକ, ସମାଜସେବୀ ପ୍ରମୋଦ ପତି, ଅବସରପ୍ରାପ୍ତ ସର୍ବୋଚ ଯନ୍ତ୍ରୀ ଇଂ ଶତ୍ରୁଘ୍ନ ଦାସ, ଯୋଗଦେଇଥିଲେ ।ଜିଲ୍ଲା ପରିଷଦ ପାଣ୍ଠିରୁ ପାୟଲ ମ୍ୟୁଜିକ୍ ସ୍କୁଲ ପରିସରରେ ସ୍ଥାପିତ ହୋଇଥିବା ଥଣ୍ଡା ପାନୀୟ ଜଳ ମେସିନ୍ ଅତିଥିମାନଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ପାୟଲ ମ୍ୟୁଜିକ୍ ସ୍କୁଲର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ଏହା ଓଡ଼ିଶାର ଏକ ସାଂସ୍କୃତିକ ପ୍ରାଣ କେନ୍ଦ୍ର ହେବାକୁ ଯୋଉଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କଳା, ସାହିତ୍ୟ, ସଂସ୍କୃତି , ସମାଜ ସେବା ଇତ୍ୟାଦି କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଆମ ଅଂଚଳର କବି, ଲେଖକ ପ୍ରଦୀପ ଦାସ ଓ ନାଟ୍ୟ ଅଭିନେତା ଆଲୋକ ରଞ୍ଜନ ବୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଇନ୍ଦୁପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରତ୍ନାକର ବାରିକ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦଗ୍ଧ ସାହିତ୍ୟ ସ୍ରଷ୍ଟାର ନିର୍ଦ୍ଦେଶକ ଶରତ କୁମାର ଜେନା, ବିଶିଷ୍ଟ ସାମ୍ବାଦିକ ପ୍ରତାପ ଦାସ,ଶିକ୍ଷା ବିଭାଗର ପ୍ରଶାସନିକ ଅଧିକାରୀ ନିଶିକାନ୍ତ ମିଶ୍ର,ନାଟ୍ୟ ସଂଗଠକ ଆଲୋକ ରଞ୍ଜନ ବୋଷ,ସାହିତ୍ୟିକ ପ୍ରଦୀପ ଦାସ,ଓଡିଶୀ କଣ୍ଠଶିଳ୍ପୀ ସ୍ୱାଧୀନବାଳା ନାୟକ ଯୋଗାଯୋଗ ଦେଇଥିଲେ କ୍ଷ ଶୈଳଜା ଶଙ୍କର ସାମଲ ଓ ଅଭିନେତା କାଳି ପ୍ରସାଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ସଭା କାର୍ଯ୍ୟକୁ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସ୍ଥାୟୀ ସଭାପତି ନୀଳମାଧବ ପତି ଏବଂ ସମସ୍ତ କାର୍ଯ୍ୟକୁ ଆକର୍ଷଣୀୟ ଭାବେ ସମ୍ପାଦନ କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ଦେବାଶିଷ ସାମଲ। କଳା ଓ କଳାକାରଙ୍କ ମହାମିଳନ ପର୍ବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ପାୟଲ୍ ମ୍ୟୁଜିକ୍ ସ୍କୁଲର ସଙ୍ଗୀତ, ନୃତ୍ୟ, ବାଦ୍ୟ, ଅଭିନୟ ବିଭାଗର ଛାତ୍ରଛାତ୍ରୀ ଓ ଓଡ଼ିଶାର ନାମିଦାମୀ କଳାକାର । ଅନୁଷ୍ଠାନର ଚିତ୍ରକଳା ବିଭାଗ ' ରଙ୍ଗ ତରଙ୍ଗ 'ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀ ଅତ୍ୟନ୍ତ ଉଚ୍ଚ କୋଟିର ହୋଇଥିଲା ଏବଂ ଏହା ଉପସ୍ଥିତ ଦର୍ଶକ ଓ ଅତିଥି ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ।ଓଡ଼ିଶାର ବିଭିନ୍ନ ମଂଚରେ ଅନୁଷ୍ଠାନର ବରିଷ୍ଠ ଛାତ୍ରୀ ସୁଶ୍ରୀ ଲୋପାମୁଦ୍ରା ଜେନା ,ସୁଶ୍ରୀ ମିତାଲି ପୃଷ୍ଟି ,ସୁଶ୍ରୀ ରାଧାରାଣୀ ଦାଶ ନିଜର ପ୍ରତିଭା ବଳରେ ପାୟଲ ମ୍ୟୁଜିକ୍ ସ୍କୁଲର ସୁନାମ ବୃଦ୍ଧି କରିଥିବାରୁ ସେମାନଙ୍କୁ ଗୌରବଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁମାନଙ୍କୁ ଓ ବାଦ୍ୟଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟକ୍ରମ କୁ ଋଦ୍ଧିମନ୍ତ କରିଥିଲେ ସଙ୍ଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରା, ଆଧୁନିକ ନୃତ୍ୟ ଗୁରୁ ସୁବାଶିଷ ମିଶ୍ର, ତବଲା ଗୁରୁ ବାଲ୍ମୀକି କୁମାର ଜେନା,ଚିତ୍ରକଳା ଗୁରୁ ବିକାଶ କୁମାର ସାହୁ, ସତ୍ୟବ୍ରତ ଘଡ଼ାଇ,ସମସ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ।

# ଭାରତର ପ୍ରଥମ ଡିଜିଟାଲ ଜନଗଣନା ପ୍ରସ୍ତୁତି : ମହାନଗର ନିଗମ ପକ୍ଷରୁ ୪ଟି ସଚେତନତା ରଥର ଶୁଭାରମ୍ଭ

ସମ୍ବଲପୁର, ୦୮/୪ (ନି.ପ୍ର): ଆଗାମୀ ଜନଗଣନା ୨୦୨୭ ରେ ବ୍ୟାପକ ନାଗରିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ତଦନୁଯାୟୀ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ଦିନ ଚାରୋଟି ସଚେତନତା ରଥକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଭାରତର ପ୍ରଥମ ଡିଜିଟାଲ ଜନଗଣନା ବିଷୟରେ ବାସିନ୍ଦାଙ୍କୁ ସଚେତନତା ଏବଂ ସ୍ୱଗଣନା ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା। ମୁଖ୍ୟ ଜନଗଣନା ଅଧିକାରୀ ତଥା ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରିଙ୍କ ସମେତ ଅଧିକାରୀ ଏବଂ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ଏହି ରଥଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୋଟ ଚାରୋଟି ଯାନ ଏହି ରଥରେ ନିୟୋଜିତ କରାଯାଇଛି । ଯାହା ଆଗାମୀ ଦୁଇ ଦିନ ମଧ୍ୟରେ ସମ୍ବଲପୁରର ସମସ୍ତ ୪୧ଟି ୱାର୍ଡକୁ ବୁଲି ବୁଲି ସଚେତନ କରିବ। ଏହି ସଚେତନତା ରଥଗୁଡ଼ିକ ସହର ସାରା ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜନଗଣନା ସମ୍ପର୍କିତ ଶ୍ରୁତିମଧୁର ସଂଗୀତ ଏବଂ ପ୍ରମୁଖ ଭାବରେ ପ୍ରଦର୍ଶିତ ବ୍ୟାନର ସହିତ ସଜ୍ଜିତ କରାଯାଇଛି। ଏହି ଅଭିଯାନଟି ସ୍ୱଗଣନା ଏବଂ ଗୃହ ତାଲିକାଭୁକ୍ତ କରିବା ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ସମସ୍ତ ନାଗରିକମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ତଥା ଏପ୍ରିଲ ୧୫ ତାରିଖ ମଧ୍ୟରେ ପ୍ରକ୍ରିୟା ସମାପ୍ତ କରିବାକୁ ଅନୁରୋଧ କରାଯାଇଛି । ଡିଜିଟାଲ ପରିବର୍ତ୍ତନକୁ ଆଲୋକପାତ କରି ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତ ଏକ ପ୍ରଯୁକ୍ତି ବିଦ୍ୟା ଚାଳିତ ଗଣନା ବ୍ୟବସ୍ଥାକୁ ପରିବର୍ତ୍ତନ କରୁଥିବାରୁ ଜନଗଣନା ୨୦୨୭ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଯାନବାହାନରେ ପ୍ରଦର୍ଶିତ ବ୍ୟାନରଗୁଡ଼ିକ ସ୍ୱଗଣନା ଉପରେ ପର୍ଯ୍ୟାୟକ୍ରମେ ମାର୍ଗଦର୍ଶନ ପ୍ରଦାନ କରିବ ।

# ଜମ୍ବେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ଖଇରା, ୦୮/୪ (ନି.ପ୍ର): ଖଇରା ବ୍ଲକ ଅନ୍ତର୍ଗତ ଗରସଙ୍ଗ ପଞ୍ଚାୟତସ୍ଥିତ ଜମ୍ବେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ଆଜି ଏକ ରକ୍ତଦାନ ଶିବିର ଶଜଉ ର ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ପୃଷ୍ଟି ଏବଂ ଘଝଝ ର ମୁଖ୍ୟ ଅଧ୍ୟାପିକା ମାନଭବାନୀ ଦାଶଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଗରସଙ୍ଗ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ଦାସ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ହାତି ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ ।ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ମାନସ ରଞ୍ଜନ ମହାପାତ୍ର, ସମୀର କୁମାର ମହାରଣା, ମନୋରଞ୍ଜନ ମିଶ୍ର, ଡେମୋନଷ୍ଟ୍ରେଟର ଅମରେଶ ଚନ୍ଦ୍ର ମହାନ୍ତି, ମନୋଜ କୁମାର ପଣ୍ଡା, ଶ୍ରୀମତୀ ତପସ୍ୱିନୀ ଦାସ, ଲାଇବ୍ରେରିଆନ ପ୍ରଦୀପ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।ଉକ୍ତ ରକ୍ତ ଦାନ ରେଜିଷ୍ଟ୍ରେସନ ନିମନ୍ତେ ଅଧ୍ୟାପକ ରାଜେନ୍ଦ୍ର ବେହେରା ଏବଂ ଅଧ୍ୟାପିକା ମନୀଷା ମହାନ୍ତି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ମହାବିଦ୍ୟାଳୟର ବରିଷ୍ଠ କିରାଣୀ କମଳ କୁମାର ବାରିକ ସମଗ୍ର କାର୍ଯ୍ୟକ୍ରମକୁ ତଦାରଖ କରୁଥିଲେ ।

# ବିଜେପି ସ୍ୱପ୍ନେଶ୍ୱର ମଣ୍ଡଳ ପକ୍ଷରୁ ପ୍ରତିଷ୍ଠା ଦିବସ ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ଜଳେଶ୍ୱର, ୦୮/୪ (ନି.ପ୍ର): ଜଳେଶ୍ୱର ବ୍ଲକ ସ୍ୱପ୍ନେଶ୍ୱର ମଣ୍ଡଳ ୯ନଂ ଜୋନ ସୁଗୋ ଗ୍ରାମପଞ୍ଚାୟତର ବାଣୀଦା ଗ୍ରାମର ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି ।ସୁଗୋ ହାଟ ଛକ ନିକଟରେ ମଣ୍ଡଳ ସଭାପତି ସଞ୍ଜୀବ କୁମାର ସେନାପତିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ରହି ସାମୁହିକ ବିଜେପିର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ପରେ ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ଉପସ୍ଥିତିରେ ବିଜେଡି ଦଳ ଛାଡି ୧୩ନଂ ୱାର୍ଡ ସଭ୍ୟ ଧନଞ୍ଜୟ ମହାପାତ୍ର, ବିନୟ କରତପନ ପାତ୍ର, ଝୁନା ପାତ୍ର, ଅଭୟ ମହାପାତ୍ର, ସୁରଜେନ୍ଦୁ ପାତ୍ର, ଦୀପକ ପଟ୍ଟନାୟକ, ବିଶ୍ୱନାଥ ନାଥ ମହାନ୍ତି, ଧୀରେନ୍ଦ୍ର ମହାପାତ୍ର, ଗଣେଷ ମହାନ୍ତିଙ୍କ ସମେତ ଅନେକ କର୍ମୀ ବିଜେପି ଉପରେ ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ରବୀନ୍ଦ୍ର ନାଥ ଜେନା, ସୁବ୍ରତ ଜେନା, ଅଭୟ ପରିଡ଼ା, ଅଜିତ ପରିଡ଼ା, ଉମାଶଙ୍କର ମହାପାତ୍ର,ପ୍ରଦୀପ ପାତ୍ର, କାହ୍ନୁ ଚରଣ ଚନ୍ଦ, ଲୁଟନ ବାରିକ, ପରସଞ୍ଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବୈଶିଙ୍ଗା ଡ଼ାକ୍ତରଖାନାର ଉନ୍ନତି ପାଇଁ ସାଧାରଣରେ ଦାବି : ସିଏଚସି ମାନ୍ୟତା କେବେ ମିଳିବ ?

ବୈଶିଙ୍ଗା , ୦୮/୪ (ନି.ପ୍ର): ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ୧୯୨୫ ମସିହାରେ ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳର ୫୦/୬୦ ଖଣ୍ଡ ମୌଜାର ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ବୈଶିଙ୍ଗା ଠାରେ ଏକ ଆଞ୍ଚଳିକ ଡାକ୍ତରଖାନା ସ୍ଥାପନା କରଯାଇଥିଲା ।ଏହି ଡାକ୍ତରଖାନାଟି ସ୍ଥାପନା ର ଶତବାର୍ଷିକୀ ପୂର୍ତ୍ତୀ ହୋଇ ସାରିଛି । ସ୍ୱାଧୀନତାର ୭୯ ବର୍ଷ ପୁରି ଯାଉଥିଲେ ମଧ୍ୟ ଆଜି ବି ସେଇ ଆଞ୍ଚଳିକ ଡାକ୍ତରଖାନାର ମାନ୍ୟତା ବଜାୟ ରଖିଛି । ଏଇ ୭୯ ବର୍ଷ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତି ରେ କେତେ ସରକାର ଆମକୁ ଶାସନ କରି ଚାଲିଗଲେଣି । ମାତ୍ର ସ୍ୱାସ୍ଥ୍ୟସେବା ନାମରେ ସରକାର କେତେ କେତେ ଟଙ୍କା ବ୍ୟୟ ବରାଦ କରୁଛନ୍ତି ତାର ହିସାବ ନାହିଁ । ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରଥମ ଡାକ୍ତରଖାନା ବୈଶିଙ୍ଗା ଠାରେ ପ୍ରତିଷ୍ଠାର ବହୁ ବର୍ଷ ପରେ ଆଖପାଖ ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ତତ୍କାଳୀନ ସରକାରଙ୍କ ଦ୍ୱାରା ସ୍ଥାପନା କରାଯାଇଛି । ମାତ୍ର ବୈଶିଙ୍ଗା ଡାକ୍ତରଖାନା ପ୍ରତି କାହାରି ନଜର ରହିଲା ନାହିଁ । ଏଥିପାଇଁ ଚାରିବର୍ଷ ତଳେ ଆଞ୍ଚଳିକ ବିକାଶ ପରିଷଦ ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଡାକ୍ତରଖାନା ର ଉନ୍ନତି ପାଇଁ ସଂଘର୍ଷ ଜାରି ରହିଥିଲା ।କୋଭିଡ ର ଭୟାବହତା ବେଳେ ଟୀକାକରଣ ସମୟରେ ଯେଉଁଭଳି ଅବ୍ୟବସ୍ଥା ଡାକ୍ତରଖାନାରେ ଦେଖିବାକୁ ମିଳିଥିଲା ତାହାକୁ ଅନୁଧ୍ୟାନ କରି ଏହି ଡାକ୍ତରଖାନା ଟିକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବାପାଇଁ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ପୂର୍ବ ସରକାରଙ୍କୁ ଅବଗତ କରା ଯାଇଥିଲା । ମାତ୍ର ଗୋଟିଏ ବ୍ଲକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେବା ପରିପେକ୍ଷୀରେ ବୈଶିଙ୍ଗା ଡାକ୍ତରଖାନାରେ ଟ୍ରମା ସେଣ୍ଟର କରା ଯିବାର ପ୍ରତିଶ୍ରୁତି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ପ୍ରତିଶୃତି ଅନୁଯାୟୀ ଜିଲ୍ଲା ର ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଲାଗିଲା । ମାତ୍ର ବୈଶିଙ୍ଗା ଡାକ୍ତରଖାନାରେ ଟ୍ରମା ସେଣ୍ଟର ହୋଇପାରିଲାନାହିଁ ।ଏହି ଡାକ୍ତରଖାନାର ଉନ୍ନତି ପାଇଁ ମାନ୍ୟବର ବିଧାୟକ ସନାତନ ବିଜୁଳି ପୂର୍ବ ସରକାର ସମୟରେ ବାରମ୍ବାର ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ନୂଆ ମୋହନ ସରକାର ଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ମଧ୍ୟରେ ପୁଣି ସେହି ଅଭିଯୋଗ ଉଠାଇଥିଲେ ମଧ୍ୟ କିଛି କାର୍ଯ୍ୟକାରି ହୋଇ ପାରିନାହିଁ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ୨୦୨୩ ମସିହାରେ ପାଞ୍ଚ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ସେଥିମଧ୍ୟରୁ ଦୁଇ କୋଟି ମୂଲ୍ୟର ଏକ ବିଲ୍ଡିଂ ତିଆରି ତିନି ବର୍ଷ ଧରି ଚାଲିଛି ,ସରିବାର ନାଁ ଧରୁନି । ବାକି ତିନି କୋଟି ଟଙ୍କା କେଉଁ କାର୍ଯ୍ୟରେ ଲାଗିଲା ତାର ହିସାବ ପ୍ରଶାସନ ପାଖରେ ନାହିଁ । ସୂଚନା ମାଗିଥିଲେ ମଧ୍ୟ ମିଳିପାରୁ ନାହିଁ । ଏବେ ଏକ ପାଚେରୀ ନିର୍ମାଣ ଚାଲିଛି ସତ ମାତ୍ର କିଏ କେଉଁ ଅନୁଦାନରୁ ହେଉଛି ତାର ଫଳକ ମଧ୍ୟ ନାହିଁ । ଡାକ୍ତର ସମସ୍ୟା ଲାଗି ରହିଛି, ଜଣେ ଆୟୁଷ ଡାକ୍ତର ଏକମାତ୍ର ସାହା ଓ ଭରଷା ପାଲଟିଛି । ଦୁଇଜଣ ଗଈଈଝ ମଧ୍ୟରୁ ଜଣେ ଉଚ୍ଚ ଶିକ୍ଷା ପାଇଁ ଯାଇଥିବା ବେଳେ ଆଉ ଜଣେ ଡେପୁଟେସନ ରେ ଅଛନ୍ତି । ଏଣୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଧାରିବା ପାଇଁ ଦାବି ହେଉଛି ।

# ଚୂନାଚୂନା ସୁନାଫୁଲ ବିଷୁବ ସଂଖ୍ୟା ଉନ୍ମୋଚିତ



ବାସୁଦେବପୁର, ୦୮/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଞ୍ଚାୟତର ମାଆ ଭେଡ଼ା ନାୟକାଣୀ ମନ୍ଦିର ପରିସରରେ ଶିଶୁ କିଶୋର ସାହିତ୍ୟ ପତ୍ରିକା ଚୂନାଚୂନା ସୁନା ଫୁଲ ବିଷୁବ ସଂଖ୍ୟା ଅତିଥି ବନ୍ଧୁ ମାନଙ୍କ ଦ୍ୱାରା ଖୁବ୍ ସଫଳତାର ସହିତ ଉନ୍ମୋଚନ ହୋଇ ଯାଇଛି । ଏହି ଉନ୍ମୋଚନ ଉତ୍ସବରେ ବିଶିଷ୍ଟ କବି ଓ ଗୀତିକାର ଅଜୟ ଦାସ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ବାଇଧର ନାୟକ, ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ପଳିତା, ଗାୟତ୍ରୀ ମାତା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ କୁଶଦେବ ମଲ୍ଲିକ, ପାନପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ନାୟକ, କବି ଦିବାକର ଭୋଇ, ସାହିତ୍ୟିକ ଚିନ୍ତାମଣି ସାହୁ, କବି ମହେଶ୍ୱର ଦାସ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଚୂନା ଚୂନା ସୁନାଫୁଲ ପତ୍ରିକା ଉନ୍ମୋଚନ କରିଥିଲେ ଏବଂ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଉତ୍ସବରେ ଚୂନା ଚୂନା ସୁନାଫୁଲ ପତ୍ରିକାର ସମ୍ପାଦକ କବି ମହେଶ୍ୱର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୧୭୦୦କିମି ରାସ୍ତା ନିର୍ମାଣ ପାଇଁ ମଞ୍ଜୁରି

ଭୁବନେଶ୍ୱର, ୦୮/୪ (ନି.ପ୍ର): ନିଜ ବିଭାଗର ସଫଳତା ଓ ବଜେଟ ଖର୍ଚ୍ଚ ଏବଂ ଆଗାମୀ ଦିନର ଲକ୍ଷ୍ୟ ନେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ଦେଇଛନ୍ତି । ୧୭୦୦ କିଲୋମିଟର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ମିଳିଛି । ବର୍ତମାନ ସୁଦ୍ଧା ୮୯.୪୭ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି ଗ୍ରାମ୍ୟ ଉନ୍ନୟନ ବିଭାଗ । ୮୫୮୦.୨୪ କୋଟି ଟଙ୍କାର ବଜେଟ ଅଟକଳ ହୋଇଛି । ୫୨୧୧କିମି ରୋଡ ସହ ୨୧୭୯ ଟି ରାସ୍ତା ନିର୍ମାଣ ହୋଇଛି । ୩୪୪୪.୪୧ କୋଟି ଟଙ୍କା ଏମଏମଏସୱାଇରେ ୯୯.୭୯ ପ୍ରତିଶତ କାମ ହୋଇଛି । ୪୭୦୦ କିଲୋମିଟର ରାସ୍ତା ୨୦୨୫-୨୬ ରେ ସମ୍ପୂର୍ଣ୍ଣ ହୋଇଛି । ନକ୍ସଲ ଅଂଚଳ ରେ ୩୦୧୮.୭୯ କିଲୋମିଟର କାମ ସହ ୫୫ ଟି ରାସ୍ତା ଶେଷ ହୋଇଛି । ଏଥିପାଇଁ ୧୭୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରେ ୬୩୫.୧୨ କିଲୋମିଟର ରାସ୍ତା ଶେଷ ହୋଇଛି । ସେତୁବନ୍ଧ ଯୋଜନା ରେ ୭୫ ହଜାର କିଲୋମିଟର ରାସ୍ତା ତିଆରି କରିବୁ । ୫ ହଜାର ସେତୁ ନିର୍ମାଣ ହେବ । ମୋ ବିଭାଗରେ ୫୦୦ ସେତୁ ନିର୍ମାଣ ପାଇଁ ଦାୟିତ୍ୱ ମିଳିଥିଲା ୨୯୪ ଟି ବ୍ରିଜ ଶେଷ ହୋଇଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ବାସୁଦେବପୁର, ୦୮/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଞ୍ଚାୟତର ଛତ୍ରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ମାଝିଙ୍କ ପାଇଁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ମଲ୍ଲିକ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ବାଲିମେଦ କ୍ଲଷ୍ଟର ସି ଆର ସି ସି ଦୋଳଗୋବିନ୍ଦ ମିଶ୍ର, ଚାରିବାଟିଆ ୟୁ ଜି ଏମ୍ ଇ ସ୍କୁଲ୍ ଶିକ୍ଷକ ପ୍ରଦୀପ ମଲ୍ଲିକ, ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଦାୟୀ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ମାଝିଙ୍କ ଶିକ୍ଷକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଉତ୍ସବରେ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମାଝୀଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶିକ୍ଷକ ମନୋରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ମହେଶ୍ୱର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟରେ ଆରମ୍ଭ ହେଲା ...

ସମୃଦ୍ଧିର ସ୍ପର୍ଶ ଅନୁଭବ କରିବା ଆରମ୍ଭ କରିଛି । ଶିଳାନ୍ୟାସ ଓ ଉଦଘାଟନ ହୋଇଥିବା ଏହି ଶିଳ୍ପ ପ୍ରକଳ୍ପ ମଧ୍ୟରେ ଗ୍ରିନ୍ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ, ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ରହିଛି । ଯାହା ରାଜ୍ୟର ଅର୍ଥନୀତିକୁ ବୁଷ୍ଟରଡୋଜ ଦେବ । ଅନ୍ୟପଟେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, କଥାରେ କହିବା ଏବଂ ପ୍ରତିଶ୍ରୁତିକୁ ବାସ୍ତବତାର ରୂପ ଦେବା ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟ । ବିଜେପି ସରକାର ସବୁ କଥାକୁ କାମରେ କରି ଦେଖାଉଛି । ଗତ ୧୮ରୁ ୨୦ ମାସରେ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଛି । ଏହାଦ୍ୱାରା ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି ।

### ବାତ୍ୟା, ବନ୍ୟା...

କ୍ଷତିପୂରଣ ଦାବିରେ ଗତକାଲି ରାସ୍ତା ରୋକ୍ କରିଥିଲେ ଆଜି ସରକାରଙ୍କ ନିକଟରେ ଦାବି ରଖିଛନ୍ତି । ବରଗଡ଼ରେ ପ୍ରକୃତିର ତାଣ୍ଡବରେ ଧାନ ଫସଲଠୁ ଆରମ୍ଭ କରି ସବୁ ପନିପରିବା ନଷ୍ଟ ହୋଇ ବିଲରେ ପଡ଼ିରହିଛି । ବରଗଡ଼ ସହର ସମେତ ଯମୁଡା, ଅତାବିରା, ସୋହେଲା, ବରପାଲି, ଅମ୍ବାଭୋନା ଅଂଚଳରେ ବ୍ୟାପକ ଧାନ ଫସଲ ସହିତ ପନିପରିବା ନଷ୍ଟ ହୋଇଛି । ଯାହାକୁ ନେଇ ଏବେ ଚିନ୍ତାରେ ଚାଷୀ । କ୍ଷତିପୂରଣ ଦାବିରେ ଧାନ ଗଛ ଧରି ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି । ବାଲେଶ୍ୱର ସୋରର ଦୃଶ୍ୟକୁ ଦେଖନ୍ତୁ । ବର୍ଷା ମାଡ଼ରେ ଶୋଇ ଯାଇଛି ସୂର୍ଯ୍ୟମୁଖୀ ଫସଲ । କେବେ କ୍ଷତିଗ୍ରସ୍ତଙ୍କ ଦୁଃଖ ଶୁଣିବେ ସରକାର ତା ଉପରେ ନଜର ।

### ଭିଜିଲାନ୍ସ ଜାଲରେ...

ଏହା ପ୍ରାୟ ୩ ହଜାର ବର୍ଗଫୁଟ ଜାଗା ଉପରେ ତିଆରି ହୋଇଛି । ଢେଙ୍କାନାଳର ଭାପୁରର ବିନ୍ଧୋଳରେ ଏକ ଫାର୍ମ ହାଉସ୍ ରହିଛି । ୧ ଏକର ୭୧ ଡିସିମିଲ୍‌ର ଜାଗାରେ ଏହି ଫାର୍ମ ହାଉସ୍‌ଟି ରହିଛି । ଫାର୍ମ ହାଉସ୍‌ରେ ଥିବା ଦ୍ୱିମଲା କୋଠାଟି ୪୦୦୦ ବର୍ଗଫୁଟ୍ ଜାଗାରେ ନିର୍ମାଣ କରାଯାଇଛି । ତାଙ୍କର ୫ଟି ଦାମୀ ପ୍ଲଟ୍ ଅଛି । ଏଥିରୁ ଗୋଟିଏ ଭୁବନେଶ୍ୱରରେ ଥିବା ବେଳେ ବାକିଗୁଡ଼ିକ ବିନ୍ଧୋଳରେ ଅଛି । ତାଙ୍କର ତିନି ମହଲା ବିଶିଷ୍ଟ ଘର ସହିତ ଫାର୍ମ ହାଉସ୍ ଓ ପ୍ଲଟ୍ ଗୁଡ଼ିକର ଦାମ୍ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଓ ମୂଲ୍ୟାଙ୍କନ ଜାରି ରହିଛି । ଶ୍ରୀ ମହାନ୍ତିଙ୍କ ଘରୁ ନଗଦ ୬ ଲକ୍ଷ ୨୩ ହଜାର ଟଙ୍କା ମିଳିଛି । ଏହା ସହିତ ବିଭିନ୍ନ ଜମା ବାବଦକୁ ସେ ୬୦.୦୯ ଲକ୍ଷ ଟଙ୍କା ଜମା ରଖିଛନ୍ତି । ତାଙ୍କ ଘରୁ ସୁନାଗହଣା ଜବତ କରାଯାଇଛି । ତେବେ ସେଗୁଡ଼ିକ ମୂଲ୍ୟ କେତେ, ସେନେଇ ସୂଚନା ଦିଆଯାଇନାହିଁ । ତାଙ୍କ ଘରୁ ଭିଜିଲାନ୍ସ ୧୩.୪୭ ଲକ୍ଷ ଟଙ୍କାର ବିମାନ ଟିକେଟ୍ ଠାବ କରିଛି । ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଇ ସେ ଏହି ଖର୍ଚ୍ଚ କରିଥିବା ଜଣାପଡ଼ିଛି । ସେହିପରି ତାଙ୍କ ଘରୁ ୨୦ରୁ ଅଧିକ ହାତ ପିନ୍ଧା ଘଡ଼ି ଜବତ କରାଯାଇଛି । ତାଙ୍କର ୨ଟି ଚାରି କାର ଓ ୨ଟି ଦୁଇ ଚକିଆ ଗାଡ଼ି ଜବତ କରାଯାଇଛି । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି । ଯାଞ୍ଚ ଶେଷ ହେବା ପରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ମୋଟ ସଂପତ୍ତିର ପରିମାଣ ଜଣାପଡ଼ିବ ।

### ଇରାନର ବ୍ଲାକମେଲିଂକୁ ...

ଦେଇ ହେଉଥିବା ବେଳେ, ଓମାନର ଏହି ନିଷ୍ପତ୍ତି ବିଶ୍ୱ ବାଣିଜ୍ୟ ବଜାରକୁ ଏକ ବଡ଼ ସୁରକ୍ଷା କବଚ ପ୍ରଦାନ କରିଛି । ଯୁଦ୍ଧବିରତି ଆଳରେ ଇରାନର ଏହି ଅର୍ଥନୈତିକ ବ୍ଲାକମେଲିଂ ଆଗରେ ଓମାନ ମୁଣ୍ଡ ନଇଁବାକୁ ମନା କରିଦେବା ପରେ ତେହେରାନ ଏବେ କୂଟନୈତିକ ସ୍ତରରେ ଏକାକୀ ହୋଇପଡ଼ିଛି ।

### ବିଜେଡି ସଂସଦୀୟ...

ରାଜ୍ୟସଭାରେ ଦଳର ନେତା ଭାବେ ସସ୍ମିତ ପାତ୍ରଙ୍କୁ ନିଯୁକ୍ତି ମିଳିଥିଲା । ସେତେବେଳେ ରାଜ୍ୟସଭାରେ ଦଳର ବରିଷ୍ଠ ନେତାମାନଙ୍କୁ ଅଣଦେଖା କରି ସସ୍ମିତଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା । ଗତ ସପ୍ତାହରେ ସାଂସଦ ସସ୍ମିତ ପାତ୍ର ଅଚାନକ ରାଜ୍ୟସଭାରେ ଦଳର ନେତା ପଦରୁ ଇସ୍ତଫା ଦେଇଥିଲେ । ସେ ତାଙ୍କର ଲିଖିତ ଇସ୍ତଫା ପତ୍ର ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବାବେଳେ ଦଳର କିଛି ସାଂସଦ ମଧ୍ୟ ତାଙ୍କୁ ଏହି ପଦରୁ ହଟାଇବା ନିମନ୍ତେ ନବୀନଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି ବୋଲି ଆମେ ୬ ତାରିଖ ରିପୋର୍ଟରେ ଲେଖିଥିଲୁ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଣ୍ଡିଆନଙ୍କ ଇଙ୍ଗିତରେ ତାଙ୍କର ଖାସ୍ ସହଯୋଗୀ ସାଂସଦ ମାନସ ମଙ୍ଗରାଜ ହିଁ ସସ୍ମିତଙ୍କୁ ଏହି ପଦରୁ ହଟାଇବା ନିମନ୍ତେ ଗୋଟିଚାଳନା କରିଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି । ସଂସଦୀୟ କାର୍ଯ୍ୟରେ ବେଶ୍ ଭଲ ପ୍ରଦର୍ଶନ କରୁଥିବା ସସ୍ମିତଙ୍କୁ କେଉଁ ତ୍ରୁଟି ପାଇଁ ଏହି ପଦରୁ ଅଚାନକ ହଟାଇବାକୁ ଏଭଳି ଷଡ଼ଯନ୍ତ୍ର ରଚାଗଲା ତାକୁ ନେଇ ଦଳରେ କେହି ମୁହଁ ଖୋଲୁନାହାନ୍ତି । ତେବେ ସନ୍ତୃପ୍ତ ମିଶ୍ର ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଘଟିଥିଲା ଏହି ଘଟଣା ।

### ଆମେରିକା-ଇରାନ...

ଇସଲାମାବାଦରେ ଆମେରିକା-ଇରାନ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ଆରମ୍ଭ ହେବ । ଇରାନର ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଏହି ଆଲୋଚନାର ନେତୃତ୍ୱ ନେବେ । ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତବା ଖେମିନି ପ୍ରଥମ ଥର ବୁଝାମଣା ପାଇଁ ସବୁଜ ସଙ୍କେତ ଦେଇଥିବା ବେଳେ, ଇରାନ ପ୍ରତି ବ୍ୟାରେଲ ପିଛା ୧ ଡଲାରର ଟୋଲ୍ ଟିକସ ଆଦାୟ କରିବାକୁ ଯୋଜନା କରୁଛି, ଯାହା ଏକ ନୂଆ ବିବାଦର ସୂତ୍ରପାତ କରିପାରେ । ଆମେରିକା ମଧ୍ୟ ନିଜର ସାମରିକ ସଜବାଜ କମାଇ ନାହିଁ ଏବଂ ପରିସ୍ଥିତି ବିଗିଡ଼ିଲେ ଯୁଦ୍ଧବିରତି ଶେଷ ହେବା ମାତ୍ରେ କଠୋର ପଦକ୍ଷେପ ନେବାକୁ ଚେତାବନୀ ଦେଇଛି । ଦୁଇ ସପ୍ତାହ ଯୁଦ୍ଧବିରତି ଘୋଷଣାକୁ ବିଶ୍ୱ ସ୍ତରରେ ସ୍ୱାଗତ କରାଯାଇଛି । ଭାରତ, କତର ଏବଂ ୟୁରୋପୀୟ ସଂଘ ଶାନ୍ତି ପ୍ରତିଷ୍ଠା ପାଇଁ ଆଶା ପ୍ରକଟ କରିଥିବା ବେଳେ ପୋପ୍ ଲିଓ ଏହାକୁ ମାନବଜାତି ପାଇଁ ଆଶାର କିରଣ ବୋଲି କହିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ଚୁକ୍ତିରେ ଲେବାନନକୁ ସାମିଲ କରିବା ପାଇଁ ଜୋର ଦେଇଛନ୍ତି, କାରଣ ଇସ୍ରାଏଲ ଏବେ ମଧ୍ୟ ଏହା ବିଭିନ୍ନ ସହର ସମେତ ଦକ୍ଷିଣ ଲେବାନନରେ ହେଜବୁଲ୍ଲା ବିରୋଧରେ ଆକ୍ରମଣ ଜାରି ରଖିଛି । ଏଭଳି ସ୍ଥିତିରେ ଇରାନ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ନିଜର ପୂର୍ଣ୍ଣ ବିଜୟ ଘୋଷଣା କରିବା ସହ ଆମେରିକାର ଶୋଚନୀୟ ପରାଜୟ ହୋଇଥିବା କହିଛି । ଇରାନର ସମସ୍ତ ପ୍ରମୁଖ ସର୍ତ୍ତକୁ ଆମେରିକା ଗ୍ରହଣ କରିଛି ବୋଲି ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଦାବି କରିଛନ୍ତି । ଆମେରିକା ମଧ୍ୟ ସର୍ତ୍ତ ଗ୍ରହଣ ନେଇ ସକାରାତ୍ମକ ସଙ୍କେତ ଦେଇଥିବାରୁ ଇସ୍ରାଏଲ ଓ ୟୁଏଇ ଭଳି ମିତ୍ର ଦେଶଗୁଡ଼ିକ ଆମେରିକାର ଏହି ପଦକ୍ଷେପକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । ସେମାନଙ୍କର ଭୟ ଯେ ଆମେରିକୀୟ ସେନା ପ୍ରତ୍ୟାହାର ହେଲେ ଅଞ୍ଚଳରେ ଏକ ସ୍ଥାୟୀ ଶକ୍ତି ଶୂନ୍ୟତା ସୃଷ୍ଟି ହେବ । ବର୍ତ୍ତମାନର ଯୁଦ୍ଧବିରତି ଘୋଷଣାର ସଫଳତା ଇସଲାମାବାଦରେ ହେବାକୁ ଥିବା ପରବର୍ତ୍ତୀ ଆଲୋଚନାର ଫଳାଫଳ ଉପରେ ମୁଖ୍ୟତଃ ନିର୍ଭର କରୁଛି । ୱାସିଂଟନ ପ୍ରକୃତରେ ଇରାନର ଦାବିଗୁଡ଼ିକୁ ପୂରଣ କରିବ କି ନାହିଁ, ସେଥିପାଇଁ ସାରା ବିଶ୍ୱ ଅପେକ୍ଷା କରିଛି ।ଯୁଦ୍ଧବିରତି ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ଇରାନର ଟୋଲ୍ ଆଦାୟ ପ୍ରସ୍ତାବ ଭବିଷ୍ୟତରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଛି ।

**AFFIDAVIT**

By virtue of an affidavit before the executive Magistrate Balasore, I, Aakanksha Sahu, aged 24 years, D/o- Banabihari Sahu (Father), Bilasini Sahu (Mother) residing At/Po- Kumbhai, P.s.- Baliapal, Dist- Balasore, D.O.B- 19/10/2001 declare that my correct name is "Aakanksha Sahu", D/o- Banabihari Sahu (Father), Bilasini Sahu (Mother) residing At/Po- Kumbhai, P.s.- Baliapal, Dist- Balasore, D.O.B- 19/10/2001 has been mentioned in my metric certificate, Aadhar Card, Bank Pass Book, Pan Card and other relevant documents. But my nick name i.e. "Sital Sahoo", has been mentioned in my LIC policy bond bearing Policy No- 588262666. Both Aakanksha Sahu and Sital Sahoo are one and same person.

Aakanksha Sahu

# ଓଡ଼ିଆ ପକ୍ଷ ପାଳନ ଅବସରରେ ନୀଳମଣି ମହାବିଦ୍ୟାଳୟରେ ରକ୍ତଦାନ ଶିବିର -୨୦୨୬




ରୂପ୍ସା, ୦୮/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ନୀଳମଣି ମହାବିଦ୍ୟାଳୟ ତରଫରୁ ଏପ୍ରିଲ ୧-୨୦୨୬ଠାରୁ ୧୪ତାରିଖ ପର୍ଯ୍ୟନ୍ତ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଉତ୍କଳ ଦିବସ, ଗଣ ଦୌଡ଼, ପରିସ୍କାର ପରିଛନ୍ନତା, ପରିବେଶ ସୁରକ୍ଷା, ଓଡ଼ିଆରେ ଲିଖନ ଅଭିଯାନ, ରକ୍ତ ଦାନ ଶିବିର, ଆସବହିଟିଏ କିଣିବା, ରୁଚିପୂର୍ଣ୍ଣ ଓଡ଼ିଆଖାଦ୍ୟ, ଓଡ଼ିଆ ଭାଷାର ମହୋନୀୟତା, ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଓଡ଼ିଆ ପକ୍ଷ ର ବିଶେଷ କାର୍ଯ୍ୟକ୍ରମ ରକ୍ତଦାନ ମହାପୂଣ୍ୟ ଆଜି ୮/୪/୨୬ ରିଖରେ ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ନୀଳମଣି ମହାବିଦ୍ୟାଳୟ ଓ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଉକ୍ତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ପୁରାତନ ଛାତ୍ର ସଂସଦର ମାନ୍ୟବର ସଭାପତି ଜୟନ୍ତ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦଘାଟନ କରିଥିବାବେଳେ ସମାଜ ସେବି ଶ୍ରୀଧର ବେହେରା ମୁଖ୍ୟବକ୍ତା ଭାବରେ ରକ୍ତଦାନ ମହାଦାନ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଶାରେ ରକ୍ତ ବିନା କେହି ମରିପାରିବେ ନାହିଁ ବୋଲି ସେ ମନ୍ତବ୍ୟ ରଖିଥିଲେ । ଛାତ୍ର ଛାତ୍ରୀ ଓ ସ୍ୱେଚ୍ଛା ସେବି ମାନେ ରକ୍ତ ଦାନ କରିଥିଲେ । ଓଡ଼ିଆ ପକ୍ଷ କମିଟି ର ସଂଯୋଜିକା କଳ୍ପନା ମଞ୍ଜରୀ ପାତ୍ର, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ବାସନ୍ତୀ ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଲାଖିରାମ ହାଁସଦା, ଭରତ ଦଳେଇ, ରଜତ ସେନାପତି, ରୁବିରାଣୀ ଦାସ, ଜୟନ୍ତ ମଲ୍ଲିକ, ନିରଞ୍ଜନ ମହାଲିକ, ଆଲୋକ ରଞ୍ଜନ ଦାସ, ସୂର୍ଯ୍ୟମଣୀ ନାୟକ, ଡ଼ ଶାନ୍ତନୁ ଜେନା, ଶ୍ରବଣ ନାୟକ, ଅମୀୟ ରଞ୍ଜନ ବେହେରା, ସତ୍ୟ ହାତୀ, ସତେନ୍ଦ୍ର ପାଲ, ବିଜୟ ବେହେରା, ପ୍ରମୁଖ ରକ୍ତ ଦାନର ମହତ୍ୱ ପ୍ରଦାନ କରିଥିଲେ । ଛାତ୍ରୀ ସ୍ମୃତି ସାଗରିକା, ଶ୍ରଦ୍ଧା, ସ୍ମାଇଲ, ସୁଭଦ୍ରା, ପ୍ରିୟଦର୍ଶିନୀ, ରିଙ୍କି ମାଇତି, ଆଦିଶ୍ରିତା ପ୍ରମୁଖ ରକ୍ତ ଦାନ ଶିବିରର ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ । ଏହି ପୁଣ୍ୟ ପରମ୍ପରା ଓଡ଼ିଆ ସଂସ୍କୃତିର ବାହକ ଏଥିରେ ସନ୍ଦେହ ନାହିଁ । ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ପଟ୍ଟପୁରୋଧା ଭାବରେ କାର୍ଯ୍ୟ କ୍ରମର ଶୁଭ ମନାସି ଥିଲେ ।

# ୩ ଦିନିଆ ମାଦଳ ମହୁରୀ ଉତ୍ସବ - ୨୦୨୬ ଉଦ୍‌ଘାଟିତ



ବାରିପଦା, ୦୮/୪ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ - ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ - ୨୦୨୬ ଉଦଘାଟିତ ହୋଇଯାଇଛି ଓ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଯୋଗଦେଇ ଆମ ଜିଲ୍ଲାର ଦୁଇ ବରପୁତ୍ର ଇ. ଅଶୋକ ବସା ଓ ଶିକ୍ଷାବିତ କିଶୋର କୁମାର ବସା, ଶିକ୍ଷାବିତ ପ୍ରୋ ମୋହିତ କୁମାର ଷଡ଼ଙ୍ଗୀ, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଉତ୍ସବର ସଫଳତା କାମନା କରିବା ସହ ଏହି ଉତ୍ସବରେ ମଞ୍ଚସ୍ଥ ହେଉଥିବା ନାଟକରେ ଯୁବ କଳାକାର ଓ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ ଓ ଏହି ଅବସରରେ ଉପସ୍ଥିତ ଅତିଥିଙ୍କୁ ତାଙ୍କର ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ ଓ ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ମନୋରଞ୍ଜନ ଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା ଓ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ 'ମହା ବିଭ୍ରାଟ' ନାଟକରେ ପ୍ରସନ୍ନ କୁମାର ମହାନ୍ତି, ସରୋଜ କୁମାର ଶତପଥି, ଘନଶ୍ୟାମ କର, ହିମାଂଶୁ ସାହୁ, ଜ୍ୟୋତିର୍ଜ୍ଜ୍ୟୋ ସେଠି ଓ କାର୍ତ୍ତିକ ଚନ୍ଦ୍ର ବେହେରା ଅଭିନୟ କରିଥିବା ବେଳେ ଲଭରଜିତ ସାହୁ ମଞ୍ଚ ଓ ଧରମଜିତ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ଓ ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ରାଜଧାନୀରେ କରୋନା ଠକ' ନାଟକରେ ଧନଞ୍ଜୟ, ପ୍ରେମଦୀପ, ଅବିନାଶ, ସିଦ୍ଧାର୍ଥ, ଜ୍ୟୋତିଶଙ୍କର ଓ କାକୋଳି ଅଭିନୟ କରିଥିଲେ । ଚିନ୍ମୟ ଶେଜପଡା ଓଡିଶୀ ନୃତ୍ୟ, ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କ ସଂଗୀତ ତଥା ନଂ - ୧ ଡ୍ୟାନ୍ସ ଏକାଡେମୀର କୁନି କଳାକାରଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା ।

୦୯ ଏପ୍ରିଲ ୨୦୨୬, ଗୁରୁବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଓଡିଆ ପକ୍ଷରେ ନୀଳଗିରି ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି , ୦୮/୪ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡିଆ ପକ୍ଷପାଳନ ଅବସରରେ ୟୁଥ୍ ରେଡ କ୍ରସ, ରେଡରିବନ୍ କ୍ଲବ୍, ଜାତୀୟ ସେବା ଶିବିର ଓ ସମ୍ବାଦ ଓଡ଼ିଶା ତରଫରୁ ମିଳିତ ଭାବରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁନର୍ବାର ନବନିଯୁକ୍ତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ , ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡା ଓ ନୀଳଗିରି ରକ୍ତଦାତା ସଂଘର ଚେୟାରମ୍ୟାନ ଶ୍ରୀଯୁକ୍ତ ବିଜୟ କୁମାର ପାତ୍ର ଉଦ୍ଘାଟନ କରିଥିଲେ । ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ମେଡ଼ିକାଲ ଟିମ୍ ଉକ୍ତ ରକ୍ତଦାନକୁ ସୁଚାରୁ ରୂପେ ସଂପନ୍ନ କରିଥିଲେ । ଏହି ରିତା ସିଂ, ସରୋଜିନୀ ନାୟକ, ସ୍ମିତିପ୍ରଜ୍ଞା ମହାନ୍ତି, ଦେବଯାନୀ ହାଁସଦା, ବନିତା ପ୍ରଧାନ, ସ୍ୱାଗତିକା ସ, ଅର୍ପିତ ସ୍ୱାଇଁ, ବିଜୟିନୀ ମଲ୍ଲିକ, ରମାଦେବୀ ସିଂ, ଅର୍ଚ୍ଚନା ବାଗ, ବନିତା ଧାନିକ, ଲକ୍ଷ୍ମୀମଣି ସିଂ, ସୁଲୋଚନା ସିଂ, ସସ୍ମିତା ଦାସ, ସରସ୍ୱତୀ ସିଂ, ଶ୍ରାବଣୀ କବି, ସୁଶ୍ରୀ ଯୁବରାଣୀ ରାଉତ୍, ମୋନାଲି ବିଶ୍ୱାଳ, ସୁଶାନ୍ତ ପରିଡ଼ା, ଅଭିଜିତ ପରିଡ଼ା, ହେମଲତା ବେହେରା, ସିଦ୍ଧାର୍ଥ ବିଶ୍ୱାଳ ଓ ତପସ୍ୱିନୀ ପଣ୍ଡା ଓ ତପନ କୁମାର ଦାସବାବୁ ଉପସ୍ଥିତ ରହି ଶିବିରରେ ୨୩ ୟୁନିଟ ରକ୍ତ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ୟୁଥ୍ ରେଡ କ୍ରସ ଓ ଜାତୀୟ ସେବା ଶିବିରର କାଉନସେଲର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଓ ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିଲେ ।




## ନାଗପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଉଦଳା, ୦୮/୪ (ନି.ପ୍ର): ଉଦଳା ସହରର ୱାର୍ଡ଼ ନଂ-୨ସ୍ଥିତ ନାଗପାଳ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଏପ୍ରିଲ ୮ ତାରିଖ ବୁଧବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ସାଧାରଣସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ଉଦଳାର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌରକିଶୋର ବିଷାଣି ସାଧାରଣସଭାରେ ଅଧକ୍ଷତା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର ବିବରଣି ପାଠ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଏବଂ ଗୋଷ୍ଠୀ ଶିକ୍ଷାଅଧିକାରୀ ଦୀପକ କୁମାର ମିଶ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଆମ ଦେଶର ଶିକ୍ଷା ଓ ଦର୍ଶନ କିପରି ସମଗ୍ର ବିଶ୍ୱବାସୀଙ୍କୁ ନୂଆ ଏକ ଦୁନିଆଁର ଆଲୋକ ଦେଖାଇଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧରେ ୱାର୍ଡ଼ ନଂ-୨ ଓ ୩ର କାଉନସିଲର ଯଥାକ୍ରମେ ଶରତଚନ୍ଦ୍ର ଦାସ ଓ ବିଶ୍ୱରଂଜନ ମୋଦି, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ମଂଜରି ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷି ମତଗଜ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ୧୯୭୨ ମସିହାରେ ସ୍ଥାପିତ ହୋଇଥିବା ନାଗପାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟ କିପରି ଆଜି ୫୪ ବର୍ଷ ବୟସରଙ୍କ ପଦାର୍ପଣ କରିଛି ଏହାର ବିସ୍ତୃତ ଇତିହାସ ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ବାର୍ଷିକ ଉତ୍ସବର ଯବନିକା ପଡ଼ିଥିଲା ।




## ଓଡ଼ିଆ ପକ୍ଷ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୦୮/୪ (ନି.ପ୍ର): ଓଡ଼ିଆ ପକ୍ଷ ୨୦୨୬ ଅବସରରେ ଆଜି ପୂର୍ବାହ୍ନ ୯.୩୦ ଘଟିକା ସମୟରେ ବାଲେଶ୍ୱର ପ୍ରଶାସନ ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଥିବା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ । ସେହି ସମୟରେ ତାଙ୍କ ସହିତ ମାନ୍ୟବର ବାଲେଶ୍ୱର ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲାପରିଷଦ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀଯୁକ୍ତ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ, ବାଲେଶ୍ୱର ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଓ ଜିଲ୍ଲା ହସ୍ପିଟାଲ୍‌ର ପ୍ରଶାସନିକ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ରକ୍ତଦାନ ଶିବିରକୁ ପରିଦର୍ଶନ କରିଥିଲେ ଏବଂ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତ ଦାନ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ଅମୂଲ୍ୟ କୁମାର ଦାସ ଓ ରକ୍ତ ଭଣ୍ଡାର ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁବ୍ ସୁରୁଖୁରୁରେ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତ ଦାତା ମାନେ ଖୁବ୍ ଆଗ୍ରହ ସହକାରେ ରକ୍ତ ଦାନ କରିଥିଲେ । ସମାଜସେବୀ ସଲିମ ରାଜା ଓ ଯୋଶଦା ନନ୍ଦନ ଆସ୍‌ଙ୍କ ସହିତ ଅନେକ ସ୍ୱେଚ୍ଛସେବୀ ସଂଗଠନର କର୍ମକର୍ତ୍ତା ମାନେ ଏବଂ ଜିଲ୍ଲା ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଆଜି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ଆଜି ଚାନ୍ଦିପୁରରେ ୧୫୭ ୟୁନିଟ, ଜଳେଶ୍ୱରରେ ୨୧ ୟୁନିଟ ଏବଂ ରୂପସାରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ତେଣୁ ଆଜି ସର୍ବ ମୋଟ ୨୪୪ ୟୁନିଟ ରକ୍ତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ସଂଗ୍ରହ କରାଯାଇଛି । ଓଡ଼ିଆ ପକ୍ଷ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସର୍ବମୋଟ ୮୩୭ ୟୁନିଟ ରକ୍ତ ସଂଗ୍ରହ କରିବାରେ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ସଫଳ ହୋଇଛି ।



## ଏସସିବିରେ ଯାଂଚ କଲେ କେନ୍ଦ୍ରୀୟ ତଦନ୍ତକାରୀ ଦଳ

ଭୁବନେଶ୍ୱର, ୦୮/୪ (ନି.ପ୍ର): କଟକ ଏସସିବିରେ କେନ୍ଦ୍ରୀୟ ତଦନ୍ତକାରୀ ଦଳ ପହଂଚିଛନ୍ତି। ନିକଟରେ ଟ୍ରମା ଆଇସିୟୁରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାର ଯାଂଚ ଲାଗି ୬ ଜଣିଆ କେନ୍ଦ୍ରୀୟ ଟିମ ଏସସିବି ଗସ୍ତ କରିଛନ୍ତି। ଏହି ଟିମ୍ ରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ , ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ , ଏନଡିଆରଏଫ୍, ଓସଡମା , ଭାରତ ସରକାରଙ୍କ ଅଗ୍ନିଶମ ଓ ସିଭିଲ ଡିଫେନ୍ସ ବିଭାଗ ପରାମର୍ଶଦାତା ସାମିଲ ହୋଇଛନ୍ତି।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ କୁଳପତିଙ୍କ ସହ ମୟୁରଭଞ୍ଜ କଲେଜ ଅଫ ଏକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷଙ୍କ ସୌଜନ୍ୟ ମୂଳକ ସାକ୍ଷାତ

ବାରିପଦା , ୦୮/୪ (ନି.ପ୍ର): ଆଜି ଅପରାହ୍ଣ ରେ ମୟୁରଭଞ୍ଜ କଲେଜ ଅଫ ଏକାଉଣ୍ଟେନସୀ ଆଣ୍ଡ ମ୍ୟାନେଜମେଣ୍ଟ ର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ନାୟକ ନୂତନ ଭାବେ ନିଯୁକ୍ତି ପାଇଥିବା କୁଳପତି ତାଙ୍କ ପ୍ରକୋଷ୍ଠ ରେ ଭେଟି ବୃକ୍ଷ ଚାରା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ଖୁବ ନିକଟରେ ରାଜ୍ୟ ସରକାର ଏକ କାଳୀନ ୧୪ ଟି ବିଶ୍ୱବିଦ୍ୟାଳୟ ରେ ନୂତନ କୁଳପତି ନିଯୁକ୍ତି ଦେଇଛନ୍ତି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରେ ପ୍ରଫେସର ଡ଼ ମହେନ୍ଦ୍ର କୁମାର ମହାନ୍ତିଙ୍କୁ ନିଯୁକ୍ତି ଦେଇଥିଲେ। ନୂତନ କୁଳପତି ପ୍ରଫେସର ଡ଼ ମହାନ୍ତି ଆଜି ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସର ରେ ମହାରାଜପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଏକାଉଣ୍ଟେନସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ନାୟକ କୁଳପତିଙ୍କ ନିଯୁକ୍ତି ସ୍ୱାଗତ କରି ସହ ତାଙ୍କ କାର୍ଯ୍ୟକାଳ ସମୟରେ ବିଶ୍ୱବିଦ୍ୟାଳୟ ଏକ ନୂତନ ସ୍ତର କୁ ଯିବା ସହ ଏକ ନୂତନ ଛାପ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଛନ୍ତି। କୁଳପତିଙ୍କ ସାକ୍ଷାତ ସମୟରେ ପରୀକ୍ଷା ନିୟନ୍ତ୍ରକ ଡ଼ ସୁବ୍ରତ କୁମାର ରଣା, ଉପ ପରୀକ୍ଷା ନିୟନ୍ତ୍ରକ ରମାକାନ୍ତ ମହାନ୍ତ, କୁଳସଚିବ ସୁମତି ସିଂହ ଓ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନର ସହଯୋଗୀ ପ୍ରଫେସର ତଥା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ଡ଼ ଦେବେଶ ଚନ୍ଦ୍ର ହୋତା ଉପସ୍ଥିତ ଥିଲେ। ସାକ୍ଷ୍ୟାତ ସମୟରେ ନୂତନ କୁଳପତି ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ର ଉଦେଶ୍ୟ ସାଧନ ସହ, ଧନ୍ଦାମୂଳକ ଶିକ୍ଷା କୁ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ସାକ୍ଷାତ ସମୟରେ କୁଳପତିଙ୍କ ସହ ଆଲୋଚନା ବେଶ ସାକାରତ୍ମକ ଥିଲା ବୋଲି ଅଧକ୍ଷ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।



## ବେଆଇନ ଗୋଚାଲାଣ: ଶ୍ରୀ ବଜରଙ୍ଗ ସେନାର ଏସପିଙ୍କୁ ଦାବିପତ୍ର

ଭଦ୍ରକ , ୦୮/୪ (ନି.ପ୍ର): ପ୍ରତିଦିନ ଯେଉଁ ଭଳି ଭାବେ ଅତି ଅକଥନୀୟ, ଅମାନବୀୟ, ବର୍ବରତାର ସହ ନୃଶଂସ ଭାବେ ବେଧଡ଼କ ଦିବା ରାତ୍ର ଗୋମାଫିଆ ଓ ଗୋଦଲାଲ ମାନେ ଗୌମାତାଙ୍କ ବେଆଇନ ଚାଲାଣ ଓ ହତ୍ୟା ସହ ଗୌରକ୍ଷକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି ତାହା ସମସ୍ତ ହିନ୍ଦୁ ମାନଙ୍କର ଧର୍ମୀୟ ଭାବନା ଓ ଭାବାବେଗକୁ ଗଭୀର ଭାବେ କ୍ଷତାକ୍ତ କରୁଛି । ଶ୍ରୀ ବଜରଙ୍ଗ ସେନା ଏକ ରାଷ୍ଟ୍ରୀୟ ସଙ୍ଗଠନ ଯାହା ପୁରା ଭାରତ ବର୍ଷରେ ଗୌମାତା ସୁରକ୍ଷା ନିମିତ୍ତ କାର୍ଯ୍ୟରତ ଅଛି । ଦୀର୍ଘ ଦିନ ହେବ ଭଦ୍ରକ ଜିଲ୍ଲାର ଅନେକ ଅଞ୍ଚଳରୁ ବେଆଇନ ଭାବେ ଗୌମାତାଙ୍କ ଚାଲାଣ ହେଉଥିବା ସହ କିଛି ଗୋଦଲାଲ ବେଆଇନ ଗୋଚାଲାଣକୁ ସହାୟତା କରୁଛନ୍ତି । ଉକ୍ତ ଗୋ ଦଲାଲ ଓ ବେଆଇନ ଗୌଚାଲାଣ ବିରୁଦ୍ଧରେ ଆଇନ୍ ଅନୁଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଙ୍ଗଠନର ଜିଲ୍ଲା ସାଧାରଣ ସମ୍ପାଦକ ଚିରଞ୍ଜିବୀ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉଲ୍ଲେଖଯୋଗ୍ୟ ନିକଟରେ ଭଦ୍ରକ ଏସପିଙ୍କ ନିର୍ଦ୍ଦେଶରେ ଗୋ ଚାଲାଣରେ ସଂପୃକ୍ତ ଗୋ ଦଲାଲଙ୍କ ଘରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିବା ସହ ବେ ଆଇନ ଭାବେ ବ୍ୟବହୃତ ହେଉଥିବା ବିଭିନ୍ନ ମାରଣାସ୍ତ୍ର, ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଜବତକୁ ସଙ୍ଗଠନ ପ୍ରଶଂସା କରିଛି ।



## ଶିକ୍ଷକ ସମନ୍ୱୟ ସମିତିର ପଞ୍ଚଦଶ ପ୍ରତିଷ୍ଠା ଦିବସ

### ■ଶିକ୍ଷକ ଜାଗ୍ରତ ହେଲେ ସମାଜ ପରିବର୍ତ୍ତନ ହୋଇପାରିବ

### ■୩୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାନପତ୍ର




ବାଲିଆପାଳ, ୦୮/୪ (ନି.ପ୍ର): ଶିକ୍ଷକ ମାନଙ୍କର ଥିବା ବିଭିନ୍ନ ସମସ୍ୟା ସରକାରଙ୍କ ପାଖରେ ପହଞ୍ଚାଇବା, ଶିକ୍ଷକ ମାନଙ୍କ ମଧ୍ୟରେ ଏକତାକୁ ବଜାୟ ରଖିବା, ପୂଜ୍ୟପୂଜାର ସଂସ୍କୃତିକୁ ଦ୍ୱିଗୁଣିତ କରିବା, ଶିକ୍ଷକ ବର୍ଗୀକରଣର ସମାନତା ରକ୍ଷା କରି ଶିକ୍ଷକଙ୍କୁ ଚାପ ମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଶିକ୍ଷକ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସରେ ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ବ୍ଲକରେ ବିଭିନ୍ନ ବିଦ୍ୟାଳୟରୁ ନେଇଥିବା ୩୭ ଜଣ ଅବସରପ୍ରାପ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା । ସମିତିର ସଭାପତି ବିଶ୍ୱମ୍ଭର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଧ୍ରୁବ ଚରଣ ସଂସ୍କୃତ କଲେଜର ଅଧକ୍ଷ ପ୍ରୀୟବ୍ରତ ପଣ୍ଡା, ସମ୍ମାନୀତ ଅତିଥି ଭାବେ , ଅତିରିକ୍ତ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ। ଅନ୍ନପୂର୍ଣ୍ଣା ପ୍ରଧାନ, ସମିତିର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଆଦିତ୍ୟ କୁମାର ରାଉତ, ମନ୍ମଥ କୁମାର ବିଶ୍ୱାଳ, ପ୍ରଭାତ ରଞ୍ଜନ ସାହୁ, ସମିତିର ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ସଦସ୍ୟ ସିଆରସିସି ଯଶୋବନ୍ତ ଜେନା, ଶିକ୍ଷକ ପ୍ୟାରିମୋହନ ବିଶ୍ୱାଳ, ସୁବାଷ ଚନ୍ଦ୍ର ଭଞ୍ଜ, ଦିଲ୍ଲୀପ କୁମାର ସାହୁ, ଶିବଶଙ୍କର ମୁଜୁମଦାର ମଞ୍ଚାସିନ ଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ମନ୍ତ୍ରପାଠ କରିଥିବା ବେଳେ ନିତାଇ ଚରଣ ରାଉଳ ଅତିଥି ପରିଚୟ ଏବଂ ମଞ୍ଚ ଆହ୍ୱାନ କରିଥିଲେ। ବ୍ୟୋମକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ନବ ନିଯୁକ୍ତ ସିଆରସିସି ମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇ ଥିଲା । ଶିକ୍ଷକ ବିଜୟ କୁମାର ବାରିକ, ସନ୍ତୋଷ କୁମାର ଜେନା, ଉତ୍ତମ କୁମାର ପାତ୍ର, ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ର କୁମାର ପଣ୍ଡା ସମେତ ଗଦାଧର ଗିରି ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବେଆଇନ ତାଳଗଛ କଟାକୁ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ବିରୋଧ

ନୀଳଗିରି, ୦୮/୪ (ନି.ପ୍ର): ନୀଳଗିରି ଗୋପିନାଥପୁରରେ ଥିବା ଗ୍ରାମୀଣ ଉଦ୍ୟୋଗ ପାର୍କ ପରିସରରେ କିଛି ଗ୍ରାମବାସୀ ବେଆଇନ ଭାବେ ଏକ ତାଳ ଗଛ କାଟି ଦେଇଥିବା ବେଳେ ଅନ୍ୟ ଏକ ତାଳ ଗଛର ଅଗ୍ରଭାଗକୁ ମଧ୍ୟ କାଟି ପକାଇଥିଲେ। ଗ୍ରାମୀଣ ଉଦ୍ୟୋଗ ପାର୍କ ର ସଭାନେତ୍ରୀ କଣ ପାଇଁ ତାଳ ଗଛ କାଟୁଛ ବୋଲି ପ୍ରତିବାଦ କରିବାରୁ ଆମେ ଗଛ କାଟିବା ପାଇଁ ନିର୍ଦ୍ଦେଶ ପାଇଥିବାର ପ୍ରକାଶ କରିଥିଲେ। ଏନେଇ ସଭାନେତ୍ରୀ ସଙ୍ଗେ ସଙ୍ଗେ ବାଲେଶ୍ୱର ସାଂସଦଙ୍କୁ ଜଣାଇବା ପରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଘଟଣା ସ୍ଥଳରେ ପହଞ୍ଚି ତାଳ ଗଛ କଟା ଯାଇଥିବାର ଦେଖିବାକୁ ପାଇଲା ପରେ ତୁରନ୍ତ ନୀଳଗିରି ବନ ବିଭାଗ, ପୋଲିସ, ନିର୍ବାହୀ ଅଧିକାରୀ, ଙ୍କୁ ଘଟଣା ସ୍ଥଳକୁ ଡ଼କାଇଥିଲେ। ବନ ବିଭାଗ ପକ୍ଷରୁ କଟା ଯାଇଥିବା ତାଳ ଗଛର ମାପ ଚୁପ କରିବା ସହ ଏହି ଗଛ କଟାରେ ଯୋଉ ମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନ ବିଭାଗକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସ୍ଥାନରେ ଏକ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ନିର୍ମାଣ ହେବାକୁ ଥିବାବେଳେ ତଳ ଗଛଟି କାଳେ ବାଧକ ସାଜିଥିଲା, ସେଥି ପାଇଁ କଟା ଯାଇଥିବାର ଶୁଣିବାକୁ ମିଳୁଛି। ମାତ୍ର ତାଳ ଗଛ ଲଗାଇବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରଚଳନ କରିଥିବା ବେଳେ କୌଣସି ଆଦେଶ ନ ଆଣି କାଟିବା ଚୋରି କରିବା ସହ ସମାନ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।



## ଛିଡା ହୋଇଥିବା କଣ୍ଟେନରକୁ ଧକ୍କା ଦେଇ ଦୁଇ ଗୁରୁତର

ବସ୍ତା, ୦୮/୪ (ନି.ପ୍ର): ଛିଡା ହୋଇଥିବା କଣ୍ଟେନରକୁ ଧକ୍କା ଦେଇ ଦୁଇ ଜଣ ଗୁରୁତର। ଘଟଣାରୁ ପ୍ରକାଶ ଏହି କଇ ଯେ, ଆଜି ଦିନ ଚାରିଟା ସମୟରେ ଶ୍ରୀରାମପୁର ପଞ୍ଚାୟତର ପୁରାଣ ଗ୍ରାମର ଜୟକୃଷ୍ଣ ଜେନା ଏବଂ ତାଙ୍କର ପୁତ୍ର ଯୁଧିଷ୍ଠିର ଜେନା ସ୍କୁଟି ଯୋଗେ ବସ୍ତା ବଜାର ଆସୁଥିବା ବେଳେ,ବାହାର୍ଦା ଥାନା ସମ୍ମୁଖରେପୋଲିସ ଦ୍ୱାରା ଜବତ ହୋଇରହିଥିବା କଣ୍ଟେନର ପଛକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳ ରେ ବାପ ପୁଅ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା କ୍ରମେ ଉଭୟଙ୍କୁ ବସ୍ତା ଚିକିତ୍ସାଳୟ କୁ ପଠାଯାଇ ଥିବା ବେଳେ ଅଧିକ ଗୁରୁତର ଥିବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ବସ୍ତା ଥାନା ସମ୍ମୁଖରେ ଗାଡି ଗୁଡିକ ରାସ୍ତା ଉପରେ ସର୍ବଦା ଛିଡା ହୋଇ ରହୁଥିବାରୁ ଦୃଘଟଣା ମାନ ଘଟୁ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।



## ଅଜଣା ବାଇକ ଧକ୍କାରେ ସ୍କୁଟି ଆରୋହୀ ଗୁରୁତର

ବୈଶିଙ୍ଗା , ୦୮/୪ (ନି.ପ୍ର): ବୁଧବାର ସନ୍ଧ୍ୟାରେ ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ବଗଲପୁର ଛକ ନିକଟରେ ଏକ ସ୍କୁଟିରେ ମାଆ ଓ ପୁଅ ଦୁଇ ଜଣ ଆସୁଥିବା ବେଳେ ଆଉ ଏକ ବାଇକ ଆରୋହୀ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ଘଟଣାରୁ ପ୍ରକାଶ ରୁପସା - ବାଖରାବାଦ ଗ୍ରାମର ସ୍ୱର୍ଗତ ନାରାୟଣ ବାଗ ଙ୍କ ସ୍ତ୍ରୀ ତୁଳସୀ ଦାସ ଏବଂ ପୁତ୍ର ଜୀବନ ବାଗ ନିଜର ସ୍କୁଟି ନଂ ଓଡି ୦୧ ଏଭି -୦୬୪୫ ରେ ବାରିପଦା ରୁ ରୁପସା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ରାସ୍ତାରେ ଆସୁଥିବା ପତଡା ଗ୍ରାମର ଅମର ପଞ୍ଚା ଏହି ଦୁଇ ଜଣଙ୍କୁ ଏକ ଅଟୋ ଯୋଗେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କର ପରିବାର ଲୋକେ ଡାକ୍ତରଖାନା ପହଞ୍ଚି ଉନ୍ନତ ଚିକିତ୍ସା ପାଇଁ ନେଇ ଯାଇଥିଲେ ।

## ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ଫୁଲମଣି'

ଉଦଳା, ୦୮/୪ (ନି.ପ୍ର): ଖୁଂଟା ବ୍ଲକର କରକଟିଆ ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବାସିନ୍ଦା ବିଧବା ମା' ଫୁଲମଣି ହେମ୍ବ୍ରମ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ତାଙ୍କର ସ୍ୱାମୀ ପାଣ୍ଡୁଆ ହେମ୍ବ୍ରମଙ୍କର ଆଜକୁ ଗୋଟିଏ ବର୍ଷ ପୁର୍ବେ ଦେହାନ୍ତ ହୋଇଯାଇଥିବାର କଥା କହିଛନ୍ତି । ଦିନମଜୁରିଆ ଭାବେ କାମ କରି 'ଫୁଲମଣି' ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି । ଭତା ପାଇବା ପାଇଁ 'ଫୁଲମଣି' ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ଉକ୍ତ ବିଧବା ମା'ଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଭତା ଯୋଗାଇଦେବାକୁ ସ୍ୱେଚ୍ଛାସେବୀ କୈଳାଶ ଚନ୍ଦ୍ର ନାୟକ ଅନୁରୋଧ ଜଣାଇଛନ୍ତି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida